


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୧୫ ● ୧୦ ଫେବୃୟାରୀ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-15 ● 10th February 2024, Saturday ● Bhubaneswar | Licensed to post without pre-payment of postage No- BN-60/22-24







# ଶେଷ ହେଲା ବିଧାନସଭା ଅଧିବେଶନ

ଭୁବନେଶ୍ୱର, ୯।୨
ନ୍ୟୁଜ୍ ବ୍ୟୁରୋ

ଷୋଡ଼ଶ ଓଡ଼ିଶା ବିଧାନସଭାର ପଞ୍ଚଦଶ ଅଧିବେଶନ ଶୁକ୍ରବାର ସମାପ୍ତ ହୋଇଛି। ଗତ ୫ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଅଧିବେଶନକୁ ବାଚସ୍ପତି ପ୍ରମିଳା ମଲ୍ଲିକ ଶୁକ୍ରବାର ସନ୍ଧ୍ୟା ୬ ଟା ୨୯ ମିନିଟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଏହା ଥିଲା ଓଡ଼ିଶା ବିଧାନସଭାର ଶେଷ ଅଧିବେଶନ। ଶୁକ୍ରବାର ଅଧିବେଶନ ସରୁଥିବାରୁ ବିଧାୟକମାନଙ୍କ ମଧ୍ୟରେ ଉତ୍କଣ୍ଠା ଓ ବ୍ୟଗ୍ରତା ପ୍ରକାଶ ପାଇଥିଲା ଏବଂ ଅନେକ ଭାବବିହ୍ୱଳ ହୋଇପଡିଥିଲେ। ବିଧାନସଭା ଗୃହରୁ ବିଦାୟନେବା ପୂର୍ବରୁ ସେମାନେ ପରସ୍ପରକୁ ନମସ୍କାର, ଶୁଭେଚ୍ଛା ଜଣାଇବା ସହ ପୁଣି ଆରଥରକୁ ନିର୍ବାଚିତ ହେଲେ ଦେଖାହେବ ବୋଲି ଜଣାଇଥିଲେ।



ବାଚସ୍ପତିଙ୍କ ପୂର୍ବ ଘୋଷଣା ଅନୁସାରେ ଅପରାହ୍ନ ୪ଟା ୩୦ ମିନିଟ୍‌ରେ ବିଧାନସଭା ପ୍ରକୋଷ୍ଠ ସମ୍ମୁଖ ଭାଗରେ ଫଟୋ ସେସନ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଚସ୍ପତି, ଉପବାଚସ୍ପତି, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀମଣ୍ଡଳ ସଦସ୍ୟଗଣ ଏବଂ ବିଧାୟକ-ବିଧାୟିକାମାନେ ସମବେତ ହୋଇଥିଲେ। ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଧାର୍ଯ୍ୟ ହୋଇଥିବା ଏହି ଅଧିବେଶନର ୫ଟି ବୈଠକ ଦିବସ ସମ୍ପାଦିତ ହେବା ପରେ ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନଥିବା ଦର୍ଶାଇ ସରକାରୀ ଦଳ ପକ୍ଷରୁ ଅଧିବେଶନକୁ ମୁଲତବୀ କରିବା ଲାଗି ବିଧିବଦ୍ଧ ପ୍ରସ୍ତାବ ଆଗତ ହୋଇଥିଲା। ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଏ ସଂକ୍ରାନ୍ତ ପ୍ରସ୍ତାବ ଆଗତ କରିବା ପରେ ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀ, ଶଶୀଭୂଷଣ ବେହେରା ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରସ୍ତାବରେ ସହମତ ପ୍ରକାଶ କରିଥିଲେ। ଏହା ପରେ ବାଚସ୍ପତି ପ୍ରମିଳା ମଲ୍ଲିକ ଭାଲିଡେଟୋରୀ ବା ସ୍ୱସ୍ତିବାଚକ ପାଇଁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀଙ୍କୁ ଡାକିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାରମ୍ପରିକ ବିଦାୟକାଳୀନ ଅଭିଭାଷଣରେ କହିଥିଲେ ଷୋଡ଼ଶ ଓଡ଼ିଶା ବିଧାନସଭାର ପଞ୍ଚଦଶ ଅଧିବେଶନ କାଳରେ ଗୃହ ୫ଟି କର୍ଯ୍ୟଦିବସ ସମ୍ପାଦିତ ହୋଇଛି। ଏହି ସଂକ୍ଷିପ୍ତ ଅଧିବେଶନ କାଳରେ ରାଜ୍ୟପାଳଙ୍କ ଅଭିଭାଷଣ, ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଓ ପାରିତ ହୋଇଥିଲା। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଲେଖାନୁଦାନ ବି ପାରିତ ହୋଇଛି। ରାଜ୍ୟର ବିକାଶରେ ୧୬ତମ ବିଧାନସଭା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଘଟଣା ବହୁଳ ଓ ସ୍ମରଣୀୟ ଥିଲା ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିବା ସହ ଏହି ଅଧିବେଶନ କାଳରେ ଗୃହର ସୁପରିଚାଳନା ପାଇଁ ବାଚସ୍ପତି, ଉପବାଚସ୍ପତି ଓ ପ୍ୟାନେଲ ଅଫ୍ (ପୃଷ୍ଠା ୭ରେ)

# ବିଧାନସଭାରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ

ଭୁବନେଶ୍ୱର, ୯।୨
ନ୍ୟୁଜ୍ ବ୍ୟୁରୋ



୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ଚାରି ମାସ ପାଇଁ ୧ ଲକ୍ଷ ୧୮ ହଜାର କୋଟି ଟଙ୍କାର ବ୍ୟୟମଞ୍ଜୁରୀ (ଲେଖାନୁଦାନ) ଶୁକ୍ରବାର ବିଧାନସଭାରେ ପାରିତ ହୋଇଛି। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଦ୍ୱାରା ଗୃହର ବିଚାର ଓ ପାରିତ ପାଇଁ ଉପସ୍ଥାପିତ ବ୍ୟୟମଞ୍ଜୁରୀ ବିଲ୍ ଉପରେ ଦୀର୍ଘସମୟ ଧରି ଗୃହରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ବିଜେପିରୁ ବିଧାୟକ ମୋହନଚରଣ ମାଝୀ, ମୁକେଶ ମହାଲୀଙ୍ଗ ଏବଂ ଶାସକ ଦଳରୁ ବିଧାୟକ ଅମର ପ୍ରସାଦ ଶତପଥୀ, ଶଶୀଭୂଷଣ ବେହେରା, ଭୂପିନ୍ଦର ସିଂହ, ଲତିକା ପ୍ରଧାନ ଓ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର, ଅଧିରାଜ ପାଣିଗ୍ରାହୀ, ତାରାପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ ପ୍ରମୁଖ ଭାଗ ନେଇଥିଲେ। ଆଲୋଚନାର ଉତ୍ତର ଦେଇ ଅର୍ଥମନ୍ତ୍ରୀ ଶ୍ରୀ ଆରୁଖ କହିଥିଲେ ଯେ, ରାଜ୍ୟ ସରକାର ବିଭିନ୍ନ ବିକାଶମୂଳକ କାଯ୍ୟକ୍ରମ ପାଇଁ ଚଳିତ ବଜେଟ୍‌ରେ ଅର୍ଥ ବ୍ୟବସ୍ଥା କରିଛନ୍ତି। ୨୦୦୫-୦୬ ମସିହାରୁ ଏପର୍ଯ୍ୟନ୍ତ ଓଡ଼ିଶା ରାଜସ୍ୱ ବଳକା ରାଜ୍ୟ ଭାବେ ତାରସ୍ଥିତି ବଜାୟ ରଖିପାରିଛି। ଦୃଢ ଆର୍ଥିକ ଶୃଙ୍ଖଳା ଓ ପରିଚାଳନା ଯୋଗୁ ଏହା ସମ୍ଭବ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ଓ ଭିତ୍ତିଭୂମି ଉନ୍ନୟନ ଉପରେ ବଜେଟ୍‌ରେ ଗୁରୁତ୍ୱ ଦିଆଯାଇଛି। ଏକ ସଶକ୍ତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ରହିଥିବାରୁ ବିଭିନ୍ନ ବିକାଶ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରିଛି। ରାଜନୈତିକ ସ୍ଥିରତା ଓ ଶୃଙ୍ଖଳା ଯୋଗୁ ଓଡ଼ିଶା ରାଜ୍ୟ ପ୍ରଗତି କରିଚାଲିଛି। ରାଜ୍ୟର ଋଣ ଭାର ପୋଷଣୀୟ ସ୍ତରରେ ରହିଛି। ତେବେ ବିକାଶ କାର୍ଯ୍ୟକ୍ରମ ପାଇଁ ଯେଉଁ ଋଣ ଆସୁଛି ତାହାକୁ ସେହି କାର୍ଯ୍ୟରେ ବିନିଯୋଗ କରାଯାଉଛି ବୋଲି ଅର୍ଥମନ୍ତ୍ରୀ କହିଥିଲେ। ତେବେ ଅର୍ଥମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିଜେପି ବିଧାୟକମାନେ କକ୍ଷ ତ୍ୟାଗ କରିଥିଲେ। ଏହା ପରେ ବାଚନିକ ଭୋଟ୍‌ରେ ବ୍ୟୟମଞ୍ଜୁରୀ ବିଲ୍‌କୁ ବାଚସ୍ପତି ଗୃହୀତ କରାଇନେଇଥିଲେ।

## ସେବା ପାଇଁ ସର୍ବୋଚ୍ଚ ସମ୍ମାନ : ଚୌଧୁରୀ ଚରଣ ସିଂହ, ଏମ୍.ଏସ ସ୍ୱାମୀନାଥନ ଓ ନରସିଂହ ରାଓଙ୍କୁ ଭାରତ ରତ୍ନ



ନୂଆଦିଲ୍ଲୀ, ୯।୨

ଭାରତର ସର୍ବୋଚ୍ଚ ପୁରସ୍କାର ଘୋଷଣା ହୋଇଛି। ଲାଲ କୃଷ୍ଣ ଆଡଭାନୀଙ୍କ ପରେ ଆଉ ୩ଜଣଙ୍କୁ ମିଳିବ ଭାରତ ରତ୍ନ । ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ, ସବୁଜ ବିପ୍ଲବ ଜନକ ଡକ୍ଟର ଏମ. ଏସ ସ୍ୱାମୀନାଥନ ଏବଂ ପି.ଭି. ନରସିଂହ ରାଓଙ୍କୁ ମିଳିବ ଭାରତ ରତ୍ନ। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସରେ ଟ୍ୱିଟ ସୂଚନା ଦେଇଛନ୍ତି। ରାଜନୀତି ଓ ସମାଜ ସେବା କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ ପାଇଁ ଏହି ସର୍ବୋଚ୍ଚ ସମ୍ମାନ ମିଳିବ।


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ୨୦୨୪ ନିର୍ବାଚନରେ ଭୋଟ ଦେବେ ୯୬.୮୮ କୋଟି



ନୂଆଦିଲ୍ଲୀ, ୯।୨

ଆଗାମୀ ସାଧାରଣ ନିର୍ବାଚନରେ ୯୬.୮୮ କୋଟି ଲୋକ ମତଦାନ କରିବା ପାଇଁ ପଞ୍ଜୀକୃତ ହୋଇଛନ୍ତି ବୋଲି ନିର୍ବାଚନ ଆୟୋଗ ଘୋଷଣା କରିଛନ୍ତି । ଏଥିସହ ୧୮ରୁ ୨୯ ବର୍ଷ ବୟସ ବର୍ଗର ୨ କୋଟିରୁ ଅଧିକ ଯୁବ ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରାଯାଇଛି।

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଦୀର୍ଘ ମାସ ଧରି ଚାଲିଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୪ର ପ୍ରୟାସ ପରେ (ପୃଷ୍ଠା ୭ରେ)

# ଅସୁସ୍ଥ ସୁଜ୍ଞାନ କୁମାରୀ ଦେଓଙ୍କୁ ଭେଟିବାକୁ ଚେନ୍ନାଇ ଗଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୯।୨
ନ୍ୟୁଜ୍ ବ୍ୟୁରୋ

ବିଶିଷ୍ଟ ରାଜନୀତିଜ୍ଞ ତଥା ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସଂଧ୍ୟାରେ ଚେନ୍ନାଇ ଗସ୍ତରେ ଯାଇଛନ୍ତି। ତାଙ୍କ ସହିତ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ ଭି କାର୍ତ୍ତିକ ପାଣ୍ଡିଆନ ଏବଂ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ମଧ୍ୟ ଚେନ୍ନାଇ ଯାଇଛନ୍ତି।

ସୂଚନାଯୋଗ୍ୟ ଯେ ସୁଜ୍ଞାନ କୁମାରୀ ଦେଓ ଅସୁସ୍ଥ ହୋଇ ବର୍ତ୍ତମାନ ଚେନ୍ନାଇର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଶ୍ରୀମତୀ ଦେଓ ବିଜୁ ଜନତା ଦଳର ଜଣେ ବରିଷ୍ଠ ନେତ୍ରୀ ଏବଂ ସେ ୧୦ ଥର ବିଧାୟିକା ଭାବରେ ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରିଛନ୍ତି । ଖଲ୍ଲିକୋଟ ରାଣୀ ଭାବେ ମଧ୍ୟ ସେ ସୁପରିଚିତ । ଏଭଳି ଜଣେ ନିରଙ୍କୁଶ ନେତ୍ରୀଙ୍କ ପାଇଁ ସାରା ଓଡ଼ିଶାର ଜନମାନସ ତାଙ୍କ ସୁସ୍ଥତା ଲାଗି ଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରିଛନ୍ତି।

# ସ୍କଟଲ୍ୟାଣ୍ଡରୁ ମିଳିଲା ଉଡ଼ନ୍ତା ଡାଇନୋସରର ଅବଶେଷ



ନୂଆଦିଲ୍ଲୀ, ୯।୨

ଡାଇନୋସୋରଙ୍କ ଅସ୍ତିତ୍ୱକୁ ନେଇ ସବୁବେଳେ ରହସ୍ୟ ଦେଖିବାକୁ ମିଳିଛି । କୁହାଯାଏ ପ୍ରାୟ ୧୬୬ ନିୟୁତ ବର୍ଷ ପୂର୍ବେ ଏହି ଡାଇନୋସର ପୃଥିବୀରେ ରହୁଥିଲେ। ହେଲେ ଧୀରେ ଧୀରେ ଏମାନେ ସଂପୂର୍ଣ୍ଣ ଭାବରେ ଲୋପ ପାଇଯାଇଥିଲେ। ତେବେ ବର୍ତ୍ତମାନ ଡାଇନୋସରକୁ ନେଇ କିଛି ଖୁଲାସା କରିଛନ୍ତି ବୈଜ୍ଞାନିକମାନେ। ବୈଜ୍ଞାନିକମାନେ ଦାବି କରିଛନ୍ତି ଯେ, ସେମାନେ ସ୍କଟଲ୍ୟାଣ୍ଡର ସ୍କାଇରୁ ଡେଣାଥିବା ଡାଇନୋସରର କଙ୍କାଳ ଆବିଷ୍କାର କରିଛନ୍ତି । ବଡ଼ କଥା ହେଉଛି ଏହି ଡାଇନୋସର ମୁଳତଃ ଚୀନର ବୋଲି କୁହାଯାଏ। ଫେବୃୟାରୀ ୫ରେ ଜର୍ଣ୍ଣାଲ ଅଫ ଭର୍ଟିବ୍ରେଟ ପାଲେଓଣ୍ଟୋଲୋଜୀରେ ଏହି ଆବିଷ୍କାର ବିଷୟରେ ପ୍ରକାଶିତ ହୋଇଛି। ଗବେଷକ ଦାବି କରିଛନ୍ତି ଯେ, (ପୃଷ୍ଠା ୭ରେ)








# ଜିଲ୍ଲା ସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଆଶିଷଙ୍କ ସଫଳତା




**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ମୁର୍ଗାବାଡି ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲା ସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ - ୨୦୨୪ରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଆଶିଷ ବିଶ୍ୱାଳ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଆଶିଷ ବର୍ତ୍ତମାନ ବାରିପଦାର ୧୫ ନଂ ୱାର୍ଡ ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୮ମ ଶ୍ରେଣୀର ଛାତ୍ର । ସେ ବ୍ଲକ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଉଦଳା ଅଞ୍ଚଳର କୁଣ୍ଡାବାଇ ନିକଟସ୍ଥ ବଳଭଦ୍ରପୁର ଗ୍ରାମର ଚନ୍ଦ୍ରମଣି ବିଶ୍ୱାଳ ଓ ମାଳତୀ ବିଶ୍ୱାଳଙ୍କ ପୁତ୍ର ଦ୍ୱିତୀୟ ଶ୍ରେଣୀରେ ପଢୁଥିବାବେଳେ ମା'ଙ୍କ ଦେହାନ୍ତ ପରେ ପାଠ ପଢ଼ା ଛାଡିଦେଇଥିଲେ । ଜୁଆଳିଆ ବିଦ୍ୟାଳୟର ଲିପି ଦିଦି ତାକୁ ଆଣି ନିଜ ବିଦ୍ୟାଳୟରେ ନାମ ଲେଖି ହଷ୍ଟେଲରେ ରଖିଦେଇଥିଲେ । ପରବର୍ତ୍ତୀ ସମୟରେ ପୂର୍ଣ୍ଣଚନ୍ଦ୍ର ପୁର ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇ ହଷ୍ଟେଲରେ ରହି ପାଠ ପଢିଆସୁଛନ୍ତି । ତାଙ୍କ ଭିତରେ ଥିବା ପ୍ରତିଭାକୁ ଲକ୍ଷ୍ୟ କରି ତାର ବିକାଶ ପାଇଁ ପ୍ରଧାନ ଶିକ୍ଷକ ସୋମନାଥ ସିଂହ ବିଦ୍ୟାଳୟର କଳା ଶିକ୍ଷକ ମହେଶ୍ୱର ମାରାଣ୍ଡିଙ୍କୁ ଦାୟିତ୍ୱ ଦେଇଥିଲେ । ତାପରଠାରୁ ଆଶିଷ ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ବହୁବାର ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ତତ୍‌ସହିତ ତାଙ୍କ ନିର୍ମିତ ଗଣେଶ ଓ ସରସ୍ୱତୀ ମୂର୍ତ୍ତି ବିଦ୍ୟାଳୟରେ ପ୍ରତିବର୍ଷ ପୂଜା ପାଆନ୍ତି । ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ / ଶିକ୍ଷୟିତ୍ରୀ, ସ୍ଥାନୀୟ ଜନସାଧାରଣ ସମେତ ବାରିପଦା ବ୍ଲକ ଶିକ୍ଷା ବିଭାଗ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଗୋବିନ୍ଦପୁର ପର୍ଯ୍ୟନ୍ତ 'ମୋ ବସ୍' ଚଳାଚଳ ପାଇଁ ଦାବି

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ଦୈତ ନଗରୀ ଗୋଟିଏ ପଟେ ଭୁବନେଶ୍ୱର ସ୍ମାର୍ଟ ସିଟି ଏବଂ ଅନ୍ୟ ପଟେ ରୌପ୍ୟ ନଗରୀ କଟକକୁ ସଂଯୋଗର ମାଧ୍ୟମ ସ୍ଥଳ ଭାବେ ପରିଚିତ ବାରଙ୍ଗ ଅଞ୍ଚଳ ବର୍ତ୍ତମାନ ଏକ ପ୍ରମୁଖ ଯୋଗାଯୋଗ ଅଞ୍ଚଳ ଭାବେ ପରିଗଣିତ। ହେଲେ ଦୀପ ତଳ ଅନ୍ଧାର ଭଳି ଅନେକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ଏଠାକାର ଜନସାଧାରଣ । ଜନସାଧାରଣଙ୍କ ଯାତାୟାତରେ ସୁଗମ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱରରୁ ବାରଙ୍ଗ, ଓମ୍‌ଫେଡ ପ୍ଲାଣ୍ଟ ଭାୟା ନରାଜ ଦେଇ ନରାଜ ମାର୍ଥାପୁର ରେଳ ଷ୍ଟେସନ ପର୍ଯ୍ୟନ୍ତ 'ମୋ ବସ' ଯାତାୟାତ କରୁଛି । ପୁଣି ସେହି ମାର୍ଗରେ ଏହି ମୋ ବସ୍‌ଟି ଫେରି ଆସୁଛି । ହେଲେ କେନ୍ଦ୍ର ସରକାରଙ୍କ ଦୁଇ ଦୁଇଟି ପ୍ରମୁଖ ପ୍ରତିଷ୍ଠାନ ଏନଡିଆରଏଫ ଏବଂ ସିଆଇଏସଏଫ ରହିଥିଲେ ସୁଦ୍ଧା ମୋ ବସ୍ ଯାତାୟାତ ହେଉନାହିଁ । ନବୋଦୟ ବିଦ୍ୟାଳୟ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟ ସେହି ଅଞ୍ଚଳରେ ରହିଛି । ବିଭିନ୍ନ ପ୍ରତିଷ୍ଠିତ ବିଦ୍ୟାଳୟ ମହାବିଦ୍ୟାଳୟ ଆଦି ରହିଅଛି । ସେହିଭଳି ରାମଦାସପୁର ଶିକ୍ଷାଞ୍ଚଳ ରହିଛି । ଦିନକୁ ଦିନ ଏହି ଅଞ୍ଚଳରେ ଅନେକ ଶିକ୍ଷାନୁଷ୍ଠାନ ଗଢି ଉଠୁଛି । ପ୍ରତିଦିନ ହଜାର ହଜାର ସଂଖ୍ୟକ ଶ୍ରମଜୀବୀ ଏହି ସ୍ଥାନମାନଙ୍କୁ ଗୁଜୁରାଣ ମେଣ୍ଟାଇବା ପାଇଁ ଆସିଥାନ୍ତି । ହେଲେ କୌଣସି ଯାତାୟାତ ସୁବିଧା ନଥିବାରୁ ଶ୍ରମଜୀବୀ ଠୁ ଆରମ୍ଭ କରି ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ବାଙ୍କୀ, ଆଠଗଡ଼ ଆଦି ଅଞ୍ଚଳର ଲୋକେ ଯାତାୟାତ ପାଇଁ ଉକ୍ତ ମାର୍ଗ ଉପରେ ନିର୍ଭର କରୁଥିଲେ ହେଁ ଅଧିକାଂଶ ଯାନବାହାନ ଗୋବିନ୍ଦପୁର ଛକ ଠାରୁ ମୁଣ୍ଡଳୀ ବ୍ୟାରେଜ ଦେଇ ଯାତାୟାତ କରୁଅଛି । ସେହିପରି କଟକରୁ ସିଡିଏ ଦେଇ ନରାଜ ପର୍ଯ୍ୟନ୍ତ ଆସୁଥିବା ଅଧିକାଂଶ ଯାନବାହନ ପୁଣି ସେହିଠାରୁ ଫେରି ଯାଇଛନ୍ତି । ଯାହାଫଳରେ ଗୋବିନ୍ଦପୁର ଠାରୁ ବାରଙ୍ଗ ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟକ ଜନସାଧାରଣ ପ୍ରତିଦିନ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହି ଅଞ୍ଚଳରେ ଜନ ସମାଗମ ବହୁ ସଂଖ୍ୟାରେ ରହୁଥିବାରୁ ଏହି ମାର୍ଗରେ ଗୋବିନ୍ଦପୁର ଛକ ପର୍ଯ୍ୟନ୍ତ 'ମୋ ବସ' ଚଳାଚଳ ପାଇଁ ସାଧାରଣରେ ଦାବି ହୋଇଛି ।

# ପୁରୀ ରେଳଷ୍ଟେସନ ଷ୍ଟଲ୍‌ରେ ଚାଷୀ ଓ କାରିଗରଙ୍କ ଉତ୍ପାଦ ଉପଲବ୍ଧ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ପୁରୀ ରେଲୱେ ଷ୍ଟେସନରେ ଥିବା "ଗୋଟିଏ ଷ୍ଟେସନ୍-ଗୋଟିଏ ଉତ୍ପାଦ" ଷ୍ଟଲ୍‌ରେ ବର୍ତ୍ତମାନ କୃଷି ଏବଂ ଗ୍ରାମୀଣ ବିକାଶ ପାଇଁ ଜାତୀୟ ବ୍ୟାଙ୍କ (ନାବାର୍ଡ) ଦ୍ୱାରା ପ୍ରୋତ୍ସାହିତ ଚାଷୀ ଏବଂ କାରିଗରଙ୍କର ଉତ୍ପାଦଗୁଡିକ ଉପଲବ୍ଧ ଅଛି । ଉତ୍ପାଦଗୁଡ଼ିକ ହେଉଛି ହସ୍ତତନ୍ତ, ହସ୍ତଶିଳ୍ପ, ପଟ୍ଟଚିତ୍ର, ପିପିଲି ଚାନ୍ଦୁଆ ଏବଂ ବ୍ୟବହାର ଯୋଗ୍ୟ ଦ୍ରବ୍ୟ ଇତ୍ୟାଦି । ଗୋଟିଏ ଷ୍ଟେସନ୍- ଗୋଟିଏ ଉତ୍ପାଦ: ସ୍ଥାନୀୟ କାରିଗର, କୁମ୍ଭକାର, ବୁଣାକାର/ହ୍ୟାଣ୍ଡଲୁମ୍ ବୁଣାକାର, ଆଦିବାସୀ ମାନଙ୍କର ଜୀବିକା ବୃଦ୍ଧି ତଥା କଲ୍ୟାଣ ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଏକ ଯୋଜନା । ରେଳଷ୍ଟେସନ ସେମାନଙ୍କ ଉତ୍ପାଦକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମାର୍କେଟିଂ ଚ୍ୟାନେଲ ଭାବରେ କାର୍ଯ୍ୟ କରୁଛି । ଏହି ପଦକ୍ଷେପରେ, ନାବାର୍ଡ ଏହାର କୃଷକ ଉତ୍ପାଦକ ସଂଗଠନ, ଅଫ୍ ଫାର୍ମ ପ୍ରଡ୍ୟୁସର ଅର୍ଗାନାଇଜେସନ୍ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ତିଆରି ହେଇଥିବା ଉତ୍ପାଦଗୁଡିକ, ଓଏସ୍‌ଓପି ଷ୍ଟଲ ମାଧ୍ୟମରେ ପୁରୀ ରେଲୱେ ଷ୍ଟେସନରେ ବିକ୍ରୟ କରିବାକୁ ଉତ୍ସାହିତ କରିଛି । ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନରେ ଥିବା ଗୋଟିଏ ଷ୍ଟେସନ୍- ଗୋଟିଏ ଉତ୍ପାଦ" ଷ୍ଟଲ୍ ମଧ୍ୟ ନାବାର୍ଡ ଦ୍ୱାରା ପରିଚାଳିତ ହେଉଛି ।

# ମହାଦେବଙ୍କ ପୀଠରେ ପଞ୍ଚ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ରବିବାର ଦିନ ଜଟଣୀ ନିକଟସ୍ଥ ଷଣ୍ଡପୁର ଗ୍ରାମରେ ଏକ ଦିବସୀୟ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତି କୁଞ୍ଜ ହରିଦ୍ୱାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଞ୍ଚକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଗ୍ରାମର ଶ୍ରୀ ଶ୍ରୀ ବାବା କଣ୍ଡଳେଶ୍ୱର ମହାଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି । ମନୁଷ୍ୟ ମଧ୍ୟରେ ଦେବତ୍ୱ ଗୁଣର ଜାଗରଣ, ନାରୀ ଶିକ୍ଷା, ନିଶା ନିବାରଣ, କୁ ରୁଚି ଉନ୍ମୋଚନ ସମେତ ସାମାଜିକ ସମସ୍ୟା ଉପରେ ଆଲୋକପାତ କରିଥିଲେ ବରିଷ୍ଠ ଗାୟତ୍ରୀ ସାଧକ ଇଞ୍ଜିନିୟରି ପ୍ରଭାକର ପଣ୍ଡା । ମନ୍ତ୍ର ପାଠ ପରିବ୍ରାଜକ ଜୟନ୍ତ କୁମାର ମିଶ୍ର ଦେଇଥିବା ବେଳେ ଯୁଗ ସଙ୍ଗୀତ ପରିବେଷଣ କରିଥିଲେ ସାଧକ କୃଷ୍ଣ ଚନ୍ଦ୍ର ମହାରଣା । ୧୦ ଜଣ ଦେବକନ୍ୟା ତଥା ମହିଳା ମାନଙ୍କ ଦ୍ୱାରା ବିରାଟ କଳସ ଶୋଭାଯାତ୍ରା ଘୃତଯଜ୍ଞ, ଅନ୍ନ ଯଜ୍ଞ ଗ୍ରାମରୁ ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗାୟତ୍ରୀ ସାଧକ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ରାଜେନ୍ଦ୍ର ପ୍ରସାଦ ରଥ, ହରିହର ନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ମାର୍ଗ ଦର୍ଶନ ଦେଇଥିଲେ । ଗ୍ରାମର ଛୋଟ ଶିଶୁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ କୃତକାର୍ଯ୍ୟ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରଯାଇଥିଲା । କାର୍ଯ୍ୟକ୍ରମର ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ ରବିନ୍ଦ୍ର ନାଥ ଦାସ, ଗୀତାଞ୍ଜଳି ଦାସ, ପୁଷ୍ପାଞ୍ଜଳି ସାହୁ, ସଚିକାନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଗ୍ରାମବାସୀଙ୍କ ପ୍ରତିନିଧି ରୂପେ ଅଧ୍ୟାପକ ସୁଶାନ୍ତ କୁମାର ରାଉତ ଉପସ୍ଥିତ ଅତିଥି ମାନଙ୍କୁ ସମ୍ମାନିତ କରି କାର୍ଯ୍ୟକ୍ରମର ସମାପନ ହୋଇଥିବା ଜଣାଇଥିଲେ ।

# କୋଭିଡ ଯୁଦ୍ଧରେ ସୋଆର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା:୫-ଟି ଅଧ୍ୟକ୍ଷ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ କୋଭିଡ ଯୁଦ୍ଧର ମୁକାବିଲା କରିବା କ୍ଷେତ୍ରରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା ଯାହାଦ୍ୱାରା କି ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ଅନେକ ହ୍ରାସ ପାଇଥିଲା ବୋଲି କହିଛନ୍ତି ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍ । ମୁଁ ସୋଆକୁ ପ୍ରଥମ ଥର ପାଇଁ ଆସିଥିଲି ଯେତେବେଳେ ସମୟ ଅତ୍ୟନ୍ତ ଜଟିଳ ଥିଲା । କୋଭିଡ-୧୯ ମହାମାରୀର ବିଭୀଷିକା ଆରମ୍ଭ ହୋଇସାରିଥିଲା । କରୋନାର ମୁକାବିଲା କରିବା କ୍ଷେତ୍ରରେ ଏହି ବିଶ୍ୱ ବିଦ୍ୟାଳୟ କିଭଳି ରାଜ୍ୟ ସରକାରଙ୍କୁ ସାହାଯ୍ୟ କରିପାରିବ ସେ ସମ୍ପର୍କରେ ଆଲୋଚନା କରିବାକୁ ମୁଁ ଆସିଥିଲି । ତେବେ ଏଠାରେ ଥିବା ଭିତିଭୂମିକୁ ପରଖିବା ସହ ଡାକ୍ତରମାନଙ୍କ ସହ ଆଲୋଚନା କରିବା ପରେ ଏହି ଯୁଦ୍ଧରେ ବିଜୟୀ ହେବା ସମ୍ଭବ ଏହି ଆତ୍ମବିଶ୍ୱାସ ନେଇ ସୋଆ କ୍ୟାମ୍ପସରୁ ବିଦାୟ ନେଇଥିଲି ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି । ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ସୋଆ ଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଆୟୋଜିତ ଦୁଇ ଦିନିଆ ବିମର୍ଶ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ପର୍ବ ରଖାଯାଇଥିଲା । ସୋମବାର ସୋଆରେ ବିଶିଷ୍ଟ ଓଡ଼ିଆ ଔପନ୍ୟାସିକ ବିଭୁତି ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିବା ନିମନ୍ତେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପାଣ୍ଡିଆନ୍ ଏହା କହିଥିଲେ । ଶ୍ରୀ




ପାଣ୍ଡିଆନ୍ କହିଥିଲେ ଯେ ରାଜ୍ୟ ସରକାରଙ୍କ ସହିତ ହାତ ମିଳାଇ ମହାମାରୀ ସହ ଲଢ଼ିବାରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଭୂମିକା ସମ୍ପର୍କରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏବଂ ହସ୍ପିଟାଲ୍‌ର ଡାକ୍ତରମାନଙ୍କ ସହ ସେ ଆଲୋଚନା କରିଥିଲେ । ସେମାନେ ସମସ୍ତ ପ୍ରକାର ସାହାଯ୍ୟ କରିବା ନିମନ୍ତେ ପ୍ରତିଶୃତି ଦେବା ସହ ଏହି ପରିସ୍ଥିତିର ମୁକାବିଲା କରିବା ପାଇଁ ସବୁ ପ୍ରକାର ସମ୍ଭବପର ପଦକ୍ଷେପ ନେବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଆଶ୍ୱସ୍ତ କରାଇବା ନିମନ୍ତେ ମୋତେ କହିଥିଲେ ବୋଲି ସେ କହିଥିଲେ । ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଉତ୍କୃଷ୍ଟ ଦଳଗତ କାର୍ଯ୍ୟ ଯୋଗୁଁ ଓଡ଼ିଶାରେ କୋଭିଡର ମୃତ୍ୟୁ ହାର କମ୍ ରହିଥିଲା ବୋଲି ଶ୍ରୀ ପାଣ୍ଡିଆନ୍ କହିଥିଲେ । ସୋଆ ପକ୍ଷରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ୫ଟି କୋଭିଡ ହସ୍ପିଟାଲ୍ ଆରମ୍ଭ କରାଯାଇ ରୋଗୀ ସେବା ପ୍ରଦାନ କରାଯାଇଥିଲା । ସମ୍ କୋଭିଡ ହସ୍ପିଟାଲ୍‌ରେ ଚିକିତ୍ସିତ ହେଲେ ନିଶ୍ଚିତ ଭାବେ ସୁସ୍ଥ ହୋଇ ଘରକୁ ଫେରିବେ ବୋଲି ପୀଡ଼ିତ ଲୋକଙ୍କ ମନରେ ଏକ ଭରସା ସୃଷ୍ଟି ହୋଇଥିଲା ବୋଲି ସେ ସୋଆ ପ୍ରତିଷ୍ଠାତା ସଭାପତିଙ୍କୁ ପ୍ରଶଂସା କରି କହିଥିଲେ । ଏହି ସମୟରେ ପ୍ରତ୍ୟେକ ଜୀବନକୁ ବଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ନିର୍ଦ୍ଦେଶ ଥିଲା । ରାଜ୍ୟ ସରକାର ମଧ୍ୟ କୋଭିଡ ପରିଚାଳନା ନିମନ୍ତେ ଏକ ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ ବୋଲି ସେ କହିଥିଲେ । ରୋଗୀମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ବିଦେଶରୁ ସିଧାସଳଖ କିଟ୍ ଓ ଅନ୍ୟାନ୍ୟ ସରଞ୍ଜାମ ଆମଦାନୀ କରାଯାଇଥିଲା ଓ ଦଳଗତ କାର୍ଯ୍ୟ, ପ୍ରଯୁକ୍ତିବିଦ୍ୟା, କାର୍ଯ୍ୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତୀତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ବୋଲି ସେ କହିଥିଲେ ।

# ସରପଞ୍ଚଙ୍କୁ ଖଲାସ ଓ ଏମ୍.ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସରପଞ୍ଚ ମହାସଂଘ ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର ସରପଞ୍ଚଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ସହିତ ଏମ୍.ଆଇଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଜିଲ୍ଲା ସରପଞ୍ଚ ମହାସଂଘର ସଭାନେତ୍ରୀ ଚାମେଲି ଓଝାଙ୍କ ନେତୃତ୍ୱରେ ଶତାଧିକ ସରପଞ୍ଚ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ ଜଣେ ଲୋକ ପ୍ରତିନିଧି ଭାବେ କାମ କରୁଥିବା ନୀଳକଣ୍ଠପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ରାସନ କାର୍ଡକୁ ନେଇ ବ୍ଲକ ଏମ୍.ଆଇଙ୍କ ସହିତ ପାଟିତୁଣ୍ଡ ହୋଇଥିଲା । ଏଥିରେ ଉଭୟଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ଥାନାରେ ଏତଲା ଦେଇଥିଲେ ମଧ୍ୟ ପୋଲିସ ପ୍ରଶାସନ କେବଳ ସରପଞ୍ଚଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଏମ୍.ଆଇଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ସରପଞ୍ଚ ସଂଘ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଜଣେ ସରପଞ୍ଚ ଲୋକଙ୍କ ପାଇଁ କାମ କରୁଥିବା ବେଳେ ରାସନ କାର୍ଡ କରାଇବା ପାଇଁ ଦୀର୍ଘ ଦୁଇ ବର୍ଷ ହେଲା ନିରାଶ ହେଉଥିବାରୁ ରାସନ କାର୍ଡ ହିତାଧିକାରୀଙ୍କୁ ସାହାଯ୍ୟ କରିବା ଅସମ୍ଭବ ହୋଇପଡିଥିଲା । ଏହି ଅବସରରେ ଏମ୍.ଆଇଙ୍କ ସହିତ ଯୁକ୍ତିତର୍କ ହୋଇଥିଲା । ଗତ ୧ ତାରିଖ ପଟ୍ଟାମୁଣ୍ଡାଇ ଥାନାରେ ଦୁଇଟି ପୃଥକ ପୃଥକ ଏତଲା ଦିଆଯାଇଥିଲା । ମାତ୍ର ଥାନା ଅଧିକାରୀ କେବଳ ସରପଞ୍ଚଙ୍କ ବିରୋଧରେ ମାମଲା ରୁଜୁ କରି ସରପଞ୍ଚଙ୍କୁ ଜେଲ୍ ପଠାଇଛନ୍ତି । ତୁରନ୍ତ ତାଙ୍କୁ ଖଲାସ କରିବା ସହିତ ଏମ୍.ଆଇଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରପଞ୍ଚ ସନାତନ ସାହୁ, ହିମାଂଶୁ ଶେଖର ପଣ୍ଡା, ଜୀବନ କୃଷ୍ଣ ରାୟ, ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ରମେଶ ଚନ୍ଦ୍ର ମଲିକ, ହେମନ୍ତ ଧଳ, ଅନୁସୟା ନାୟକ ପ୍ରମୁଖ ସରପଞ୍ଚ ଦାବି କରିଛନ୍ତି ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଘସିପୁରା ବ୍ଲକ ଅତାସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ ବିବେକାନନ୍ଦ ସେଠୀଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ । ଏଥିରେ ବଳରାମପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିଲ କୁମାର ନାଏକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ତପଧନ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ଚମ୍ପୁଆ ଏବିଓ ଗୋବିନ୍ଦଚନ୍ଦ୍ର ସାହୁ, ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ବେହେରା, ନାୟବ ସରପଞ୍ଚ ମାଳତୀ ସେଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ କୁମାର ସାହୁ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରଜିତ୍ ପାତ୍ର, ବିଦ୍ୟାଳୟ କମିଟି ସଭାପତି ବାବାଜି ପାଗଳ, ଆଞ୍ଚଳିକ ସାଧନାକେନ୍ଦ୍ର ବଳରାମପୁର ଅଶୋକ ବାରିକ୍ ଓ ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଅବସର ପ୍ରାପ୍ତ ଶିକ୍ଷକଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ଦେଇଥିଲେ । ଏଥିରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ବରିଷ୍ଠ ନାଗରିକ ନିବାସରେ ସମ୍ବର୍ଦ୍ଧନା

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ବାଙ୍କୀ ଜାତମୁଣ୍ଡିଆସ୍ଥ ଇନ୍ଦୁମତୀ ପାଟଣାର ବରିଷ୍ଠ ନାଗରିକ ନିବାସରେ ହୋପ -ଏଜ ଟ୍ରଷ୍ଟର କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ହୋପ -ଏଜ ପକ୍ଷରୁ ଅନ୍ତେବାସୀ ମାନଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଖାଦ୍ୟଦ୍ରବ୍ୟ ବିତରଣ କରାଯାଇଥିଲା । ଅନ୍ତେବାସୀଙ୍କ ସହ ଭାବର ଆଦାନ ପ୍ରଦାନ ବରିଷ୍ଠ ନାଗରିକମାନେ କରିଥିଲେ । ଜରା ନିବାସର ସମ୍ପାଦକ କେଶବ ଚନ୍ଦ୍ର ବେହେରା ଓ କର୍ମକର୍ତ୍ତାମାନେ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା କରିଥିଲେ । ହୋପ - ଏଜର ଟ୍ରଷ୍ଟି ଡ଼. ସତ୍ୟ ରାୟ, ମୁଖ୍ୟ ପୃଷ୍ଠପୋଷକ ଉମେଶ ଚନ୍ଦ୍ର ପଟ୍ଟନାୟକ, ସଭାପତି କିଶୋର ଶତପଥୀ, ଉପସଭାପତି ବିଜୟ କୁମାର ପୃଷ୍ଟି, ପୃଷ୍ଠପୋଷକ ଉତ୍କଳ ଭୂଷଣ ରାଉତରାୟ ଓ ସୁଜାତା ପଟ୍ଟନାୟକ, ସମ୍ପାଦକ ରଂଜିତ ସାହୁ, କୈଳାଶ ଚନ୍ଦ୍ର ମିଶ୍ର, କେଦାର ଜାଲି, ବାଦଲ ମହାନ୍ତି, ଚିତ୍ତରଞ୍ଜନ ମହାନ୍ତି, ହିମାଂଶୁବାଳା ପଟ୍ଟନାୟକ, ସବିତା ରାଉତରାୟ ରବିନ୍ଦ୍ରନାଥ ମିଶ୍ର ଓ ମଧୁସୂଦନ ପତି ପ୍ରମୁଖ ଯୋଗ ଦେଇଥିଲେ ।

# ବିଜେପି ତରଫରୁ ଉଜ୍ଜ୍ୱଳା କର୍ମଚାରୀ ସଂଘର ଜରୁରୀ ବୈଠକ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୋରାଞ୍ଚଳ ଅନ୍ତର୍ଗତ ତିନିମୁହାଣୀ ରାମ ମନ୍ଦିର ପଡିଆରେ ଉଜଳା କର୍ମଚାରୀ ସଂଘର ଏକ ଜରୁରୀ ବୈଠକ ସଭାନେତ୍ରୀ କାଦମ୍ବିନୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉଜ୍ଜ୍ୱଳା ଦିଦିମାନେ ନିଜର ବିଭିନ୍ନ ଅସୁବିଧା ଓ ସମସ୍ୟା ସମ୍ପର୍କରେ ଅଲୋଚନା କରିଥିଲେ । ସମସ୍ୟା ମାନଙ୍କ ଭିତରୁ ପରିଚୟ ପତ୍ର ମିଳିବା, ୟୁନିଫର୍ମ ମିଳିବା ଏବଂ ଦରମା ଆଦି ସଂପର୍କରେ ଆଲୋଚନା ହୋଇଥିଲା । ପୂର୍ବରୁ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଉଦ୍ଦେଶ୍ୟରେ ଏନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏଥି ସହିତ ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ଅପରାଜିତା ଷଡଙ୍ଗୀ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖଙ୍କୁ ଭେଟି ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଉଜ୍ଜ୍ୱଳା କର୍ମଚାରୀ ସଂଘର ଦାବି ଗୁଡିକ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ଦାବିପୁରଣ ନ ହେବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନ୍ଦନାରାଣୀ ରାଉତରାୟ, ଉଷାରାଣୀ ରାଉତ, କାବେରୀ ପ୍ରଧାନ, ପ୍ରତିମା ସ୍ୱାଇଁ ପ୍ରମୁଖ ସଭାରେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ଉପ ସଭାପତି ଅଭିମନ୍ୟୁ ଗୋଛାୟତ ସହଯୋଗ କରିଥିଲେ ।




# ୧୯୯୦ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ

**ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ**

ବ୍ରଜରାଜନଗର ମାଁ ରାମଚଣ୍ଡି ମନ୍ଦିର ନିକଟରେ ଥିବା ରତାଖଣ୍ଡୀ ପିକ୍‌ନିକ୍ ସ୍ଥଳରେ ରବିବାର ଦିନ ଲାଲା ଲାଜପତ ରାୟ ଉଚ୍ଚ ବିଦ୍ୟା ମନ୍ଦିର ୧୯୯୦ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନ ଦୀର୍ଘ ୩୩ବର୍ଷ ପରେ ପ୍ରଥମ ଥର ଆୟୋଜିତ ହୋଇଥିଲା । ପରିବାର ସହ ପ୍ରାୟ ୨୭ ଜଣ ଛାତ୍ର ଯୋଗଦାନ କରିଥିଲେ । ଏହି ବନ୍ଧୁମିଳନ ଅବସରରେ ଏହି ବ୍ୟାଚ୍‌କୁ ବିଦ୍ୟାଦାନ କରିଥିବା ଶିକ୍ଷକ ଲିଙ୍ଗରାଜ ମିଶ୍ର, ହେମା ନନ୍ଦ ପ୍ରଧାନ, ନବକିଶୋର ହୋତାଙ୍କୁ ଆୟୋଜିତ କାର୍ଯ୍ୟକ୍ରମରେ ଆମନ୍ତ୍ରିତ କରି ବିଦ୍ୟାର୍ଥୀମାନେ ଗୁରୁଙ୍କୁ ପୂଜାକରି ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ବିଦ୍ୟାର୍ଥୀ ଓ ଶିକ୍ଷକ ଏକାଠି ହେବାପରେ ଏକ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା । ମାଟ୍ରିକ ପଢ଼ା ସମୟର ଅନେକ ସ୍ମୃତିଚାରଣ ହୋଇଥିଲା । ଶିବରାମ ବେହେରା, ଦୀପକ କୁମାର ପ୍ରଧାନ, ବସନ୍ତ କୁମାର ସିଂହ, ଗୋପାଲ ସିଂହ, ବିରଞ୍ଚି ଚରଣ ସ୍ୱାଇଁ, ସୁପ୍ରିୟ ଦାସ, ପ୍ରେମାନନ୍ଦ ବାଗ, ମାନସ ପରିଡା, ସୁଶୀଲ ପାଣ୍ଡବ, ଜୀବର୍ଦ୍ଧନ ପ୍ରଧାନ, ହେମନ୍ତ ରାୟ, ପ୍ରଶାନ୍ତ କୁମାର ପଲେଇ, ସାମୁଏଲ ସୁନା, ବ୍ରଜ କିଶୋର ସିଂହ, ସଞ୍ଜୀବ ପଣ୍ଡା, ନିମାଇଁ ପ୍ରଧାନ, ଇଶ୍ୱର ପ୍ରଧାନ, ସୁଭାଷ କୁମାର, ସୁଶାନ୍ତ ସାହୁ, ସନ୍ତୋଷ ସିଂହ, ବିବେକା ଛଛାନ, ଶୁଭେନ୍ଦୁ ରଥ, ମନୋଜ ସାମନ୍ତରାୟ, ଅରୁଣ ପାତ୍ର, ଗଙ୍ଗ ଭାନୁ ବାଗ, ସୁକାନ୍ତ ପାତ୍ର, ଆଭ୍ରାମ, ବନ୍ଧୁ ମିଳନ ସମୟରେ ପରିବାର ସହ ପ୍ରାୟ ଅଶି ଜଣ ସଦସ୍ୟ ନିଜ ନିଜ ଭିତରେ ଥିବା ପ୍ରତିଭା ପ୍ରଦର୍ଶନ କରିଥିଲେ । ବର୍ତ୍ତମାନ ସମସ୍ତେ ବିଭିନ୍ନ ରାଜ୍ୟରେ ଥିଲେ ମଧ୍ୟ ଆଗାମୀ ସମୟରେ ଏହିପରି ଏକାଠି ହେବାର ପ୍ରୟାସ ଜାରି ରହିବ ବୋଲି ମତ ରଖିଥିଲେ ।

# ମତଦାନ କେନ୍ଦ୍ରର ନାମକରଣ ଓ ସ୍ଥାନ ପରିବର୍ତ୍ତନ ନେଇ ରାଜନୈତିକ ଦଳଙ୍କ ବୈଠକ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ବାଲିଗୁଡା ଏବଂ ଘୁ.ଉଦୟଗିରି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା କିଛି ମତଦାନ କେନ୍ଦ୍ରର ନାମକରଣ ଓ ସ୍ଥାନ ପରିବର୍ତ୍ତନ ନେଇ ଏକ ରାଜନୈତିକ ଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଉପଜିଲ୍ଲାପାଳ ଡ଼ା. ରୀନା ପ୍ରଧାନ ବୈଠକରେ ଅଧ୍ୟକ୍ଷତା କରିବା ସହିତ ଆଗାମୀ ଏକକାଳୀନ ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ସମ୍ପନ୍ନ କରିବା ନେଇ ଉପସ୍ଥିତ ଥିବା ସମସ୍ତ



ରାଜନୈତିକ ଦଳୀୟ ପ୍ରତିନିଧି ମାନଙ୍କୁ ପ୍ରତିଶୃତି ଦେଇଥିଲେ । ବୈଠକରେ ସହାକାରୀ ଜିଲ୍ଲାପାଳ ରୂପକ କୁଜୁର ଉପସ୍ଥିତ ରହି ସମୁଦାୟ ୩୯ ଗୋଟି ପରିବର୍ତ୍ତିତ ମତଦାନ କେନ୍ଦ୍ରର ନାମ ଏବଂ ସ୍ଥାନାନ୍ତରିତ ହୋଇଥିବା ଗୋଟିଏ ମତଦାନ କେନ୍ଦ୍ରର ସୂଚନା ପ୍ରଦାନ କରିବା ସହିତ ବାଲିଗୁଡା ନିର୍ବାଚନ ମଣ୍ଡଳୀର ନିର୍ବାଚନ ରିଟର୍ଣ୍ଣିଙ୍ଗ ଅଧିକାରୀ ଭାବେ ଉପଜିଲ୍ଲାପାଳ ଡା. ରୀନା ପ୍ରଧାନ ଏବଂ ଘୁ. ଉଦୟଗିରି ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଙ୍ଗ ଅଧିକାରୀ ଭାବେ କନ୍ଧମାଳର ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଳ ଦାୟିତ୍ୱରେ ଥିବା ନେଇ ସୂଚନା ପ୍ରଦାନ କରିଥିଲେ । ଏଥିରେ ଉପସ୍ଥିତ ଥିବା ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମାନେ ଅଞ୍ଚଳର କିଛି ସରକାରୀ କର୍ମଚାରୀ ଯେଉଁମାନେ ରାଜନୈତିକ ଦଳୀୟ କାର୍ଯ୍ୟ/ ବୈଠକରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଓ ନିର୍ବାଚନ ସମୟରେ ପୋଲିସ ବାହିନୀଙ୍କ ସକ୍ରିୟତା ସମସ୍ତ ରାଜନୈତିକ ଦଳ ପାଇଁ ସମାନ ରହିବା ନେଇ ଦାବି ରଖିଥିଲେ ।

# ମିସ୍ତ୍ରୀ ଓ ଲେବରମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ସହରର ଏକମାତ୍ର ନିର୍ଭର ଯୋଗ୍ୟ ଇଞ୍ଜିନିୟରିଂ କନସୋଲଟାନ୍ସି ମଞ୍ଜୁଶ୍ରୀ ଇନଫ୍ରାଟେକ୍‌ର ତୃତୀୟ ବାର୍ଷିକ ଉତ୍ସବ ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ତୃତୀୟ ବାର୍ଷିକ ଅବସରରେ ଯାଜପୁର ସହରର ରାଣୀ ରାମଚନ୍ଦ୍ରପୁରର କବରଖାନା ନିକଟରେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଯାଜପୁର ସହରର ଅନେକ ମିସ୍ତ୍ରୀ ଓ ଲେବରମାନେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ମଞ୍ଜୁଶ୍ରୀ ଇନଫ୍ରାଟେକ୍ ଯାଜପୁରରେ ଲୋକମାନଙ୍କ ସୁବିଧା ପାଇଁ ଘରର ନିର୍ମାଣ ଓ ପ୍ଲାନ୍ ଆପ୍ରୁଭାଲ ପାଇଁ ଅନ୍‌-ଲାଇନ୍ ମାଧ୍ୟମରେ କଳିଙ୍ଗନଗର ଡେଭଲପମେଣ୍ଟ ଅଥରିଟି (କେ.ଏନ୍.ଡି.ଏ) ଓ ଯାଜପୁର ପୌରପାଳିକାକୁ ମଧ୍ୟ ଆବେଦନ କରେ । ଏହି କାର୍ଯ୍ୟକ୍ରମରେ ମଞ୍ଜୁଶ୍ରୀ ଇନଫ୍ରାଟେକ୍‌ର ମ୍ୟାନେଜିଂ ଡାଇରେକ୍ଟର ପ୍ରଜ୍ଞା ପ୍ରକାଶ ମହାନ୍ତି, ଡାଇରେକ୍ଟର ବିଜୟଲକ୍ଷ୍ମୀ ସାହୁ, ଅଫିସ୍ କାର୍ଯ୍ୟକର୍ତ୍ତା ଶ୍ରୀକାନ୍ତ ସାହୁ, ସୀତାଂଶୁ ଶେଖର ସାହୁ, ବିଶ୍ୱଜିତ ଦାସ, ସତ୍ୟ ସ୍ୱାଇଁ ଓ ଆଲୋକ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଏହି ଶିବିରକୁ ସଞ୍ଚାଳନ କରିଥିଲେ । ଏହି ଶିବିରରେ ବରିଷ୍ଠ ନାଗରିକ ମୁରଲୀଧର ଜେନା, ଆଡ଼ଭୋକେଟ୍ ଅଶ୍ୱିନୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ।

# କେନ୍ଦୁଝର ଜିଲ୍ଲା ବିଜେପି ଆଦିବାସୀ ମୋର୍ଚ୍ଚା ଟିମ୍ ଘୋଷିତ

**କେନ୍ଦୁଝର, ନ୍ୟୁଜ୍**

ଭାରତୀୟ ଜନତା ପାର୍ଟି କେନ୍ଦୁଝର ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ଅନୁମୋଦନ କ୍ରମେ ଜିଲ୍ଲା ବିଜେପି ଆଦିବାସୀ ମୋର୍ଚ୍ଚାର ୧୩ ଜଣିଆ ପଦାଧିକାରୀ ଏବଂ ୨୧ ଜଣିଆ ଜିଲ୍ଲା କାର୍ଯ୍ୟକାରିଣୀଙ୍କ ନାମ ଜିଲ୍ଲା ବିଜେପି ଆଦିବାସୀ ମୋର୍ଚ୍ଚା ସଭାପତି କମଳାକାନ୍ତ ସିଂଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି । ନୂତନ ଭାବେ ଘୋଷିତ ଏହି ଟିମ୍‌ରେ ଜିଲ୍ଲା ଉପ ସଭାପତି ଭାବେ ଶ୍ୟାମସୁନ୍ଦର ନାଏକ, ଗଙ୍ଗାଧର ହାସଦା, ଶୁକ୍ରା ମୁଣ୍ଡା ଏବଂ ରବି ନାଏକଙ୍କୁ ସ୍ଥାନ ମିଳିଛି । ସାଧାରଣ ସମ୍ପାଦକ ଭାବରେ ମାତୁରାମ ମୁଣ୍ଡା ଏବଂ ରାଜେନ୍ଦ୍ର ନାଏକଙ୍କୁ ଦାୟିତ୍ୱ ମିଳିଥିବା ବେଳେ ସମ୍ପାଦକ ଭାବେ ନିର୍ମଳ ଚନ୍ଦ୍ର ଦେହୁରୀ, ମୁକୁନ୍ଦ ମୁଣ୍ଡା, କୃଷ୍ଣ ଜୁଆଙ୍ଗ, ସୁଦାମ ମାରାଣ୍ଡି ଏବଂ ଲକ୍ଷ୍ମଣ ନାଏକଙ୍କୁ ଦାୟିତ୍ୱ ମିଳିଛି । କୋଷାଧ୍ୟକ୍ଷ ଭାବେ ସୁଧୀର ସର୍ଦ୍ଦାରଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ଜିଲ୍ଲା କାର୍ଯ୍ୟକାରିଣୀରେ ସୁଲୋଚନା ନାୟକ, ଗଣେଶ୍ୱର ନାୟକ, କଳ୍ପତରୁ ନାୟକ, ପରମାନନ୍ଦ ନାୟକ, ସୁଦର୍ଶନ ନାଏକ, ପ୍ରଶାନ୍ତ କୁମାର ନାୟକ, ତ୍ରିଲୋଚନ ନାଏକ, ଦିନେଶ ପୁର୍ତ୍ତି, ପରମେଶ୍ୱର ନାୟକ, ଗୋବିନ୍ଦ ମୁଣ୍ଡା, ଭାଗିରଥି ବିରୁଆ, ସୁଶୀଲ କୁମାର ନାଏକ, ମୋତିଲାଲ ନାଏକ, ନବ ବେହେରା, କାଶୀନାଥ ହେମ୍ବରମ, ବେଣୁ ନାଏକ, ନରହରି ଦେହୁରି, ରାଜେନ୍ଦ୍ର ମୁଣ୍ଡା, ପରବାସିଆ ନାଏକ, ବଳରାମ ନାଏକ ଏବଂ କ୍ରିଷ୍ଣା ଗାଗରାଇଙ୍କୁ ଦାୟିତ୍ୱ ମିଳିଛି । ନୂତନ ଭାବେ ଦାୟିତ୍ୱ ପାଇଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ରାଜ୍ୟ ବିଜେପି ଆଦିବାସୀ ମୋର୍ଚ୍ଚା ସଭାପତି ନିତ୍ୟାନନ୍ଦ ଗୋଣ୍ଡ, ରାଜ୍ୟ ବିଜେପି ଆଦିବାସୀ ମୋର୍ଚ୍ଚା ଉପ ସଭାପତି ମମିତା ନାଏକ ଏବଂ ରାଜ୍ୟ ବିଜେପି ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ କୈଳାଶ ନାୟକ ଅଭିନନ୍ଦନ ଜଣାଇଛନ୍ତି ।

# ସିଏମ୍‌ସିର ନୂଆ କମିଶନରଙ୍କ ଦ୍ୱାରା ୧୭ ଅଭିଯୋଗର ସମାଧାନ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ବିକାଶ ଭବନ କାର୍ଯ୍ୟାଳୟରେ ଏକ ଅଭିଯୋଗ ସମାଧାନ ସଭା ନୂତନ ଭାବେ ଯୋଗଦେଇଥିବା କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କମିଶନର ଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ ଅଭିଯୋଗର ପ୍ରତିକାର ନେଇ ଶୁଣାଣି କରାଯାଇଥିଲା । ଏଥିରେ ସମୁଦାୟ ୧୭ଟି ଅଭିଯୋଗର ଶୁଣାଣି ହୋଇଥିଲା । ସେଥିମଧ୍ୟରେ ସିଟି ଇଞ୍ଜିନିୟରିଂର ବିଭାଗ ସଂକ୍ରାନ୍ତୀୟ ଡ୍ରେନ୍, ରାସ୍ତା ମରାମତି ଓ ସ୍ଲାବ ସମ୍ପର୍କରେ ୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା ବେଳେ ଏନଫୋର୍ସମେଣ୍ଟ ୨ଟି, ସ୍ୱାସ୍ଥ୍ୟ ସମ୍ପର୍କିତ ଗୋଟିଏ, ପରିମଳ ଉପରେ ୩ଟି, ଏଷ୍ଟାବ୍ଲିସମେଣ୍ଟ ୨ଟି ଓ ଲାଇସେନ୍ସ ଉପରେ ୨ଟି



ଅଭିଯୋଗର ସମାଧାନ କରାଯାଇଥିଲା ବୋଲି ନିଗମ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଅଭିଯୋଗ ଗୁଡିକ ଉପରେ କ୍ଷେତ୍ର ପରିଦର୍ଶନ କରି ତୁରନ୍ତ ଅଭିଯୋଗକାରୀଙ୍କୁ ନ୍ୟାୟ ପ୍ରଦାନ କରିବା ସକାଶେ କମିଶନର ଶ୍ରୀ ସ୍ୱାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନୁଷ୍ଠିତ ସଭାରେ କମିଶନର ଶ୍ରୀ ସ୍ୱାଇଁଙ୍କ ସମେତ ଅତିରିକ୍ତ କମିଶନର ଅନାମ ପାତ୍ର, ସୋନାଟୁଡୁ, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ଡେପୁଟି କମିଶନର ତଥା ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି ଶତପଥୀ, ଡେପୁଟି କମିଶନର ଶ୍ୱେତସ୍ମିତ୍ସା, ଡେପୁଟି କମିଶନର ସୁକାନ୍ତ କୁମାର ବେଉରା ଓ ଡେପୁଟି କମିଶନର (ପରିମଳ) ସୁବ୍ରତ ବେହେରା, ସହକାରୀ କମିଶନର ତ୍ରିନାଥ ବେହେରାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ବୈଠକ

**କଟକ ସଦର, ନ୍ୟୁଜ୍ ବ୍ୟୁରୋ**

ଅଗ୍ରଣୀ ସାମାଜିକ ସଂଗଠନ କିଶନନଗର ଶିଶୁ ମଙ୍ଗଳ କ୍ଲବ ଓ ବାର୍ଷିକ ଶିଶୁ ସାହିତ୍ୟ ପତ୍ରିକା କୁନି ପ୍ରତିଭା ଆନୁକୂଲ୍ୟରେ କିଶୋରନଗର ସ୍ଥିତ ରାଜକୃଷ୍ଣ ଶିଶୁ ନିକେତନ ପରିସରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପେକ୍ଷୀରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ଆଲୋଚନା ହେବା ସହିତ କୁନି କୁନି ପିଲାଙ୍କୁ ଓଡ଼ିଆ ଭାଷାର ଐତିହ, ମଧୁରତା ଓ ଏହାର ବୈଶିଷ୍ଟତା ଆଦି ବିଷୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଧରଣୀଧର ଜେନା, କବି କାଳିପ୍ରସାଦ ମହାପାତ୍ର, ସମାଜସେବୀ ନାରାୟଣ ଚନ୍ଦ୍ର ସିହ୍ନା, ସମାଜ ସେବୀ ସୀତାରାମ ପଣ୍ଡା, ବରିଷ୍ଠ ସାମ୍ବାଦିକ ସୈୟଦ ସାଜିଦ ଅଲ୍ଲୀ, ବରିଷ୍ଠ ସାମ୍ବାଦିକ ଶରତ ଚନ୍ଦ୍ର ଜେନା, ଶିଶୁମଙ୍ଗଳ କ୍ଲବ ସମ୍ପାଦକ ସୌମ୍ୟରଞ୍ଜନ ପୃଷ୍ଟି, ଜମୁନା ମୁର୍ମୁ, ଶ୍ୱେତା ଅର୍ପିତା ସାମଲ, ଆଶିଷ ରାଉତ, ରବିତା ବେହେରା, ପୂଜାରାଣୀ ଦାସ, ସସ୍ମିତା ସୋରେନ, ଶୁଭଲକ୍ଷ୍ମୀ ବେହେରା, ପ୍ରସନ୍ନ ରାଉତରାୟ ଆଦି ଯୋଗଦାନ କରିଥିଲେ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ଫେବୃୟାରୀ ୨୦୨୪ ଶନିବାର





## ବିଜେଡ଼ି ପକ୍ଷରୁ 'ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ' ଅଭିଯାନ

# ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ବ୍ଲକ ଅନ୍ତର୍ଗତ ପଞ୍ଚସରା ପଞ୍ଚାୟତର କୂଳପଞ୍ଚସରା ଠାରେ ବିଜୁ ଜନତା ଦଳ ତରଫରୁ ଜଗତସିଂହପୁର ଜିଲ୍ଲା ବିଜୁ ଜନତା ଦଳର ପୂର୍ବତନ ଜିଲ୍ଲା ସଭାପତି ତଥା ପୂର୍ବତନ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ପରିବାର ସମ୍ପର୍କ ଅଭିଯାନ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରାରମ୍ଭରେ ଆଳିପିଙ୍ଗଳ ଆମ୍ବତୋଟା ନିକଟରୁ ହଜାର ହଜାର କର୍ମୀ ଶ୍ରୀ ଦାସଙ୍କୁ ସ୍ୱାଗତ କରିଥିଲେ । ପରେ ପଦଯାତ୍ରାରେ ବାହାରି ଆଳିପିଙ୍ଗଳ ବଜାର ଦେଇ ପଞ୍ଚସରା ପଞ୍ଚାୟତ ଅଭିମୁଖେ ବାଇକ୍ ଶୋଭାଯାତ୍ରାରେ ଶ୍ରୀ ଦାସ ଯାଇଥିଲେ । ସେଠାରେ ଶହ ଶହ ସଂଖ୍ୟାରେ ମହିଳାମାନେ ସ୍ୱାଗତ କରିଥିଲେ । ପରେ ସେହି ଗ୍ରାମରେ ବାସିନ୍ଦା ମାନଙ୍କ ଘରେ ଅମରେନ୍ଦ୍ର ଦାସ ବିଜୁ ଜନତା ଦଳର ଆମ ଚିହ୍ନ ଶଙ୍ଖ ଚିହ୍ନର ଷ୍ଟିକରିଂ କରିଥିଲେ । ଏହାପରେ ଅମରେନ୍ଦ୍ର ଦାସ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ପରିବାର ସମ୍ପର୍କ ଅଭିଯାନ ଘରେ ଘରେ ଶଙ୍ଖର ପ୍ରଚାର ପ୍ରସାର ହେବ କିପରି ଆମେ ସମସ୍ତ ପରିବାରକୁ ବିଜୁ ଜନତା ଦଳରେ ସାମିଲ କରିବା ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ । ନବୀନ ବାବୁଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଯୋଜନାରେ ପର୍ଯ୍ୟାପ୍ତ ଅର୍ଥ ଅନୁମୋଦନ କରୁଛନ୍ତି । ମୁଖ୍ୟମନ୍ତ୍ରୀ ଓଡ଼ିଶା ବାସୀଙ୍କ ପାଇଁ ଅହରୋହ ଉଦ୍ୟମ କରୁଛନ୍ତି । ମା'ମାନଙ୍କ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ବିନା ସୁଧରେ ଋଣ ପ୍ରଦାନ, ବର୍ତ୍ତମାନ ଲକ୍ଷ୍ମୀ ବସ୍ ଯୋଜନା, ଛାତ୍ର ମାନଙ୍କ ପାଇଁ ସ୍କୁଲ, ସ୍ୱାସ୍ଥ୍ୟ କାର୍ଡ଼ ନବୀନ କାର୍ଡ଼, କଲେଜକୁ ୫ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଇ ସ୍ମାର୍ଟ ସ୍କୁଲ, ଇ କ୍ଲାସରୁମ, ଇ ଲାଇବ୍ରେରୀ ନିର୍ମାଣ, ମୋ କଲେଜ ଅଭିଯାନ, ସାଧାରଣ ଜନତା ଯାହା ଚାହୁଁଛନ୍ତି ମୁଖ୍ୟମନ୍ତ୍ରୀ ୫ଟି ଯୋଜନା ମାଧ୍ୟମରେ ସେହି ଅନୁଯାୟୀ ପ୍ରକଳ୍ପ ମଞ୍ଜୁର କରୁଛନ୍ତି ବୋଲି ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସାମ୍ମାନୀତ ଅତିଥି ଭାବେ ବିଜୁ ଜନତା ଦଳର ବରିଷ୍ଠ କର୍ମୀ ସୁରେଶ ନନ୍ଦ, ଆଳିପିଙ୍ଗଳ ବରିଷ୍ଠ କର୍ମୀ ଧୋବେଇ ସ୍ୱାଇଁ, ପୂର୍ବତନ ଜଗତସିଂହପୁର ବ୍ଲକ ଆମ୍ବା ଅଧ୍ୟକ୍ଷ ବରୋଦା ପ୍ରସାଦ ସ୍ୱାଇଁ, ସାରଙ୍ଗ ପାଇଟାଳ, ମାଇନର କମ୍ୟୁନିଟ ନେତା ସେକ୍ ରକିବଉଦ୍ଧିନ, ପୂର୍ବତନ କାଉନସିଲର ସୁଶାନ୍ତ ସ୍ୱାଇଁ, ବିଦୁର ନାୟକ, ଯୁଧିଷ୍ଠିର ସ୍ୱାଇଁ, ଅଲଣା ପୂର୍ବତନ ସରପଞ୍ଚ ସୁଶାନ୍ତ ରଞ୍ଜନ ସ୍ୱାଇଁ, ଶିକ୍ଷାବିତ ବିଦୁ ଭୂଷଣ ତ୍ରିପାଠୀ, ଯୁବ ନେତା ରୋହନ ପିନାୟକ ମହାନ୍ତି, ଡେରିକି ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ତରଣୀ ଜେନା, ବିଷ୍ଣୁ ଚରଣ ବେହେରା, ନାଉଗାଁ ଛାତ୍ର ନେତା ତାପସ ଦାସ, ସଂପୁର ପୂର୍ବତନ ସରପଞ୍ଚ ନରେନ୍ଦ୍ର ବେହେରା, ପିତେଇପୁର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ବେହେରା, ପଳାଶୋଳ ପଞ୍ଚାୟତ ନାଏବ ସରପଞ୍ଚ ରାଜେନ୍ଦ୍ର ଦାସ, ଗୋପବନ୍ଧୁ ମଲ୍ଲିକ, ଛାତ୍ରନେତା ସେକ୍ ଇମତିଆଜ, ଅଳସୁଧା ପଞ୍ଚାୟତ ଯୁବନେତା ଦେବୀପ୍ରସାଦ ସାହାଣୀ, ଆଳିପିଙ୍ଗଳ ପଞ୍ଚାୟତ ଯୁବ ନେତା ସଞ୍ଜୟ ପଲାଇ, ଦେବାଶିଷ ରାଉତ ପ୍ରମୁଖ ଯୋଗଦେଇ ଥିଲେ ।

(ଫଟୋ -ସମ୍ବାଦ କଳିକା)



ପ୍ରଭୁ ଶ୍ରୀରାମଲାଲାଙ୍କ ଦର୍ଶନ କରିବା ପାଇଁ ଅଯୋଧ୍ୟାକୁ ପାଦରେ ଚାଲି ଚାଲି ଯାଇଥିବା ତାଳଚେରର ଶୁଭମ ସାହୁଙ୍କୁ ନୂଆଦିଲ୍ଲୀରେ ଭେଟି ସମ୍ବର୍ଦ୍ଧିତ କରୁଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

## ହାଇକୋର୍ଟରେ ବେଆଇନ୍ ବାଲି ଖାଦାନ ମାମଲା:ଉଠାଣ ଓ ପରିବହନ ଉପରେ ଅଙ୍କୁଶ ବଳବତ୍ତର

**କଟକ, ନ୍ୟୁଜ୍ ବ୍ୟୁରୋ**

ହାଇକୋର୍ଟରେ ବେଆଇନ୍ ବାଲି ଖାଦାନ ମାମଲା ବାଲି ଉଠାଣ ଓ ପରିବହନ ଉପରେ ହାଇକୋର୍ଟଙ୍କ ଅଙ୍କୁଶ ବଳବତ୍ତର । ସକାଳ ୭ରୁ ରାତି ୯ ଯାଏଁ ବାଲି ପରିବହନ ଉପରେ ସମ୍ପୂର୍ଣ୍ଣ କଟକଣା ରହିଥିବା ବେଳେ ଅତ୍ୟାବଶ୍ୟକ ସ୍ଥଳେ ବାଲିଉଠାଣ ପାଇଁ ସର୍ତ୍ତମୂଳକ ଅନୁମତି ଦିଆଯାଇଛି । ମେସିନ ଜରିଆରେ ବାଲି ଉଠାଣ ପାଇଁ ପରିବେଶ ମଞ୍ଜୁରୀ ଆବଶ୍ୟକ ଭୌଗୋଳିକ ସ୍ଥିତି, ବାଲି ପରିମାଣ, ନଦୀ ଗତିପଥ ଦେଖି ଅନୁମତି ଦିଆଯିବ । ଅଧିକାଂଶ ସମୟରେ ବିଭିନ୍ନ କାରଣ ପାଇଁ ନଦୀପଠାରୁ ବେଆଇନ୍ ଭାବରେ ବାଲି ଉଠାଣ ହେଉଥିବା ଦେଖାଯାଇଛି । ପୂର୍ବରୁ ଏଭଳି କାରନାମା ଉପରେ ଶକ୍ତ ନିର୍ଦ୍ଦେଶ ଜାରି କରିଥିଲେ ହାଇକୋର୍ଟ । ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଉପରେ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି । ଗତ ୨୧ ତାରିଖରେ ଏନେଇ ଖଣି ବିଭାଗ ତରଫରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଅତି ଆବଶ୍ୟକକୁ ଦୃଷ୍ଟିରେ ରଖି ବିଭାଗ ଏହି ଅନୁମତି ଦେଇଥିଲା । ତେବେ ହାଇକୋର୍ଟ ଏହା ଉପରେ ରହିତାଦେଶ ଜାରି କରିଥିଲେ ମଧ୍ୟ ବିଜ୍ଞପ୍ତି ଜାରି କରିଥିଲା । ଖଣି ବିଭାଗ ବର୍ତ୍ତମାନ ହାଇକୋର୍ଟ ଏହି ବାଲି ଉଠାଣ ଉପରେ ରୋକ ଲଗାଇଛନ୍ତି ।

## ଯୁବତୀ ଦୁଷ୍କର୍ମକାରୀକୁ ଜେଲ୍ ଓ ଜରିମାନା

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଏସଡିଜେଏମ କୋର୍ଟ ଏକ ୧୯ ବର୍ଷୀୟା ଯୁବତୀଙ୍କୁ ଦୁଷ୍କର୍ମ ମାମଲାରେ ବିଚାର କରି ଦୁଷ୍କର୍ମକାରୀ ଯୁବକ ବୁନୁ ଦିଗାଲକୁ ବିଭିନ୍ନ ଦଫାରେ ୪ବର୍ଷ ୧୦ ମାସ ସଶ୍ରମ କାରାଦଣ୍ଡ ଦେଶ ସହିତ ୩ ହଜାର ୫୦୦ ଟଙ୍କା ଜରିମାନା ଶୁଣାଣି କରି କୋର୍ଟ ନିଜ ରାୟରେ ଉଲ୍ଲେଖ କରିଛନ୍ତି । ଘଟଣାରୁ ପ୍ରକାଶ, ଗତ ୨୦୨୩ ମସିହା ସେପ୍ଟେମ୍ବର ୨୯ ତାରିଖ ଦିନ ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ. ନୂଆଗାଁ ଥାନା ଅଞ୍ଚଳରେ ଜଣେ ୧୯ ବର୍ଷୀୟା ଯୁବତୀ ନିଜ ଘରୁ ବାହାରି ନିକଟସ୍ଥ ଏକ ସିଲେଇ କେନ୍ଦ୍ରକୁ ସିଲେଇ କରିବାକୁ ଏକୁଟିଆ ଯାଉଥିବା ସମୟରେ ନିକଟସ୍ଥ ଗ୍ରାମର ବୁନୁ ଦିଗାଲ ନାମକ ଜୈନକ ଯୁବକ ତାଙ୍କୁ ଜୋର୍ ଜବରଦସ୍ତ ଉଠାଇ ନେଇ ନିକଟସ୍ଥ ଏକ ନିଛାଟିଆ ସ୍ଥାନରେ ଦୁଷ୍କର୍ମ କରିବା ସହ ମୋବାଇଲରେ ନଗ୍ନ ଫଟୋ ଉଠାଇ ଏହି ବିଷୟ କାହାକୁ କିଛି ନ କହିବା ପାଇଁ ଧମକ ଚମକ ମଧ୍ୟ ଦେଇଥିଲା । ହେଲେ ସୁଯୋଗ ଦେଖି ଯୁବତୀ ଜଣକ ଘଟଣାସ୍ଥଳରୁ ଖସିଆସି ନିଜ ଘରେ ପହଞ୍ଚି ପରିବାର ଆଗରେ ସମସ୍ତ ବିଷୟ କହିବା ପରେ ପରିବାର ପକ୍ଷରୁ ଯୁବତୀ ଜଣକ କ.ନୂଆଗାଁ ଥାନାରେ ଏକ ଏତଲା ଦାଏର କରିଥିଲେ । ଏତଲାକୁ ଭିତ୍ତିକରି କ. ନୂଆଗାଁ ଥାନା ଅଧିକାରୀ ଏକ ମାମଲା କେଶ ନଂ ୧୩୧/୨୩ ପ୍ରକାରେ ରୁଜୁ କରି ଅଭିଯୁକ୍ତ ବୁନୁ ଦିଗାଲକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଏ ସବୁକୁ ବାଲିଗୁଡା ଏସଡିଜେଏମ କୋର୍ଟର ବିଚାରପତି ସୋନାଲି ସରିତା ଉପରୋକ୍ତ ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୌରଭ କୁମାର ଦାସ ମାମଲାଟିକୁ ପରିଚାଳନା କରିଥିଲେ ।

## ଚୌଦ୍ୱାରରେ ନୂତନ ଶିଳ୍ପ ପ୍ରତିଷ୍ଠା ନେଇ ଭିତ୍ତିଭୂମି ଅନୁଧ୍ୟାନ କଲେ ଅଧିକାରୀ



**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ବନ୍ଦ ଓଟିଏମ୍ କାରଖାନା ଭିତ୍ତିଭୂମି ଉପରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ହେବାପରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ଥାନ ନିରୂପଣ କରିବା ଲକ୍ଷରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ବୁଧବାର ଦିନ ଚୌଦ୍ୱାର ଆସି ଭିତ୍ତିଭୂମି ଅନୁଧ୍ୟାନ କରିଯାଇଛନ୍ତି । ସରକାର ଓଟିଏମର ୫୨୨ଏକର ଜମିକୁ ଇଡ଼କୋ ଜରିଆରେ ନିଜ ଅଧିନକୁ ନେବାପରେ ପ୍ରଥମ ପର୍ଯ୍ୟାୟରେ ୪୭୮ ଏକର ଜମିକୁ ସୁପ୍ରତିଷ୍ଠିତ ଶିଳ୍ପସଂସ୍ଥା ୱେଲ ସ୍ପନ କମ୍ପାନୀ ଓ ଅନ୍ୟ କିଛି କମ୍ପାନୀକୁ ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଚଳିତ ମାସ ୧୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ୱେଲ ସ୍ପନ୍ କାମ୍ପାନୀର ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଥିବା ଜଣାପଡ଼ିଛି । ଇଡ଼କୋ ସିଜିଏମ୍, ଇଫକୋ ସିଜିଏମ୍, କଟକ ସବ୍ କଲେକ୍ଟର, ସ୍ଥାନୀୟ ତହସିଲଦାର, ଆର ଆଣ୍ଡ ବି ଓ ବିଦ୍ୟୁତ୍ ବିଭାଗ ଅଧିକାରୀବୃନ୍ଦ ବୁଧବାର ଦିନ ଚୌଦ୍ୱାର ଆସି ବଧୀ ପଡ଼ିଆ ନିକଟରେ ଶିଳାନ୍ୟାସ ପାଇଁ ସ୍ଥାନ ନିରୂପଣ କରିଯାଇଛନ୍ତି । ଚୌଦ୍ୱାର କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ସମସ୍ତ କାଉନସିଲର, ସାଂସଦ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକ ପ୍ରତିନିଧି ବିଷ୍ଣୁ ଚରଣ ପରିଡ଼ାଙ୍କ ସମେତ ବହୁ ସାଧାରଣ ନାଗରିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ତିରୁପତି ଓ ଭେଲୋର ଦର୍ଶନରେ ଗଲେ କଟକ ଜିଲ୍ଲାର ୨୪୩ ତୀର୍ଥଯାତ୍ରୀ

**କଟକ, ନ୍ୟୁଜ୍ ବ୍ୟୁରୋ**

ବରିଷ୍ଠ ନାଗରିକମାନଙ୍କୁ ଆଧ୍ୟାତ୍ମିକ ଯାତ୍ରାର ଅନୁଭୂତି ଦେବା ନିମନ୍ତେ ଆରମ୍ଭ ହୋଇଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧିନରେ ବୁଧବାର କଟକ ଜିଲ୍ଲାର ୨୪୩ ଜଣ ବରିଷ୍ଠ ନାଗରିକ ତିରୁପତି ଓ ଭେଲୋର ଅଭିମୁଖେ ଯାତ୍ରା କରିଛନ୍ତି । କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମେୟର, କଟକ ମହାନଗର ନିଗମ ସୁବାସ ଚନ୍ଦ୍ର ସିଂହ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, କଟକ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ । ତୀର୍ଥଯାତ୍ରୀମାନେ ୬ଟି ବସ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ । ବୁଧବାର ସକାଳ ୧୧ଟାରୁ ତୀର୍ଥଯାତ୍ରୀ ମାନଙ୍କର ପଞ୍ଜିକରଣ ଆରମ୍ଭ ହୋଇଥିଲା । ଦିନ ୩ଟା ସମୟରେ ତୀର୍ଥଯାତ୍ରୀମାନେ ଯାତ୍ରା ଆରମ୍ଭ କରିଥିଲେ । ଯାତ୍ରା ଆରମ୍ଭ ହେବା ପୂର୍ବରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହ ଠାରେ ସମସ୍ତ ୨୪୩ ଜଣ ତୀର୍ଥଯାତ୍ରୀଙ୍କ ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଲୋଚନା କରାଯାଇଥିଲା ।

## ବିବାଦୀୟ ଉପସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ଘଟଣା

# ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମିତି ସଭ୍ୟାଙ୍କ ଆମରଣ ଅନଶନ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**



ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ଗ୍ରାମପଞ୍ଚାୟତ ସାଙ୍କିଲୋ ସ୍ଥିତ ଉପସ୍ୱାସ୍ଥ୍ୟକେନ୍ଦ୍ରର ବିବାଦୀୟ ଗୃହ ନିର୍ମାଣକୁ କେନ୍ଦ୍ରକରି ବୁଧବାର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମିତି ସଭ୍ୟାଙ୍କ ନେତୃତ୍ୱରେ ବହୁ ସମର୍ଥକ ଆମରଣ ଅନଶନ ଜାରି ରଖିଛନ୍ତି । ସାଙ୍କିଲୋ ଉପସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚିକିତ୍ସା ନିମନ୍ତେ ସ୍ଥାନୀୟ କେଂଟାଲୋ, କଟରପଡା ଗ୍ରାମପଞ୍ଚାୟତର ଲୋକେ ନିର୍ଭର କରିଆନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ୨ ପଞ୍ଚାୟତର ସଙ୍ଗମସ୍ଥଳ ସାଙ୍କିଲୋ ଠାରେ ଚାଲୁରହିଛି । ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ନିମନ୍ତେ ସରକାର ୪୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା । ଠିକାଦାର ପୂର୍ବରୁ ସ୍ୱାସ୍ଥ୍ୟକେନ୍ଦ୍ର ଥିବା ସ୍ଥାନରେ ଗୃହ ନିର୍ମାଣ କରିବା ପରିବର୍ତ୍ତେ ଅନ୍ୟ ଏକ ସ୍ଥାନରେ ଗୃହ ନିର୍ମାଣ କରୁଥିବାର ଅଭିଯୋଗ ହୋଇଛି । ଏହି ସ୍ଥାନକୁ ଯିବା ନିମନ୍ତେ କୌଣସି ସରକାରୀ ରାସ୍ତା ନଥିଲାବେଳେ ନିର୍ମାଣାଧିନ ଜମିର କିସମ ମଧ୍ୟ ପରିବର୍ତ୍ତନ କରାଯାଇନାହିଁ । ଠିକାଦାର ମନମୁଖୀ ଭାବେ ଗୃହ ନିର୍ମାଣ କରୁଥିବାର ପ୍ରତିବାଦରେ ଆମରଣ ଅନଶନ ନିମନ୍ତେ କଟରପଡା ସମିତି ସଭ୍ୟା ସ୍ୱାଗତିକା ନାୟକ ପ୍ରଶାସନକୁ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ । ମାତ୍ର ପ୍ରଶାସନ ତରଫରୁ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା । ବରଂ ଠିକାଦାରଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଶାସନ ତରଫରୁ ପ୍ରଦର୍ଶନ କରାଯାଇଥିଲା । ଏହାର ପ୍ରତିବାଦରେ ବୁଧବାର ସକାଳୁ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମିତି ସଭ୍ୟା ଓ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ଗ୍ରାମର ବହୁ ମହିଳା ଓ ପୁରୁଷ ଆମରଣ ଅନଶନ ଜାରି ରଖିଥିବାର ଜଣାଯାଇଛି । ତେବେ ଜଣେ ନିର୍ବାଚିତ ମହିଳା ଲୋକପ୍ରତି ଆମରଣ ଅନଶନ ଜାରି ରଖିଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ଘଟଣାର ସମାଧାନ କରିବା ତ ଦୂରର କଥା ଏପରିକି ଘଟଣାସ୍ଥଳକୁ ମଧ୍ୟ ଯାଇନଥିଲେ । ରିପୋର୍ଟ ଲେଖାହେଲା ବେଳକୁ ଆମରଣ ଅନଶନ ଜାରି ରହିଥିବାର ଜଣାଯାଇଛି । ତେବେ ସମିତିସଭ୍ୟାଙ୍କ ଜୀବନପ୍ରତି ବିପଦର ଆଶଙ୍କା ଥିବା କାରଣରୁ ତାଙ୍କୁ ପୋଲିସ ସୁରକ୍ଷା ଯୋଗାଇ ଦିଆଯିବା ସହ ସ୍ୱାସ୍ଥ୍ୟପରୀକ୍ଷା ନିମନ୍ତେ ସ୍ୱାସ୍ଥ୍ୟବିଭାଗକୁ ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯିବାକୁ ସାଧାରଣରେ ଦୃଢ ଦାବି ହୋଇଛି ।

## ଆସିକା ଉତ୍କଳ ଆୟୁର୍ବେଦିକ ଫାର୍ମାସୀ ପରିଚାଳନା କମିଟି ନିଲମ୍ବିତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଆସିକା ଉତ୍କଳ ଆୟୁର୍ବେଦିକ ସମବାୟ ଫାର୍ମାସୀ ଲିମିଟେଡ୍ ଦୁର୍ନୀତି ପଦାରେ ପଡ଼ିଛି । ବ୍ରହ୍ମପୁର ସମବାୟ ଉପନିବନ୍ଧକଙ୍କ ରିପୋର୍ଟକୁ ଆଧାର କରି ରାଜ୍ୟ ସମବାୟ ସମିତି ନିବନ୍ଧକ ସମ୍ପୂର୍ଣ୍ଣ ପରିଚାଳନା କମିଟିକୁ ନିଲମ୍ବିତ କରିଛନ୍ତି । ସୋସାଇଟି ଓ ଏହାର ସଦସ୍ୟଙ୍କ ହିତ ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଆସିକା ଏଆର୍‌ସିଏସ୍‌ଙ୍କୁ ପ୍ରଶାସନିକ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି । ରାଜ୍ୟ ସମବାୟ ସମିତି ନିବନ୍ଧକଙ୍କ ଚିଠି ପ୍ରକାରେ ଏହି ଆଦେଶ ହୋଇଛି । ଡ଼ିଆର୍‌ସିଏସ୍‌ଙ୍କ ଚିଠିରେ ଉଲ୍ଲେଖ ରହିଛି ଯେ, ଉକ୍ତ କମିଟି ଓଡ଼ିଶା କୋପରେଟିଭ୍ ସୋସାଇଟି ଆକ୍ଟ ଏଣ୍ଡ ରୁଲସ୍ ଅନୁସାରେ ନିଜ କର୍ତ୍ତବ୍ୟରେ ଅବହେଳା ସହ ପରିଚାଳନାରେ ଅବହେଳା କରିଛି । ଫାର୍ମାସୀ ପରିଚାଳନାକୁ ନେଇ ବର୍ଷେ ହେଲା ବିବାଦ ଲାଗି ରହିଛି । ୧୯୫୨ ମାର୍ଚ୍ଚ ୨୮ ତାରିଖରେ ପ୍ରତିଷ୍ଠିତ ଆସିକା ଉତ୍କଳ ଆୟୁର୍ବେଦିକ ଫାର୍ମାସୀ ଲିମିଟେଡ୍ ଗୋଟିଏ ସମବାୟ ସଂସ୍ଥା । ଏହାର ବିକାଶ ପରିବର୍ତ୍ତେ ଦୁର୍ନୀତିରେ ବୁଡ଼ି ରହିଥିବା ଅଭିଯୋଗ ହୋଇଆସୁଛି । ରାଜ୍ୟର ଗାରିମା କୁହାଯାଉଥିବା ଏହି ଫାର୍ମାସୀକୁ ପୁନର୍ଜୀବିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



## ବିଶ୍ୱ କର୍କଟ ଦିବସ ଅବସରରେ ଟାଟା ଷ୍ଟିଲ୍ ପକ୍ଷରୁ ସଚେତନତା ଅଧିବେଶନ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ କର୍କଟ ଦିବସ ଉପଲକ୍ଷେ ପରିବହନ କର୍ମଚାରୀ ଏବଂ ଡ୍ରାଇଭରମାନଙ୍କ ମଧ୍ୟରେ ମୁଖ କର୍କଟ ବିଷୟରେ ସଚେତନତା ସୃଷ୍ଟି କରିବା ଲାଗି ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ପକ୍ଷରୁ ଯାଜପୁର ଜିଲ୍ଲା ଡୁବୁରୀ ନିକଟରେ ଥିବା ପରିବହନ ପାର୍କରେ ସୋମବାର ଦିନ ଏକ ସଚେତନତା ଅଭିଯାନ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ଅଧିବେଶନରେ ପରିବହନ କର୍ମଚାରୀ ଏବଂ ଡ୍ରାଇଭରଙ୍କ ସମେତ ୫୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ । ଟାଟା ଷ୍ଟିଲ୍ କଳିଙ୍ଗନଗରର ବୃତିଗତ ସ୍ୱାସ୍ଥ୍ୟ ଏବଂ ନିରାପତା (ଓଏଚ୍‌ଏସ୍) ବିଭାଗ ଦ୍ୱାରା ଆୟୋଜିତ ଏହି ଅଧିବେଶନକୁ ଆର୍‌ଏମ୍‌ଏଚ୍‌ଏସ୍ ଏବଂ ଲଜିଷ୍ଟିକ୍ସ ବିଭାଗର ମୁଖ୍ୟ ଶୁଭ୍ରାଂଶୁ ଶେଖର ରାଉତ ଉଦ୍ଘାଟନ କରିଥିଲେ । ଦନ୍ତ ଚିକିତ୍ସିକା ତଥା ତମାଖୁ ନିବାରଣ ପରାମର୍ଶଦାତା ଡକ୍ଟର ସ୍ୱାଦିନା ମହାନ୍ତି ଏହି ଅଧିବେଶନକୁ ପରିଚାଳନା କରି ଅଂଶଗ୍ରହଣକାରୀଙ୍କୁ ତମାଖୁ ଜନିତ ମୁଖ କର୍କଟ ଏବଂ କର୍କଟ ରୋଗର ବିଭିନ୍ନ ଦିଗ ବିଷୟରେ ଅବଗତ କରାଇଥିଲେ । ଏହି ଅବସରରେ ଟିଏସ୍‌କେର ଓଏଚ୍‌ଏସ୍ ବିଭାଗର ବରିଷ୍ଠ ରେଜିଷ୍ଟ୍ରାର ଡକ୍ଟର ପ୍ରଶାନ୍ତ ଦାସଙ୍କ ଦ୍ୱାରା ଏକ ପ୍ୟାନେଲ୍ ଆଲୋଚନା ଏବଂ ଏକ ଇଂଟରାକ୍ଟିଭ୍ କୁଇଜ୍ ଆୟୋଜନ କରାଯାଇଥିଲା । ବିଜେତାମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିବା ସହ ଉପସ୍ଥିତ ସମସ୍ତେ କର୍କଟ ରୋଗ ବିଷୟରେ ଅବଗତ ରହିବା ସହ ତମାଖୁ ଠାରୁ ଦୂରେଇ ରହିବାକୁ ପ୍ରତିଶ୍ରୁତି ଦେଇ ଅଧିବେଶନ ଶେଷ ହୋଇଥିଲା ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ:ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

କନକା ପଞ୍ଚାୟତ ଅଧିନସ୍ତ ରେଡ୍ଡି ବାହାଡାପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସୃଜନଶୀଳତାର ତଥା ବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବ ପରିଚାଳନା କମିଟିର ସଭାପତି ବି. ଅଭି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ନାୟକ, ମୁଖ୍ୟ ବକ୍ତା ରମ୍ଭା ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା, ଷ୍ଟୁଡେଣ୍ଟସ ନୋଡାଲ ହାଇସ୍କୁଲ ସାବୁଲିୟର ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦୁଶ୍ରୀ ଶର୍ମା ଅଭିଭାଷଣ ମାଧ୍ୟମରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ଓଡ଼ିଆ ଭାଷା ଓ ଆମ ସଂସ୍କୃତି ଉପରେ ଜ୍ଞାନ ପ୍ରଦାନ ଦେଇଥିଲେ । ସମ୍ମାନିତ ଅତିଥି କନକା ଗ୍ରାମ ପଞ୍ଚାୟତ ସରପଞ୍ଚ ରେଖା କୁମାରୀ ଜାଲି, ସମିତିସଭ୍ୟା କବିତା ନାହାକ, ନାଏବ ସରପଞ୍ଚ ଏମ. ବାଉରିଆ ପ୍ରଧାନ, ପ୍ରାକ୍ତନ ସିଆରସିସି ପ୍ରଫୁଲ୍ଲ କୁମାର ଦାସ, ଗୋପବନ୍ଧୁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ୟାସୀ ଲେଙ୍କା, ସୁକାନ୍ତ କୁମାର ନାହାକ, ସି.ଆର.ସି.ସି. ରବୀନ୍ଦ୍ର କୁମାର ନାହାକ, କନକା ମହିଳା ସ୍ୱାସ୍ଥ୍ୟ ସେବିକା ସେବତୀ ପୃଷ୍ଟି, ଏମ.କାହ୍ନୁ ଚରଣ ପ୍ରଧାନ, ଭାଗ୍ୟ ନାହାକ, ରବି ନାୟକ, କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଆଲପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଷ ଚନ୍ଦ୍ର ବେହେରା ମଞ୍ଚ ସଂଯୋଜନା କରିଥିଲେ । ସହକାରୀ ଶିକ୍ଷକ ସନ୍ତୋଷ କୁମାର ପଟ୍ଟନାୟକ, ଅଂଶୁମାଳୀ ବେହେରା, ଗୀତାଞ୍ଜଳି ମଙ୍ଗରାଜ, ସଚ୍ଚିଦାନନ୍ଦ ବେହେରା, ସଂଯୁକ୍ତା ପଣ୍ଡା, ଜି. ଗଣ୍ଡାପଲୀ, ଅଭିରାମ ପ୍ରଧାନ, ବାଦପଲି ଏବଂ ସତ୍ୟ ପ୍ରଧାନ, ଅଳୁ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ । ତତ୍ ସଙ୍ଗେ ସଙ୍ଗେ ୩ ଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ଶିକ୍ଷାନୁଷ୍ଠାନର କଳାକାର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ତତ୍ ସହିତ ବିଭିନ୍ନ ଖେଳକୁଦ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ସହ ଏକ ସିଲଡ଼ ମଞ୍ଚାସିନ ବ୍ୟକ୍ତି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।



## ନୂଆ ଅତିରିକ୍ତ ଜିଲ୍ଲାପାଳଙ୍କ ଯୋଗଦାନ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ବୁଧବାର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ସମ୍ବିତ କୁମାର ଗରନାୟକ ଯୋଗ ଦେଇଛନ୍ତି । ପୂର୍ବରୁ ସେ ଇଡ୍‌କୋ ଭୁବନେଶ୍ୱର ଠାରେ ଲ୍ୟାଣ୍ଡ ଅଫିସର ଭାବେ କାର୍ଯ୍ୟରତ ଥିଲେ । ବିଦାୟୀ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ପ୍ରଦୀପ କୁମାର ସାହୁ ଓଡ଼ିଶା ସରକାରଙ୍କ କୃଷି ଓ ସଶକ୍ତିକରଣ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛନ୍ତି ।

## ସୂଚନା ଅଧିକାର ଆଇନ ଉପରେ ଆଭାସୀ ଯୋଗେ ଦିନିକିଆ ପ୍ରଶିକ୍ଷଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ସୂଚନା ଅଧିକାର ଆଇନ-୨୦୦୫ର ଧାରା ୪(୧)-ଖ' ଉପରେ ଭିଡିଓ କନଫରେନ୍ସିଂ ଯୋଗେ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱର ଆନୁକୂଲ୍ୟରେ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଏହାର ଆୟୋଜନ ହୋଇଥିବା ବେଳେ ଆଭାସୀ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ରାଜ୍ୟ ସ୍ତରୀୟ ପ୍ରଶିକ୍ଷକ ହର୍ଷ ପରିଚ୍ଛା । କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀ (ପିଆଇଓ) ଓ ପ୍ରଥମ ଅପିଲ୍ ଅଧିକାରୀ (ଏଫ୍‌ଏଏ) ଏହି ପ୍ରଶିକ୍ଷଣରେ ଅଂଶ ଗ୍ରହଣ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ 'ସୂଚନା ଅଧିକାର ଆଇନ-୨୦୦୫ର ଧାରା ୪(୧)-ଖ' ଉପରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଇଥିଲେ । ମାନୁଆଲ ନମ୍ବର ୧ରୁ ୧୭ ପର୍ଯ୍ୟନ୍ତ ସମସ୍ତ ଧାରା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ ପ୍ରଶିକ୍ଷକ ଶ୍ରୀ ପରିଚ୍ଛା । ଲୋକ ସୂଚନା ଅଧିକାରୀ ମାନଙ୍କ ପ୍ରଶ୍ନର ସରଳ ଉତ୍ତର ରଖି ମନରେ ଥିବା ଆଶଙ୍କା ସେ ଦୂର କରିଥିଲେ । ସୂଚନାଯୋଗ୍ୟ, 'ସୂଚନା ଅଧିକାର ଆଇନ-୨୦୦୫ର ଧାରା ୪(୧)-ଖ' ଅନୁଯାୟୀ ମାନୁଆଲ ୧ ଠାରୁ ୧୭ ପର୍ଯ୍ୟନ୍ତ ସମସ୍ତ ତଥ୍ୟ ଅନ୍‌ଲାଇନ୍‌ରେ ସର୍ବସାଧାରଣଙ୍କ ପାଇଁ ସମସ୍ତ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀ ମାନେ ଉଦ୍ଦିଷ୍ଟ କରାଇବା ବାଧ୍ୟତା ମୂଳକ । ନଚେତ୍ ଥାର୍ଡ଼ ପାର୍ଟି ଅଡିଟ୍ ସମୟରେ ସେମାନେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି ।

## ରୋଟାରୀ କ୍ଲବ ଓ ଇନର ହୁଇଲ ପକ୍ଷରୁ ମାଗଣା ଦନ୍ତ ଚିକିତ୍ସା ଶିବିର




**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ରୋଟାରୀ କ୍ଲବ, ଇନର ହୁଇଲ ଏବଂ କିମ୍‌ସ ଡେଣ୍ଟାଲ କଲେଜର ମିଳିତ ଆନୁକୂଲ୍ୟରେ ଲକ୍ଷ୍ମୀପୋଷି ସ୍ଥିତ ସ୍ୱତନ୍ତ୍ର ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ଠାରେ ମାଗଣା ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କୁଇନର ହୁଇଲ ଏବଂ ରୋଟାରୀ କ୍ଲବର ସଦସ୍ୟ ଆୟୋଜନ କରିଥିବା ବେଳେ କିମ୍‌ସ ଡେଣ୍ଟାଲ ହସ୍ପିଟାଲରୁ ୧୬ ଜଣ ଡାକ୍ତର ଏହି ଶିବିରରେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଚିକିତ୍ସା ପ୍ରଦାନ କରିଛନ୍ତି । ତେବେ ଏହି ଶିବିରରେ ୧୩୨ଜଣ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପରେ ଚିକିତ୍ସା ବ୍ୟବସ୍ଥା କରାଯାଇଥିବା ବେଳେ କିମ୍‌ସ ପକ୍ଷରୁ ଏକ ସ୍ୱତନ୍ତ୍ର ଚିକିତ୍ସା ଭ୍ୟାନ୍ ମଧ୍ୟ ନିୟୋଜିତ କରାଯାଇଥିଲା । ଏଭଳି ଏକ ନିଆରା କାର୍ଯ୍ୟକ୍ରମ ପାଇଁ ସହଯୋଗର ହାତ ବଢାଇଥିବା କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଡ଼ଃ ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ରୋଟାରୀ ଏବଂ ଇନାର ହୁଇଲ୍‌ର ସଦସ୍ୟା । ସେହିଭଳି ରଘୁନାଥପୁର ଠାରେ ଥିବା ଜୀବନ ଜ୍ୟୋତି ସେଣ୍ଟରରେ ଥିବା ୩୪ଜଣ ବିଭିନ୍ନ ବର୍ଗର ମାନସିକ ଏବଂ ଶାରୀରିକ ଅକ୍ଷମ ପିଲାମାନଙ୍କର ମଧ୍ୟ ମାଗଣା ଦନ୍ତ ପରୀକ୍ଷା କରିବା ସହିତ ଚିକିତ୍ସା କରାଯାଇଥିଲା । ଏଭଳି ନିଆରା କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଭୁବନେଶ୍ୱର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ ଡେଣ୍ଟାଲ ସାଇନ୍ସରୁ ଆସିଥିବା ଡାକ୍ତର ଆନନ୍ଦମୟୀ ବାଗ୍‌ଚି, ଡାକ୍ତର ପି ଭି ସମୀରଙ୍କ ସହିତ ୧୪ ଜଣିଆ ଟିମ୍, ସମେତ ଡେଣ୍ଟାଲ ଶିବିରର ଚେଆରମେନ ରାକେଶ ସିଂ, ରୋଟାରୀ କ୍ଲବର ସଭାପତି ଜ୍ୟୋତିରଞ୍ଜନ ସାହୁ, ସମ୍ପାଦକ ମୋନଜ କୁମାର ଦାସ, ଇନର ହୁଇଲ କ୍ଲବର ସଭାପତି ରାଜଲକ୍ଷ୍ମୀ ତ୍ରିପାଠୀ ପ୍ରମୁଖଙ୍କ ସମେତ ଡ଼ଃ ପୁଷ୍ପା ପାତ୍ର, ଶ୍ୟାମଳ ପଟ୍ଟନାୟକ, ତିମିର କୁମାର ଘୋଷ, ଅରୁଣ ଦାସ, ପାର୍ବତୀ ମହାପାତ୍ର, ସୌମ୍ୟା ମିଶ୍ର ଏବଂ ପାର୍ବତୀ ବାରିକ ଉପସ୍ଥିତ ରହି ସହଯୋଗର ହାତ ବଢାଇଥିଲେ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୬ / ୫ | ୪ବୃ | ରା୩ / ଶୁ୨ |
| ୭ | ୨୩ / ୧୦ | ର୧ବୁମଚଲ |
| ୮ / ୯କେ | ୧୦ | ଶୁ୧୨ / ୧୧ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୦।୨।୨୦୨୪, ମାଘ ଦି୨୭ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୦୬।୧୯।୨୭ ଚନ୍ଦ୍ରୋଦୟ- ପ୍ରାଘ ୬।୩୯।୧୧**

ପ୍ରତିପଦ- ରାଘ ୧୨।୪୮ ପର୍ଯ୍ୟନ୍ତ । ଧନିଷ୍ଠା ନକ୍ଷତ୍ର - ରାଘ ୮।୩୪ ପର୍ଯ୍ୟନ୍ତ । ମକର ଚନ୍ଦ୍ର - ଦିଘ ୧୦।୦୧ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ଦିଘ ୧୦।୦୧ ଗତେ ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ସିଂହ ରାଶିର । ଦିଘ ୧୦।୦୧ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣି କଖାରୁ ରାଘ ୧୨।୪୮ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୩୬ ଗତେ ଘ୧।୦୮ ମଧ୍ୟେ ରାଘ ୮।୧୨ ଗତେ ଘ ୧୦।୪୪ ମଧ୍ୟେ ।



**ମେଷ:** କର୍ମକ୍ଷେତ୍ରରେ କମ୍ ପରିଶ୍ରମ କରିବେ । ଅନ୍ୟମାନଙ୍କ ଠାରୁ ନିନ୍ଦା ପାଇବେ । ଧନହାନୀ ଯୋଗ ରହିଛି । ରୋଜଗାର ଅପରିବର୍ତ୍ତିତ ରହିବ । ପାରିବାରିକ ସହଯୋଗ ପ୍ରାପ୍ତ ହେବ । ଦେହ ଭଲ ରହିବ ।



**ବୃଷ:** ପାରିବାରିକ ଅବସ୍ଥା ଭଲ ରହିବ ନାହିଁ । ବେପରୁଆ କାର୍ଯ୍ୟ କରି କର୍ମକ୍ଷେତ୍ରରେ ସମାଲୋଚିତ ହେବେ । ଅନିଚ୍ଛା ସତ୍ତ୍ୱେ କର୍ମକ୍ଷେତ୍ରକୁ ଯିବେ । ଆୟ ଓ ବ୍ୟୟ ସମାନ ରହିବ । ମହିଳାମାନେ ଗର୍ବୀ ହେବେ ।



**ମିଥୁନ:** କଥାବାର୍ତ୍ତା ଦ୍ୱାରା ସବୁରି ପ୍ରିୟପାତ୍ର ହେବେ । ପାରିବାରିକ ଜଞ୍ଜାଳ ବଢ଼ିବ । କର୍ମ ପ୍ରାପ୍ତିରେ ବିଳମ୍ବ ଘଟିପାରେ । ପ୍ରଶାସନିକ ସମସ୍ୟାର ସମ୍ମୁଖୀନ ହେବେ । ଆୟ ସ୍ଥିର ରହିବ । ଦେହ ଓ ମନ ଭଲ ରହିବ ।



**କର୍କଟ:** ଆପଣଙ୍କର ମନୋଭିଳାଷ ପୂର୍ଣ୍ଣ ହେଲେ ମଧ୍ୟ କୌଣସି କାରଣରୁ ମନରେ କ୍ରୋଧ ଆସିବ । କିଛି କାରଣ ପାଇଁ ପରିବାର ଓ ସହଯୋଗୀଙ୍କ ପାଇଁ ବିଚଳିତ ହେବେ । ଅଯଥା ଖର୍ଚ୍ଚାନ୍ତ ହେବାର ସମ୍ଭାବନା ।



**ସିଂହ:** କଥାବାର୍ତ୍ତାରେ ସଂଯମତା ରକ୍ଷା ନକଲେ ଅସୁବିଧାରେ ପଡ଼ିପାରନ୍ତି । ମାନ ଓ ସମ୍ମାନରେ ଆଞ୍ଚ ଆସିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ରୋଜଗାରର ପରିମାଣ ବଢ଼ିବ । ମନ ଭଲ ରହିବାର ସୂଚନା ।



**କନ୍ୟା:** କର୍ମକ୍ଷେତ୍ରରେ ପ୍ରତିରୋଧର ସମ୍ମୁଖୀନ ହେବେ । ଅସହଯୋଗ ଯୋଗୁ ବିରକ୍ତି ଲାଗିବ । ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । କୁଟୁମ୍ବେ ଅଶାନ୍ତି । ଅପରାହ୍ନ ଠାରୁ ଆନନ୍ଦ ଲାଗି ରହିବ । ମନ ଅସ୍ଥିର ରହିବ ।



**ତୁଳା:** ପରିଶ୍ରମ ଅନୁସାରେ ଫଳ ପାଇବେ । ପୁରୁଣା କାର୍ଯ୍ୟ ସମାଧାନ ହେବ । ମନ ଭଲ ରହିବ । ଆୟ ଅପେକ୍ଷା ବ୍ୟୟର ପରିମାଣ ଅଧିକ ହେବ । ପରିବାରରେ ସ୍ୱାସ୍ଥ୍ୟ ଚିନ୍ତା ଲାଗି ରହିବ ।



**ବିଛା:** କେତେକ କାର୍ଯ୍ୟ ମନକୁ ଓଜନିଆ କରିବ । ସତର୍କ ନ ହେଲେ ବୃଥା ଅପମାନିତ ହୋଇପାରନ୍ତି । ଆଳସ୍ୟ ପରିହାର କରିବା ଉଚିତ୍ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଶାନ୍ତି ବଜାୟ ରହିବାର ସୂଚନା ।



**ଧନୁ:** ଆଜି ଆପଣଙ୍କର ସମସ୍ତ ମନକାମନା ପୂର୍ଣ୍ଣ ହେବ । କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆଗରୁ ଘରେ ପରାମର୍ଶ କଲେ ଉଚ୍ଚ ଆଶା ସଫଳ ହେବ । ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ । ଭ୍ରମଣ ଯୋଗ ରହିଛି ।



**ମକର:** ଶତ୍ରୁ ବଢ଼ିବ । ନିଜ ଲୋକ ବିପରୀତ ବ୍ୟବହାର କରିବେ । ଆପଣଙ୍କ ଉନ୍ନତି ପଥରେ ବାଧା ଉପୁଜିପାରେ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ । ଆୟ ସାମାନ୍ୟ ବଢ଼ିବ । ଗୃହେ ଆନନ୍ଦ ଦେଖାଦେବ ।



**କୁମ୍ଭ:** ଆଜି ଆପଣଙ୍କ ପାଇଁ ଦିନଟି ସେତେ ଭଲ ନୁହେଁ । ତେଣୁ ସାବଧାନତା ଅବଲମ୍ବନୀୟ । ଆୟ ଅପେକ୍ଷା ବ୍ୟୟ ବଢ଼ିବ । ପରିବାରରେ ସ୍ତ୍ରୀଙ୍କ କଥା ଗ୍ରହଣୀୟ । ବନ୍ଧୁଙ୍କୁ ଦୁଃଖ ଜଣାଇ ଉପକୃତ ହେବେ ।



**ମୀନ:** ପରିଶ୍ରମର ଫଳ କର୍ମକ୍ଷେତ୍ରରେ ଆପଣ ଅନୁଭବ କରିବେ । ଆଶା ଜନକ ଫଳ ଲାଭ କରି ନିଜର ବୈଶିଷ୍ଟ ପ୍ରତିପାଦନ କରିବେ । ପାରିବାରିକ କ୍ଷେତ୍ରରେ ପରିଶ୍ରମ ବୃଦ୍ଧି ପାଇବ । ରୋଜଗାର ଭଲ ହେବ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

## ସୁଧ ବଦଳାଇଲାନି ରିଜର୍ଭ ବ୍ୟାଙ୍କ

ମୁଦ୍ରାନୀତି ସମୀକ୍ଷା କରି ଲଗାତାର ଷଷ୍ଠ ଥର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ସୁଧ ଅପରିବର୍ତ୍ତିତ ରଖିଥିବାରୁ ଋଣ ନେଇଥିବା ଗ୍ରାହକଙ୍କ ମାସିକ କିସ୍ତି ବା ଇଏମ୍ଆଇରେ କୌଣସି ପରିବର୍ତ୍ତନ ହେବନାହିଁ। ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ନେତୃତ୍ୱାଧୀନ ମୁଦ୍ରାନୀତି କମିଟି ୫:୧ ଭୋଟ୍‌ରେ ସୁଧ ଅପରିବର୍ତ୍ତିତ ରଖିବା ନିଷ୍ପତ୍ତି ନେଇଛି। ଦରଦାମ୍ ସ୍ଥିତି ଉପରେ ଲଗାମ କଷିବା ଲାଗି ରେପୋ ହାର ୬.୫%ରେ ଅପରିବର୍ତ୍ତିତ ରଖାଯାଇଛି। ଶେଷ ଥର ପାଇଁ ୨୦୨୩ ଫେବ୍ରୁଆରିରେ ଏହି ସୁଧ ବଢ଼ିଥିଲା। ମୁଦ୍ରାସ୍ଫୀତି ହାର ୫.୪ ପ୍ରତିଶତ ଓ ଅଭିବୃଦ୍ଧି ହାର ୭ ପ୍ରତିଶତ ରହିବ ବୋଲି ରିଜର୍ଭ ବ୍ୟାଙ୍କ ଆକଳନ କରିଛି।ଦରବୃଦ୍ଧିର ମୁକାବିଲା କରିବା ଲାଗି ରେପୋ ହେଉଛି ରିଜର୍ଭ ବ୍ୟାଙ୍କର ସବୁଠୁ ଶକ୍ତିଶାଳୀ ଅସ୍ତ୍ର। ଏହି ହାର ବୃଦ୍ଧି ହେଲେ ବଜାରରେ ଥିବା ନଗଦ ରାଶି ପରିମାଣ ହ୍ରାସ ପାଇଥାଏ। ବ୍ୟାଙ୍କଗୁଡ଼ିକ ଋଣ ସୁଧ ହାର ବଢ଼ାଇ ଦିଅନ୍ତି। ପରୋକ୍ଷରେ ବଜାରରୁ ନଗଦ ପ୍ରବାହ କମିଯାଏ। ସେହିପରି ଅର୍ଥନୀତି ଖରାପ ସମୟ ଦେଇ ଗତି କରୁଥିବା ବେଳେ ଅର୍ଥନୈତିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା ଲାଗି ରିଜର୍ଭ ବ୍ୟାଙ୍କ ରେପୋ ହାର ହ୍ରାସ କରନ୍ତି ଯାହା ଫଳରେ ବଜାରରେ ଅଧିକ ନଗଦ ରାଶି ପହଞ୍ଚିଥାଏ।

ଋଣ ନେବା ବେଳେ ଗ୍ରାହକଙ୍କ ଉପର ଲଦିଦିଆଯାଉଥିବା ଗୋପନ ଶୁଳ୍କଗୁଡ଼ିକୁ ବନ୍ଦ କରିବା ଲାଗି ରିଜର୍ଭ ବ୍ୟାଙ୍କ ପଦକ୍ଷେପ ନେଇଛନ୍ତି। ଗ୍ରାହକଙ୍କ ପାଇଁ ପ୍ରକୃତ ସୁଧ କେତେ ତାହା ଜଣାଇବା ଲାଗି ବ୍ୟାଙ୍କ ଓ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ଅନୁଷ୍ଠାନଗୁଡ଼ିକୁ ରିଜର୍ଭ ବ୍ୟାଙ୍କ କହିଛି। ଋଣର କ' ଫ୍ୟାକ୍ଟ ସିଟ୍ (କେଏଫ୍ଏସ୍)ରେ ବ୍ୟାଙ୍କଗୁଡ଼ିକ ସୁଧ ହିସାବରେ ଯୋଡ଼ାଯାଇଥିବା ପ୍ରୋସେସିଂ ଫି', କାଗଜପତ୍ର ଶୁଳ୍କ ଆଦି ବିଷୟରେ ବ୍ୟାଙ୍କଗୁଡ଼ିକ ସୂଚନା ଦେବେ। ଏହା ଦ୍ୱାରା ଗ୍ରାହକମାନେ ଜାଣିପାରିବେ ଯେ ସେମାନେ ବର୍ଷକୁ ପ୍ରକୃତରେ କେତେ ସୁଧ ଗଣୁଛନ୍ତି। ଡିଜିଟାଲ୍ ମାଧ୍ୟମରେ ଋଣ ଦେଉଥିବା ଆପ୍ଗୁଡ଼ିକ ଲାଗି ମଧ୍ୟ ଏହି ନିୟମ ଲାଗୁ ହେବ।

ଡିଜିଟାଲ୍ ପେମେଣ୍ଟ କରିବା ଲାଗି ୱାନ୍ ଟାଇମ୍ ପାସ୍‌ୱାର୍ଡ (ଓଟିପି) ବ୍ୟବସ୍ଥା ବେଶ୍ ଲୋକପ୍ରିୟ ରହିଛି। ତେବେ ଏ କ୍ଷେତ୍ରରେ ଅଧିକ ସ୍ୱାଧୀନତା ଓ ବିକଳ୍ପ ପ୍ରଦାନ କରିବା ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ କାମ କରୁଛି। ଗଭର୍ଣ୍ଣର ଶ୍ରୀ ଦାସ କହିଛନ୍ତି ଯେ ଡିଜିଟାଲ୍ କାରବାର ଲାଗି ଏକ ନୂଆ ଫ୍ରେମ୍‌ୱର୍କ ଆସିବ। ପ୍ରଯୁକ୍ତିରେ ବେଶ ଉନ୍ନତି ହୋଇଥିବାରୁ ବିକଳ୍ପ ବ୍ୟବସ୍ଥା କରିବା ଉପରେ ବିଚାର ଚାଲିଛି। ଏହାଦ୍ୱାରା ଆର୍ଥିକ ସଂସ୍ଥାଗୁଡ଼ିକୁ ପେମେଣ୍ଟ କାରବାରକୁ ସଫଳ କରିବା ଲାଗି ଓଟିପି ଭିନ୍ନ ଅନ୍ୟ ଉନ୍ନତ ବ୍ୟବସ୍ଥା ବ୍ୟବହାର କରିବାର ସ୍ୱାଧୀନତା ମିଳିବ। ଏହା ଦ୍ୱାରା ଡିଜିଟାଲ୍ ପେମେଣ୍ଟ କ୍ଷେତ୍ରରେ ସୁରକ୍ଷା ବଢ଼ିବ।

ଭାରତୀୟ ରିଜର୍ଭ ବ୍ୟାଙ୍କ ବିକାଶ କରିଥିବା ଡିଜିଟାଲ୍ ଟଙ୍କାକୁ କିଭଳି ଅଫ୍‌ଲାଇନ୍‌ରେ କାରବାର କରିହେବ ସେଥିପାଇଁ ବ୍ୟବସ୍ଥା ବିକାଶ କରାଯାଉଛି। ସାଧାରଣତଃ ଇଣ୍ଟରନେଟ୍ ସଂଯୋଗ ଥିବା ବେଳେ ଅନ୍‌ଲାଇନ୍‌ରେ ଡିଜିଟାଲ୍ ଟଙ୍କା କାରବାର ହେଉଛି। କିନ୍ତୁ ଇଣ୍ଟରନେଟ୍ ନଥିବା ସ୍ଥାନରେ ତାହାକୁ ଯେଭଳି ନିରବଚ୍ଛିନ୍ନ ଭାବେ ବ୍ୟବହାର କରିହେବ ସେଦିଗରେ ରିଜର୍ଭ ବ୍ୟାଙ୍କ କାମ କରୁଛି। ବିଶେଷ କରି ପାହାଡ଼ିଆ, ଗ୍ରାମାଞ୍ଚଳ ଆଦିରେ ଯେଭଳି ଡିଜିଟାଲ୍ ଟଙ୍କା ସହଜରେ ବ୍ୟବହାର ହୋଇପାରିବ ସେଥିପାଇଁ ଯୋଜନା କରାଯାଉଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ଅନନ୍ତ ଚିନ୍ତନ

ନକାରା ସକାରମ୍‌ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମ୍ବକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)

ନ ଭାବ ନଚିନି ତୁରେ
ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)

(କ୍ରମଶଃ)

## କାବ୍ୟ କୌଣ୍ଡିନ୍ୟ–୩୧

### କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜତ୍ୱର, ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

### ପାତାଳ କେଉଁଠି ?

ଏଣୁ ତେଣୁ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

'ଏପର୍ଯ୍ୟନ୍ତ ଗୀତ ମାନଙ୍କର ବିଷୟବସ୍ତୁ ହେଲା ଯେ, ସୋମା ଓ କୌଣ୍ଡିନ୍ୟ ସୋମାଙ୍କର ପିତାମହ, ଯେକି ପାତାଳର ରାଜା ଅଟନ୍ତି, ତାଙ୍କ ଆଶୀର୍ବାଦ ନେଇ ବିବାହ କରିବାକୁ ପାତାଳପୁରକୁ ଏକତ୍ର ଗମନ କଲେ। କିନ୍ତୁ ସେ ସମୁଦ୍ର ପଥରେ କିପରି ଗଲେ, ପାତାଳପୁର କେଉଁଠି ଆଦି ବିଷୟରେ ଏପର୍ଯ୍ୟନ୍ତ କିଛି ଲେଖାଯାଇନାହିଁ। ତେଣୁ ଏ ବିଷୟ ଏହି ଗୀତରେ ଆମ୍ଭ ମତ ଅନୁଯାୟୀ ଏ ସବୁ ବାସ୍ତବରେ କ'ଣ ହୋଇପାରେ ତାହା ସ୍ଥାନିତ ହୋଇଛି। କାରଣ ଏ ସବୁ କେତେକ ଅବାସ୍ତବ ତଥ୍ୟ ଆଧାରରୁ ସଂଗୃହୀତ ହୋଇଅଛି ଯାହା ନିଶ୍ଚୟ ପ୍ରକୃତ ତଥ୍ୟ ନୁହେଁ।

ଏ ପରିପ୍ରେକ୍ଷୀରେ ଏଠାରେ କହୁଅଛି ଯେ ଉପରୋକ୍ତ ସୋମା ଓ କୌଣ୍ଡିନ୍ୟଙ୍କ ପାତାଳଗମନ ବିଷୟରେ ଅଭିଲେଖ ଆଦି ତଥ୍ୟ ଉପରେ ପର୍ଯ୍ୟବସିତ ନୁହେଁ। ବର୍ତ୍ତମାନର ଥାଇଲାଣ୍ଡ, କମ୍ବୋଡିଆ ଆଦି ଅଂଚଳରେ ଏ ବିଷୟରେ ଅନେକ ଅତିରଂଜିତ ଅବାସ୍ତବ କିମ୍ବଦନ୍ତୀମାନ ପ୍ରଚଳିତ ହୋଇ ଆସୁଅଛି। କିମ୍ବଦନ୍ତୀ ଗୁଡିକ ଅନେକାଂଶରେ ମନଗଢା ଥିଲେ ମଧ କେତେକରେ ଐତିହାସିକ ତଥ୍ୟ ଲୁଚି ରହିଥିବାର ମନେ ହୁଏ। ତେଣୁ ଏପରି କିମ୍ବଦନ୍ତୀରୁ କେତେକ ଅଲୌକିକ, ଅସମ୍ଭବ କଥା ଆଦିକୁ ବାଦଦେଇ ମୂଳ ବାସ୍ତବ କଥାକୁ ସ୍ୱୀକାର କଲେ କିମ୍ବଦନ୍ତୀ ନିଶ୍ଚୟ ଐତିହାସିକ ତଥ୍ୟାବଳୀ ହେବାର ସମ୍ଭାବନା ରହିଥାଏ। ତେଣୁ ଏ ବିଷୟକ କିମ୍ବଦନ୍ତୀ ବାସ୍ତବରେ କ'ଣ ହୋଇପାରେ ତାହା ଏଠାରେ ପରିପ୍ରକାଶ କରିବାର ପ୍ରୟାସ କରୁଅଛି।

କିମ୍ବଦନ୍ତୀଟି କହେ ଯେ, ସୋମା ଓ କୌଣ୍ଡିନ୍ୟ ସମୁଦ୍ର ଦେଇ ପାତାଳପୁର ଗମନ କରିଥିଲେ। ସୋମା ମନ୍ତ୍ରବଳରେ ଜଳ ଉପରେ ଗମନ କଲେ ଓ କୌଣ୍ଡିନ୍ୟ ତାଙ୍କ ପଣତକାନି ଧରି ଗଲେ। ଏହି କଥା ତଥା ପାତାଳପୁର, ନାଗଲୋକ ଆଦି ବିଷୟରେ ଆମ ପୁରାଣ ତଥା ଭାରତ ବାହାରେ ଯେଉଁ ସବୁ କଥା ରହିଅଛି ସେ ବିଷୟକ ବାସ୍ତବ ତଥ୍ୟାବଳୀ କ'ଣ ଏ ଗୀତରେ ତାହା ସୂଚିତ ହୋଇଅଛି। ଆଉ ଏକ କଥା ଯେ, ଆଜି ମଧ କମ୍ବୁଜ ଅଂଚଳରେ ସୋମା ଓ କୌଣ୍ଡିନ୍ୟଙ୍କ ପାତାଳ ଗମନରେ ଯେଉଁ ପ୍ରକାର ବସ୍ତ୍ର ପିନ୍ଧିଥିଲେ, ତାହାକୁ ସେଠାକାର ବିବାହ ସମୟର ପୋଷାକ ଭାବେ ସେ କାଳରୁ ପ୍ରଚଳିତ ହୋଇଆସୁଅଛି। ତେଣୁ ଏ କିମ୍ବଦନ୍ତୀର ଯଥେଷ୍ଟ ଐତିହାସିକ ମହତ୍ତ୍ୱ ଥିଲା ପରି ମନେହୁଏ। ନିମ୍ନରେ ଅବଗତି ନିମିତ୍ତ ଚଳିତ ଗୀତଟିର ଉପସ୍ଥାପନା କରାଗଲା।

ଏହା ଉଲ୍ଲେଖଯୋଗ୍ୟ ଯେ ଏ ଗୀତର ପ୍ରତ୍ୟେକ ପଦର ୪ଟି ଅଂଶ ରହିଅଛି। ପ୍ରଥମ ଓ ତୃତୀୟ ଅଂଶର ସର୍ବଦା ପ୍ରଥମ ଅକ୍ଷର 'ପ' ଅଟେ ଏବଂ ଦ୍ୱିତୀୟ ଓ ଚତୃର୍ଥ ଅଂଶର ଆଦ୍ୟ ଅକ୍ଷର ସର୍ବଦା 'ଅ' ବା 'ଆ' ଅଟେ। ଏପରି ଲେଖିବାର ମୋର ଏକ ନୂତନ ପ୍ରଚେଷ୍ଟା। ପଢନ୍ତୁ।

ପୁରାଣମାନେ କହନ୍ତି
ଅଛି ବ୍ରହ୍ମାଣ୍ଡେ ତ୍ରିପୁର
ପୁର ତିନି ସେ ଯୁଗରେ
ଅଟନ୍ତି ଯେ ତିନିତଳ ||୧||

ପ୍ରତି ପୁର ଯେ, ବିଚ୍ଛିନ୍ନ
ଅଟଇ ପରସ୍ପରର
ପାତାଳ ପୃଥିବୀ ସ୍ୱର୍ଗ
ଅଛି ନିମ୍ନରୁ ଉପର ||୨||

ପାତାଳରୁ ମର୍ତ୍ତ୍ୟଲୋକ
ଆସିବା ଯିବାର ପଥ
ପାରାବାର ଲଂଘିବା ହିଁ
ଅଟେ ଆଶ୍ରା ଏକମାତ୍ର ||୩||

ପୃଥିବୀରୁ ସ୍ୱର୍ଗରାଜ୍ୟ
ଆସିବା ଯିବା ନିର୍ମିତ
ପଥ ଅଟଇ କେବଳ
ଆକାଶ ଯା ସର୍ବବ୍ୟାପ୍ତ ||୪||

ପରନ୍ତୁ ନୁହେଁ ଏ ସତ୍ୟ
ଅତିରଂଜିତ କେବଳ
ପୃଥିବୀ ଯେ ଏକ ଗ୍ରହ
ଅଛନ୍ତି ଯହିଁ ତ୍ରିପୁର ||୫||

ପରବତ ହିମାଳୟ
ଅଟଇ ଯେ ସ୍ୱର୍ଗପୁର
ପାତାଳ ନିମ୍ନ ପାରାବାରେ
ଅବସ୍ଥିତ ଦ୍ୱୀପପର ||୬||

ପୁରାଣକାର ଦେଖାଇ
ଆପଣାର ସୁକବିତ୍ୱ
ପରିବର୍ତ୍ତନ କରିଲେ
ଆଣି ଅବାସ୍ତବ ଚିତ୍ର ||୭||

ପାଠକେ ପଢ଼ ପୁରାଣ
ଅଟେ ଯାହା ଇତିହାସ
ପରନ୍ତୁ ଭୁଲିଣ ତା'ର
ଅବାସ୍ତବ ମିଥ୍ୟା ଅଂଶ ||୮||

ପ୍ରକୃତ ପାତାଳ ତେଣୁ
ଅବସ୍ଥିତ ମହି ପର
ପ୍ରଜାମାନେ ନାଗବଂଶୀ
ଅସଂଖ୍ୟ ଯେ ନାରୀନର ||୯||

ପୁରାଣ କହେ ବଢ଼ାଇ
ଅଟନ୍ତି ସର୍ପ ସେମାନେ
ପ୍ରକୃତି ପକ୍ଷେ ମଣିଷ
ଆମ୍ଭେମାନେ ଅଟୁ ଯେହ୍ନେ ||୧୦||

ପ୍ରକାଶିବି ଏ ବିଷୟେ
ଆଉ ଏକ ପର ଗୀତେ
ପିତା ଉଭୟ ଜାତିର
ଅଟନ୍ତି ଏକ କେମନ୍ତେ ||୧୧||

ପିତାମହ ସୋମାଙ୍କର
ଆସୀନ ରାଜପଦରେ
ପ୍ରିୟ ଥିଲେ ତିନି ପୁରେ
ଅବିଦିତ ସେ କାଳରେ ||୧୨||

ପୃଷ୍ଠଭୂମି ଏ ପ୍ରକୃତ
ଆଧାର ଏହାର ବଳେ
ପାତାଳ ଗମନ କଥା
ଆଣିଲି ମୁଁ ବାସ୍ତବରେ ||୧୩||

ପୁରାତନ କିମ୍ବଦନ୍ତୀ
ଅନୁଯାୟୀ ଜଳ ପରେ
ପାତାଳ ଚାଲିଲେ ସୋମା
ଆବେଗେ ମନ୍ତ୍ର ବଳରେ ||୧୪||

ପ୍ରିୟତମ କୌଣ୍ଡିନ୍ୟ ଯେ
ଅଞ୍ଚଳ ଧରି ବୀରାଙ୍କ
ପଥ କଲେ ଅତିକ୍ରମ
ଅନୁସରିଣ ପଦାଙ୍କ ||୧୫||

ପ୍ରକୃତ କଥା ଯେ ବସି
ଆଗେ ସୋମା ପଛେ ବୀର
ପାରହେଲେ ପାରାବାର
ଅତି କଷ୍ଟେ ନୌକାପର ||୧୬||

ପଣତ କାନି ସୋମାଙ୍କ
ଆଶ୍ରୟ ନେଇଣ ବୀର
ପ୍ରାଦୁର୍ଭାବ ତରଙ୍ଗର
ଅନାୟାସେ କଲେ ଦୂର ||୧୭||

ପାତାଳ କଥା ଏପରି
ଦୁର୍ଗାଚରଣ ଯାଏ ଲେଖି
ପ ଅକ୍ଷର ଆଦ୍ୟ ଭାଗେ
ଅ' ଆ ପର ଅଂଶେ ରଖି ||୧୮||

**ଶବ୍ଦାର୍ଥ :**

**ପଦ (୧)ରୁ (୭) :** ତ୍ରିତଳ-ତଳ ଉପର ହୋଇ ତିନୋଟି ସ୍ତରରେ ରହିକରି। ବିଚ୍ଛିନ୍ନ-ଅଲଗା। ମର୍ତ୍ତ୍ୟଲୋକ-ପୃଥିବୀ। ପାରାବାର-ସମୁଦ୍ର। ଯା-ଯିଏ, ଯାହା। ଅତିରଂଜିତ-ବଢାଇ ଚଢାଇ କହିବା। ନିମ୍ନ ପାରାବାର-ପୃଥିବୀର ଭୂମିଭାଗରୁ ତଳକୁ ଥିବା ସାଗର। ଆପଣାର-ନିଜର।

**ପଦ (୯)ରୁ (୧୩) :** ମହି-ପୃଥିବୀ। ଯେହ୍ନେ-ଯେପରି। ଉଭୟ ଜାତିର-ନାଗ ଓ ମନୁଷ୍ୟ ଜାତି। ଅବିଦିତ-ବିଖ୍ୟାତ। ପୃଷ୍ଠଭୂମି-ପଛର କଥା।

**ପଦ (୧୪)ରୁ (୧୭) :** କିମ୍ବଦନ୍ତୀ-ମନଗଢା କଥା ଆଦି। ଅଞ୍ଚଳ-ଶାଢି ବା ପୋଷାକର ଝୁଲୁଥିବା ଅଂଶ, ପଣତକାନି। ଅନୁସରିଣ-ପଛେ ପଛେ ରହି। ପଦାଙ୍କ-ପାଦଚିହ୍ନ ଅର୍ଥାତ୍ ସେ ଯେଉଁ ଆଡେ ଗଲେ ତାଙ୍କ ପଛରେ। ପ୍ରାଦୁର୍ଭାବ-ହଇରାଣ, କଷ୍ଟ ଦେବା। ତରଂଗ-ଢେଉ। ଅନାୟାସେ-ବିନା କଷ୍ଟରେ।

## ପରିବର୍ତ୍ତନର ପୃଥିବୀରେ ଶ୍ରମିକ ଆନ୍ଦୋଳନ



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩
E-mail: mayadharnayak2014@gmail.com

ସମୟ ଥିଲା, ଏତେ କଳକାରଖାନା କି ଯନ୍ତ୍ରଶିଳ୍ପ ନ ଥିଲା – ଥିଲା କେବଳ କୌଳିକ କର୍ମାଧାରିତ କୁଟୀରଶିଳ୍ପ। ଲୋକେ ସେତେବେଳେ ମଣିଷ ଥିଲେ। ମାଟିକୁ ମା' ମଣି ଚାଷକରି ଖାଦ୍ୟ ଉତ୍ପାଦନ କରି ବଂଚୁଥିଲେ। ଶିଳ୍ପବିପ୍ଳବ ପରେ କୃଷି ଧୀରେ ଧୀରେ କ୍ଷୟିଷ୍ଣୁ ହେବାକୁ ଆରମ୍ଭ କଲା। ଯନ୍ତ୍ର ସାହାଯ୍ୟରେ କୃତ୍ରିମ ଉପାୟରେ ଖାଦ୍ୟ ଉତ୍ପାଦନ ହେଲା। କୃଷିକ୍ଷେତ୍ରରେ ନିଯୁକ୍ତ ଶ୍ରମଜୀବୀମାନେ ବାଧ୍ୟ ହୋଇ ଶିଳ୍ପକ୍ଷେତ୍ରରେ ନିଯୁକ୍ତିପ୍ରାପ୍ତି ପାଇଁ ସହରାଭିମୁଖୀ ହେଲେ। ଗାଁ ହେଲା ଖାଁ ଖାଁ। ହୁଡ଼ା, ହିଡ, ହାଡ଼ର ହାହାକାର ଆଉ ହା' ଅନ୍ନର ଆର୍ତ୍ତନାଦରେ ହଜିଗଲା ସରଳ ସବୁଜ ସ୍ୱପ୍ନ – ସ୍ୱଚ୍ଛନ୍ଦ, ସ୍ୱତଃସ୍ଫୂର୍ତ୍ତ ଜୀବନ। ଆଜି ଅସଲ ଶ୍ରମିକ କାନ୍ଦୁଛି ଫୁଙ୍ଗୁଳା ଫଟାଭୂଇଁରେ ଆଉ ଶୁନଶାନ୍ ଶିଳ୍ପାନୁଷ୍ଠାନରେ। ଉପରେ ଧୂମଛାୟାଚ୍ଛନ୍ନ ଆକାଶ, ତଳେ ଚୁଲିନାହିଁ କି ଚାଳ ନାହିଁ– ଶ୍ରମିକ ବସିଛି ବାଟ ଚାହିଁ। କମଳାରଂଗର ଗ୍ରହ ଆମର ଏ ପୃଥିବୀରେ ଶ୍ରମିକର ଜୀବନ ଆଜି କାମଳଗ୍ରସ୍ତ।

ବର୍ତ୍ତମାନ ଏ ବିଶ୍ୱ ଆଧୁନିକ କ୍ରିତଦାସଯୁଗକୁ ଫେରିଆସିଲାଣି। କ୍ରିତଦାସମାନଙ୍କର ସ୍ୱାଧୀନତା ନଥାଏ – ଏ ଆଧୁନିକ କ୍ରୀତଦାସମାନଙ୍କର ମଧ ସ୍ୱାଧୀନତା ଆଦୌ ନାହିଁ। ଏମାନେ ଜଘନ୍ୟ ଶୋଷଣରଶିକାର, ଧମକ, ହିଂସା, ବାଧ୍ୟବାଧକତା, ପ୍ରତାରଣାରୁ ମୁକୁଳି ପାରୁନାହାଁନ୍ତି। ବାଧ୍ୟତାମୂଳକଶ୍ରମ, ବାଧ୍ୟତାମୂଳକବିବାହ, ଋଣବନ୍ଧକ, ବଳପୂର୍ବକବେପାର, ଯୌନଶୋଷଣ, ମାନବଚାଲାଣ, ଶିଶୁମାନଙ୍କୁ ଶୋଷଣ ଓ ଚାଲାଣ, ବିକ୍ରୟ, ନାରୀମାନେ ଖୁଲମ୍‌ଖୁଲ୍ଲା ଅତ୍ୟାଚାରିତ, ସର୍ବୋପରି କ୍ରିତଦାସ ଭଳି ଜୀବନ। ଏମାନଙ୍କର କୌଣସି ସ୍ୱାଧୀନତା ନାହିଁ। ଏହି ଆଧୁନିକ ଦାସତ୍ୱ ପଛର କାରଣ – ଜଳବାୟୁ ପରିବର୍ତ୍ତନ, ଲିଙ୍ଗଗତ ଅସମାନତା, କୋଭିଡ-୧୯, ସଂଘର୍ଷ, ଯୁଦ୍ଧ, ଜବରଦସ୍ତ ବାଲ୍ୟବିବାହ, ଅନାଥ ଶିଶୁମାନଙ୍କୁ ଚାଲାଣ ଓ ବିକ୍ରି, ପ୍ରାୟୋଜିତ ଗୋତିଶ୍ରମିକ, ଦାଦନ ଶ୍ରମିକ ଆଦି ଆଧୁନିକ ଦାସତ୍ୱର ଲକ୍ଷଣ।

ଏବେ ସମଗ୍ର ବିଶ୍ୱରେ ଆଠଶହକୋଟି ମଣିଷ। ଏମାନଙ୍କ ମଧ୍ୟରୁ ପାଞ୍ଚଶହକୋଟି ମଣିଷ ଆଧୁନିକ କ୍ରିତଦାସ। ଧିରେ ଧିରେ କ୍ରିତଦାସଙ୍କ ସଂଖ୍ୟା ବଢିବାରେ ଲାଗିଛି। ସୁଖୀଦେଶରୁ ଦୁଃଖୀଦେଶ ପର୍ଯ୍ୟନ୍ତ ସବୁଦେଶରେ ଊଣାଅଧିକେ ଆଧୁନିକ କ୍ରିତଦାସ ଭର୍ତ୍ତି। ଆମେ ସତରେ କ'ଣ ସେଇ ରଜାଜମିଦାର, ସାମନ୍ତବାଦ, ସାମ୍ରାଜ୍ୟବାଦ, ପୁଞ୍ଜିବାଦ, ଫାସିବାଦ ନାଗଫାଶ ବନ୍ଧନରେ ବାନ୍ଧିହେଇଯାଉଛେ କି ? ଏଇ ବିଶ୍ୱରେ କ୍ରିତଦାସ ପ୍ରଥା, କ୍ଷମତା, ସଂପତ୍ତି, ନାରୀପାଇଁ କେତେଯେ ଯୁଦ୍ଧ ହୋଇଯାଇଛି – କେତେ ଯେ ବିପ୍ଳବ ସଂଗଠିତ ହୋଇଛି – ଇତିହାସ ତା'ର ମୂକସାକ୍ଷୀ। ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିଠାରୁ ଆଜି ୨୦୨୪ ପର୍ଯ୍ୟନ୍ତ କେତେ ନଦୀରେ କେତେ ଯେ ଜଳ ବୋହିଗଲାଣି, ଦେଶେଦେଶେ କେତେଯେ ମୌସୁମୀବାୟୁ ପ୍ରବାହିତ ହୋଇଗଲାଣି – ମାଲିକର ଶୋଷଣ ଯଜ୍ଞବେଦୀରେ କେତେ ଯେ ଶ୍ରମଜୀବୀ ମଣିଷ ବଳିପଡିଗଲେଣି – ତାହାର ହିସାବ ନାହିଁ। ଆମେରିକା-ଇଂଲଣ୍ଡ ପ୍ରମୁଖ ଦେଶରେ ଶ୍ରମିକମାନଙ୍କୁ ଅଠରଘଣ୍ଟା ପର୍ଯ୍ୟନ୍ତ ଖଟାଯାଉଥିଲା। ଅସ୍ୱାସ୍ଥ୍ୟକର ପରିବେଶ, ଅଖାଦ୍ୟ, ରୋଗରେ ଶ୍ରମିକମାନେ ମରୁଥିଲେ। ମାଲିକଶ୍ରେଣୀର ଜଘନ୍ୟ ଶୋଷଣ ବିରୋଧରେ ଆଠଘଣ୍ଟା ଶ୍ରମଦିବସ ଦାବିକରି ୧୮୮୬ ମେ' ପହିଲାରେ ଆମେରିକାରେ ଶ୍ରମିକମାନେ ବିଦ୍ରୋହକରି ରକ୍ତନଦୀ ବୁହାଇଦେଇଥିଲେ। ସେହିଦିନଠାରୁ ସାରାବିଶ୍ୱରେ ୮ ଘଣ୍ଟା ଶ୍ରମଦିବସ ପ୍ରଚଳନ ହୋଇଆସୁଛି। ୧୩୭ବର୍ଷ ତଳର ସେ ଆଠଘଣ୍ଟାକୁ ଏବେ ଚୀନ୍ ୧୨ଘଣ୍ଟା ଓ ଭାରତ କିଛି ରାଜ୍ୟରେ ୧୨ଘଣ୍ଟା ଶ୍ରମଦିବସ କରିସାରିଲେଣି।

ରାଜରାସ୍ତାରେ ଶ୍ରମିକ ଆନ୍ଦୋଳନ ଚାଲିଥିଲା ବେଳେ ବିଧାନସଭା, ଲୋକସଭାରେ ମଧ ଶ୍ରମିକ ସମସ୍ୟା ନେଇ ହଜାରେ ହୋହାଲ୍ଲା। ରାଜରାସ୍ତାରେ ଅସଲ ଶ୍ରମିକର ଆନ୍ଦୋଳନର ରଙ୍ଗ ଧୂଳିଧୂସର, ବିଧାନସଭାରେ ଶ୍ରମିକଙ୍କ ପାଇଁ ରଣହୁଂକାର ଶେଷରେ କୁମ୍ଭୀର କାନ୍ଦଣାରେ ମୁଖର। ବିଧାନସଭା ଅଚଳ। ଶାସକ ଓ ବିରୋଧୀ ଦଳଙ୍କ ବୁଝାମଣାରେ ଶ୍ରମଜୀବୀଙ୍କ ସମସ୍ୟା ସିନା ଆଲୋଚନା ହେଉଛି, କିନ୍ତୁ ବାଟ ଫିଟୁ ନାହିଁ କିଛି। ଆଲୋଚନାରେ ଯେଉଁମାନେ ଭାଗନେଲେ ଜଣେ ଦି'ଜଣଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କର ଶ୍ରମିକଙ୍କ ସମସ୍ୟା ସଂପର୍କରେ ଅନଭିଜ୍ଞତା ସ୍ପଷ୍ଟ ପ୍ରକଟିତ।

ଏବେ କଳକାରଖାନାଗୁଡ଼ିକରେ ଛଟେଇର ଛାଟମାଡ଼ ସାଙ୍ଗକୁ ଶିଳ୍ପରେ ମାନ୍ଦାବସ୍ଥା ଭୟଙ୍କର ଭାବେ ଦେଖାଦେଇଥିବାରୁ ପୁଣି ସହରାଭିମୁଖୀ ଶ୍ରମଜୀବୀ କୃଷିକାର୍ଯ୍ୟକୁ ଆପଣାଇ ନେବା ହଠାତ୍ ସମ୍ଭବ ନୁହେଁ। ଯଦି ଏକ ସୁସ୍ଥ ସମାଜର କେନ୍ଦ୍ରବିନ୍ଦୁ ଶ୍ରମଜୀବୀର କୃତିକୁ ନେଇ ସୃଷ୍ଟି କରାଯାଏ, ତା'ହେଲେ ସଭ୍ୟତା ଓ ସଂସ୍କୃତି ସୁରକ୍ଷିତ ରହିବା ଦିଗରେ କୌଣସି ଶ୍ରେଣୀଶତ୍ରୁର ସଇତାନି ସକ୍ରିୟ ହୋଇ ପାରିବ ନାହିଁ। ଶ୍ରମଜୀବୀମାନେ ମାଟିର ମଣିଷ କେବଳ ନୁହଁନ୍ତି, ସେମାନେ ସ୍ୱାଭାବିକ ଭାବେ ଜନସମାଜର ଜାଗ୍ରତ ପ୍ରହରୀ।

ବର୍ତ୍ତମାନ ଶ୍ରମିକ ଆନ୍ଦୋଳନ ବିପଥଗାମୀ – ଶ୍ରମିକମାନେ ଅର୍ଥନୈତିକ ସୁବିଧାବାଦୀ ହୋଇଯାଇଛନ୍ତି। ଯେଉଁ ନେତା ବେଶି ମଜୁରୀ ଦରମା, ବୋନସ୍ ଦିଆ କରେଇବ ସେ କଥା ଶୁଣି ପାଟିରୁ ଲାଳ ବୋହିଯାଉଛି। ଯେଉଁ ଗୁହାଳରେ ସେମାନେ ବର୍ଷବର୍ଷ ଧରି ସୁରକ୍ଷାରେ ରହିଆସିଥିଲେ – ହଠାତ୍ ପଘା ଛିଣ୍ଡେଇ ଡିଆଁମାରି ଠକଙ୍କ ଗୁହାଳକୁ ପଳେଇଯାଇ ଖୋଲା ଆକାଶ ତଳେ ପଡିରହୁଛନ୍ତି। ସେ ନେତା ଗୋରୁପଲକୁ ଦେଖାଇ ହାତ ଚିକ୍କଣ କରେ – ଶ୍ରମିକମାନେ ଠକିଯିବାପରେ ଆଉ ପୂର୍ବ ଗୁହାଳକୁ ଫେରିପାରନ୍ତି ନାହିଁ – ହତାଶା, ନିରାଶା, ହୋଇ ଶୋଷଣର ଶିକାର ହୁଅନ୍ତି। ପ୍ରାୟ ୯୫ ଭାଗ ଶ୍ରମିକ ଆନ୍ଦୋଳନନେତାଙ୍କୁ ଶିଳ୍ପପତିମାନେ କିଣାଚାକର କରିଦେଇଛନ୍ତି – ୫ ଭାଗେ ସଚ୍ଚାନେତାଙ୍କ ନେତୃତ୍ୱ ନେବାକୁ କେହି ଆସୁନାହାଁନ୍ତି। ଗୋଟିଏ ଗୋଟିଏ ଶିଳ୍ପାନୁଷ୍ଠାନ, କଳକାରଖାନା, ଖଣି, ବନ୍ଦର ପ୍ରମୁଖରେ ଦୋକାନ ଖୋଲିଲାଭଳି ମାଳମାଳ ଟ୍ରେଡ୍ ୟୁନିୟନ୍। ପଣ ପଣ ନେତା। ଏମନ୍ତ ଅବସ୍ଥାରେ ମାଲିକଶ୍ରେଣୀଙ୍କର 'କଚେ ପୁଅ ବାର'।

ଏବେ ଶିଳ୍ପରେ, ଖଣିଖାଦାନରେ ମାନବଶକ୍ତି ବଦଳରେ ଦାନବଶକ୍ତି – ଯନ୍ତ୍ରଶକ୍ତି ଦ୍ୱାରା କାମ କରାଯାଉଛି। ଯେଉଁଠି ଏକାଦିନକେ ହଜାରେ ଲୋକ କାମକରି ପରିବାର ପ୍ରତିପୋଷଣ କରୁଥିଲେ – ସେଠାରେ ଗୋଟିଏ ମେସିନ୍, ଜଣେ ଡ୍ରାଇଭର, ଜଣେ ହେଲପର୍ ଆଉ ଡିଜେଲ୍‌ରେ କାମ ହୋଇଯାଉଛି। ଏଥିରେ ମାଲିକର ଖାଲି ଲାଭ ଆଉ ଲାଭ। ସେ କାହିଁକି ଶ୍ରମିକମାନଙ୍କୁ ଖାତିର କରିବ ? କେତେଟା ନେତାଙ୍କୁ ପୋଷିଲେ ତା' କାମ ହୋଇଯାଉଛି। ଆଉ ଦେଶରେ ରାଜ୍ୟ ଓ କେନ୍ଦ୍ରସରକାରଙ୍କ ଶ୍ରମଆଇନ୍ ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା କରିପାରୁନି – ମାଲିକମାନଙ୍କର ସେବାଦାସ ପାଲଟିଯାଇଛି।

ଏ ଦେଶରେ ରେଲ୍ ଆନ୍ଦୋଳନ, ବମ୍ବେରେ ଶ୍ରମିକ ଆନ୍ଦୋଳନ, ସୁକିନ୍ଦା ଖଣି ଅଞ୍ଚଳରେ ମଣିଷମରା ମେସିନ୍ ହଟାଅ ଆନ୍ଦୋଳନ ସାରାବିଶ୍ୱରେ ଚହଳ ସୃଷ୍ଟି କରିଥିଲା। ସେ ଆନ୍ଦୋଳନ ନାହିଁକି, ସେ ନେତା ନାହାଁନ୍ତି – କେବଳ ଏ ଅଧମ ୭୭ ବର୍ଷରେ ଏବେବି ବଞ୍ଚିଛି। ଓଡିଶାର ବିଭିନ୍ନ ଖଣିଖାଦାନ, କଳକାରଖାନାରୁ କିଛି ଲଢୁଆ ଶ୍ରମିକ ଓ ନେତାମାନେ ପରାମର୍ଶ ନେଉଛନ୍ତି। କୋଭିଡ୍-୧୯ କରୋନା ମାଲିକମାନଙ୍କର ପୁଷମାସ ଶ୍ରମିକମାନଙ୍କର ସର୍ବନାଶ ପାଲଟିଗଲା। ଯେଉଁ ଶ୍ରମିକମାନଙ୍କୁ ଛଟେଇ କରିଦିଆଗଲା – ସେମାନେ ଆଜିବି କାମ ନପାଇ ନାହିଁନଥିବା ହଇରାଣ ହରକତ ହେଉଛନ୍ତି।

ମୁଁ ବି ଜଣେ ଶ୍ରମିକନେତା ୧୯୬୭ରୁ ଯାଜପୁରରୋଡ ଶ୍ରମିକସଂଘ ସଂପାଦକ। ସେଇଠୁ ମୋର ଅଭିଯାନ ରାଜ୍ୟସାରା, ସୁକିନ୍ଦା, ଦଇତାରୀ, କାଠପାଳ (ଢେଙ୍କାନାଳ), ବଡବିଲ, ଯୋଡା, ବଉଳା, ଗୋରୁମହିଷାଣୀ, ଯଶିପୁର, ଧାନମଣ୍ଡଳ ଝୋଟକଳ, ପାରାଦ୍ୱୀପ ବନ୍ଦର, ଜେ.କେ. ପେପର୍ ମିଲ୍ ପ୍ରମୁଖ ଶ୍ରମିକକର୍ମଚାରୀମାନଙ୍କ ନେତୃତ୍ୱ ଦେଇଛି। ଏ ଅଧମ କିନ୍ତୁ ଏବେ ଦଳବିହୀନ – ଏକା – ଏକା। କେବଳ ଗୋଟିଏ କାମ ବାକିରହିଛି – କଲରଙ୍ଗୀ କ୍ରୋମାଇଟ୍ ମାଇନସ୍‌ରେ ବାଘହାତୀ ପାଣିପିଉଛନ୍ତି ବୋଲି ଦର୍ଶାଇ ଖଣିକୁ ବିନା କ୍ଳୋଜର୍ ନୋଟିସ୍‌ରେ ବନ୍ଦକରି ରଖିଛନ୍ତି। ସେ ସାତଶହ ଖଣି ଶ୍ରମିକ ଏପର୍ଯ୍ୟନ୍ତ ମୋତେ ଛାଡୁନାହାଁନ୍ତି – ସଂଗରେ ଅଛନ୍ତି। ସେମାନଙ୍କର ୨୩ବର୍ଷର ଆଇନାନୁମୋଦିତ ହକ୍ ପ୍ରାପ୍ୟ ୫୫ କୋଟି ଟଙ୍କା ପାଇବେ। ଖଣି ବନ୍ଦ ଅଛି – କେତେକ ମରିହଜି ଗଲେଣି। ଅଧିକାଂଶ ଅର୍ଦ୍ଧାହାର, ରୋଗରେ ପଡି ଛଟପଟ ହେଉଛନ୍ତି। କିନ୍ତୁ ଖଣିମାଲିକ, ଓଡିଶା ଖଣିନିଗମ, ରାଜ୍ୟ ସରକାର ନିଦାବିଷ୍ଟ। ଉଭୟେ ଆଇନ୍ ଭଙ୍ଗକାରୀ। ସେମାନଙ୍କ ପ୍ରାପ୍ୟ ନ ମିଳିଲା ପର୍ଯ୍ୟନ୍ତ ମୋର ବିଶ୍ରାମ ନାହିଁ।

ଶେଷରେ ଏତିକି କହିବି – ଶ୍ରମଜୀବୀଙ୍କ ବିନା ଏ ବିଶ୍ୱ ମୁହୂର୍ତ୍ତେ ଚାଲିପାରିବନାହିଁ। ସେମାନେ ଆଜି ଅସଂଗଠିତ, ବିଭ୍ରାନ୍ତ, ସ୍ୱାର୍ଥପର, ଲୋଭି ଏବଂ ହତାଶ। ରୋଗରେ ଷଡୁଛନ୍ତି – ଭୋକରେ ରହୁଛନ୍ତି। ସେମାନେ ଜାଣନ୍ତିନାହିଁ – ତାଙ୍କ ନାଭିରେ କସ୍ତୁରୀ। ପ୍ରଥମେ ସେମାନେ ତାଙ୍କ ବିରୋଧରେ ହେଉଥିବା ଅନ୍ୟାୟ, ଅତ୍ୟାଚାର, ଶୋଷଣ ପାଇଁ ଯେଉଁମାନେ ଦାୟୀ – ସେମାନଙ୍କ ବିରୋଧରେ ଗାଁଗଣ୍ଡା, ସହରବଜାର, କଳକାରଖାନା, ଖଣିଖାଦାନରେ ଏକା ହେଉକି ଦଳଦଳ ହୋଇ ହାଲ୍ଲା କରନ୍ତୁ – ଛୋଟଛୋଟ ବୈଠକ କରନ୍ତୁ। ବ୍ରହ୍ମାସ୍ତ୍ର ପ୍ରଚାରପତ୍ର ବାଣ୍ଟନ୍ତୁ। ହୁଏତ ମାଲିକଙ୍କ ପୋଷାଗୁଣ୍ଡାବାହିନୀ, ପୁଲିସ୍‌ବାହିନୀ ଅତ୍ୟାଚାର ଆରମ୍ଭ କରିଦେବ। ସମ୍ମିଳିତ ଭାବେ ମୁକାବିଲା କରିବେ – ଜେଲ ହୋଇପାରେ, ଜଣେ ଦି'ଜଣ ମରିଯାଇପାରନ୍ତି – କିନ୍ତୁ ଆପଣମାନଙ୍କ ଅଶାନ୍ତି ଅସନ୍ତୋଷର ବହ୍ନିରେ ସେମାନେ ଜଳିପୋଡି ପାଉଁଶ ହୋଇଯିବେ। କଷ୍ଟ ଆଉ ମୃତ୍ୟୁକୁ ଭୟ କରିବେନାହିଁ – ତା'ହେଲେ ଯାଇ ଜଗତଜିତା ହେବେ। ଶ୍ରମ ସହିତ କୃଷିର ମହାମଙ୍ଗଳକର ମିଶ୍ରରାଗ ମୂର୍ଚ୍ଛିତ ହେଉ ଏଇ ମୁହୂର୍ତ୍ତରୁ – ବିଳମ୍ବରେ ବିପର୍ଯ୍ୟୟ !

## ପ୍ରଦୂଷିତ ବାୟୁ କମାଉଛି ଆୟୁ



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ସମ୍ପ୍ରତି ବାୟୁ ପ୍ରଦୂଷଣ ଦ୍ୱାରା ଆମେ ସମସ୍ତେ ଏକ ପ୍ରକାର ବିଷ ସେବନ କରିବାକୁ ବାଧ ହେଉଛୁ ଏହାର ବିକଳ୍ପ ଯଦିଓ ଅଛି କିନ୍ତୁ ଆମେ ଜାଣି ଶୁଣି ସେହି ବିକଳ୍ପ କୁ ଏଡାଇ ନିଜର ତଥା ନିଜ ପରିବାରର, ଦେଶ ବାସୀଙ୍କର ପରୋକ୍ଷ ବା ପ୍ରତ୍ୟକ୍ଷ ରେ ଦୁଃଖର କାରଣ ହୋଇ ଯାଉଛୁ। ସର୍ବ ସାଧାରଣ ଏବଂ ସରକାର ଯଦି ଏହି ବିଷୟକୁ ଗମ୍ଭୀରତାର ସହିତ ଉପଲବ୍ଧି କରିବେ ହୁଏତ ଏଥିରୁ କିଞ୍ଚିତ ମୁକ୍ତି ମିଳି ପାରିବ ଅନ୍ୟଥା ଶ୍ୱାସ, ଆସ୍ଥମା, ଫୁସ୍ ଫୁସ୍ ଜନିତ ରୋଗ ଠାରୁ ଆରମ୍ଭ କରି କ୍ୟାନ୍ସର ପରି ରୋଗରେ ପୀଡିତ ହୋଇ କଷ୍ଟ ପାଇବା ସହିତ ଜୀବନ ମଧ ଦେବାକୁ ହେବ। ଦେଶର ପ୍ରଗତି ସହିତ ତାଳଦେଇ ପ୍ରଦୂଷଣ ମଧ ତାର କାୟା ବିସ୍ତାର କରି ଚାଲିଛି ଯାହାକି ଆମପାଇଁ ଭସ୍ମାସୁର ପରି କାର୍ଯ୍ୟ କରିପାରେ। ଛୋଟ ଛୋଟ କଥା ଗୁଡିକ ଉପରେ ଦୃଷ୍ଟି ଦେଇ ଆଗାମୀ କାଲି ପାଇଁ ସଚେତନ ହେବାକୁ ହେବ, ଆସନ୍ତୁ ଏହି ବିଷୟ ଉପରେ କିଛି ଆଲୋକପାତ କରିବା।

ପ୍ରଦୂଷିତ ବାୟୁ ସେବନ ଦ୍ୱାରା ଆମ ଭାରତୀୟ ମାନଙ୍କ ଆୟୁ ମୋଟାମୋଟି ଭାବେ ପ୍ରାୟ ୧୦ ବର୍ଷ କମି ଯାଉଛି, ବିଶେଷ କରି ବଡ଼ ବଡ଼ ସହରରେ ବସ ବାସ କରୁଥିବା ନାଗରିକ ମାନେ ଏହାର ଶିକାର ହେଉଛନ୍ତି। ବାୟୁ ପ୍ରଦୂଷଣର ପ୍ରମୁଖ କାରଣ ଗୁଡିକୁ ଯଦି ତୃଣମୂଳ ସ୍ତରରୁ ତର୍ଜମା କରିବା ତେବେ ଆମେ ପାଞ୍ଚୋଟି ବିଷୟ ଉପରେ ଗୁରୁତ୍ୱ ଦେବା ସେଗୁଡିକ ହେଲା – ୧. ଟ୍ରାଫିକ ବ୍ୟବସ୍ଥା ଯାହାକି ଅସମ୍ଭାଳ ହୋଇ ପଡିଛି, ଏଠାରେ ଭାରତର ଗୋଟିଏ ରାଜ୍ୟର ଉଦାହରଣ ଦେବାକୁ ଉଚିତ ମଣୁଛି ଗୁଜୁରାଟ ପ୍ରଦେଶକୁ ଯଦି ଦେଖିବା ୨୦୦୧ ମସିହାରୁ ୨୦୧୯ ପର୍ଯ୍ୟନ୍ତ ଜନସଂଖ୍ୟା ପ୍ରାୟ ୩୭ ପ୍ରତିଶତ ବଢି ଥିବା ସମୟରେ ନିଜସ୍ୱ ବାହାନ ବା ଗାଡି ସଂଖ୍ୟା ପ୍ରାୟ ୩୫୨ ପ୍ରତିଶତ ବଢିଛି ଏହା ମୋର ନିଜସ୍ୱ ବକ୍ତବ୍ୟ ନୁହେଁ ଏହା ସି: ଏ; ଜି ଙ୍କ ରିପୋର୍ଟ ଆଧାରରେ ଲେଖୁଛି। କେବଳ ଗାଡି ମଟର ବଢିଯିବା ଦ୍ୱାରା ବାୟୁ ପ୍ରଦୂଷଣ ହେଉଛି କହିବା ସମ୍ପୂର୍ଣ୍ଣ ଠିକ ନୁହେଁ ଏହାର ଆହୁରି ଅନେକ କାରଣ ଅଛି, ତେବେ ଏତେ ସଂଖ୍ୟାରେ ଗାଡି ବଢିବାର କାରଣ କଣ ? ସର୍ବ ସାଧାରଣ ମାନଙ୍କ ପାଇଁ ଯଥେଷ୍ଟ ପରିମାଣରେ ସରକାରୀ/ବେସରକାରୀ ବସ ର ଅଭାବ, ର଼ାପିଡ୍ ଟ୍ରାନ୍ସପୋର୍ଟ ସିଷ୍ଟମ ଉପଲବ୍ଧ ହେଉ ନାହିଁ, ମେଟ୍ରୋ ରେଳ ର ଘୋର ଅଭାବ ଲୋକଙ୍କୁ ନିଜସ୍ୱ ଗାଡି କିଣିବାକୁ ତଥା ଶୀଘ୍ର ନିଜ ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇବାର ଏକ ନିର୍ଭର ଯୋଗ୍ୟ ବିକଳ୍ପ ରୂପେ ପରିଗଣିତ ହୋଇଛି। ଏହା କେବଳ ଗୁଜୁରାଟ ପ୍ରଦେଶରେ ସମସ୍ୟା ନୁହେଁ ବରଂ ସାରା ଭାରତ ବର୍ଷରେ ଏହି ସମସ୍ୟା ଦେଖା ଦେଇଛି। ଟ୍ରାଫିକ ବଢିବା ଦ୍ୱାରା ପ୍ରଦୂଷଣ ନିଶ୍ଚିତ ବଢୁଛି, ଆମ ସଡକ ଆଗାମୀ ୫୦ ବର୍ଷକୁ ଆଖି ଆଗରେ ରଖି ତିଆରି ହୋଇ ନାହିଁ ଫଳରେ ରାସ୍ତା ଗୁଡିକ ଅତ୍ୟଧିକ ଗାଡି ଯାତାୟାତ କୁ ସୁଚାରୁ ରୂପେ ନିୟନ୍ତ୍ରଣ କରି ପାରୁ ନାହିଁ ୧୦ ମିନିଟ ଦୂରତ୍ୱର ସଡକ କୁ ଅତିକ୍ରମ କରିବାକୁ ଏକ ଘଣ୍ଟାରୁ ବେଶୀ ସମୟ ଯଦି ଲାଗିଯିବ ତେବେ ନିଶ୍ଚିତ ଅଧିକ ତୈଳ ଖର୍ଚ୍ଚ ବଢିବ ଯାହାକି ଦେଶ ପାଇଁ ଏକ ବିପଦ କାରଣ ଆମେ ତୈଳ ବିଦେଶରୁ ଡଲାର ବିନିମୟରେ ଆମଦାନୀ କରୁଛୁ ତାହା ଛଡା ଅଧିକ କାର୍ବନ ଡ଼ାଇ ଅକ୍ସାଇଡ୍ ଗାଡି ଗୁଡ଼ିକରୁ ନିର୍ଗତ ହେବ ଯାହାକି ଆମପାଇଁ ବିଷ ତୁଲ୍ୟ ବିବେଚିତ ହେଉଛି।

୨. ନିର୍ମାଣ ଜନିତ ପ୍ରଦୂଷଣ ଏକ ମହାମାରୀ ସଦୃଶ ବଢି ଚାଲିଛି ନୂତନ ସହର, କୋଠାବାଡି, କଂକ୍ରିଟ ରାସ୍ତା ଠାରୁ ଆରମ୍ଭ କରି ଖଣି ଖାଦାନ ଦ୍ୱାରା ମଧ୍ୟ ଅନେକ ପ୍ରଦୂଷଣ ହେଉଥିବାର ନଜିର ଅଛି ଚାଲନ୍ତୁ ଆଉ ଏକ ରାଜ୍ୟ ମହାରାଷ୍ଟ୍ର କଥା ଦେଖିବା ମୁମ୍ବାଇ ସହରର ନିର୍ମାଣ କାର୍ଯ୍ୟ ଦ୍ୱାରା ପ୍ରାୟ ୭୧ ପ୍ରତିଶତ ପ୍ରଦୂଷଣ ମହା ନଗରୀକୁ ଆଚ୍ଛାଦିତ କରି ରଖିଛି ଏହା ଏମ:ପି:ସି:ବି ର ରିପୋର୍ଟ ଆଧାରରେ କୁହାଯାଇଛି। ସେହିପରି ବେଙ୍ଗାଲୁରୁ ରେ ୨୩ ପ୍ରତିଶତ, ଚେନ୍ନାଇ ରେ ୨୩ ପ୍ରତିଶତ, ରାଜଧାନୀ ଦିଲ୍ଲୀ ରେ ୩୮ ପ୍ରତିଶତ ଏହା ଛଡା ଅନ୍ୟ ଛୋଟ ବଡ଼ ସହରରେ ମଧ ଏହି ସମସ୍ୟା ଦେଖିବାକୁ ମିଳୁଛି।

୩. ଶିଳ୍ପ ଜନିତ ପ୍ରଦୂଷଣ – କର୍ମଚାରୀ ମାନେ ଏବେ ଆଉ ଶିଳ୍ପ ଅନୁଷ୍ଠାନ ମାନଙ୍କରେ କାର୍ଯ୍ୟ କରିବାକୁ ଉତ୍ସାହିତ ହେଉ ନାହାନ୍ତି କାରଣ ପର୍ଯ୍ୟାପ୍ତ ପରିମାଣରେ ପ୍ରଦୂଷଣ କାରଖାନା ମାନଙ୍କରେ ହେଉଛି ଉଚିତ ବୈଜ୍ଞାନିକ ପ୍ରଣାଳୀରେ ପ୍ରଦୂଷଣକୁ ରୋକିବାର ପ୍ରଥା ଏଠାରେ ଉପଲବ୍ଧ ହେଉନାହିଁ କିମ୍ବା ଶ୍ରମିକ ମାନଙ୍କ ସ୍ୱାସ୍ଥ୍ୟ ପ୍ରତି କାହାରି ନଜର ରହୁନାହିଁ। ଶିଳ୍ପାନୁଷ୍ଠାନ ରୁ ନିର୍ଗତ ହେଉଥିବା ଧୂଆଁ, ରାସାୟନିକ ପଦାର୍ଥ ବାୟୁ ସହିତ ନଦୀ ଜଳ, ଶସ୍ୟ କ୍ଷେତ୍ରକୁ ମଧ୍ୟ ବିଷ ବଳୟ ମଧ୍ୟରେ ପ୍ରଦୂଷିତ କରିଦେଉଛି।

୪. ବର୍ଜ୍ୟବସ୍ତୁ ପରିଚାଳନା ଗତ ତ୍ରୁଟି – ପ୍ରତିଦିନ ଘରୁ ତଥା ବାହାରୁ ସଂଗୃହିତ ବର୍ଜ୍ୟବସ୍ତୁ ଗୁଡିକ ମନଇଛା ମ୍ୟୁନିସିପାଲଟି ନେଇ ଡମ୍ପିଂ ୟାର୍ଡ଼ରେ ଫୋପାଡ଼ି ଦିଅନ୍ତି ଏବଂ ଏହା ଧିରେ ଧୀରେ ପାହାଡ଼ ସଦୃଶ ଜମା ହୋଇ ଦୁର୍ଗନ୍ଧ ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରେ, ଅନେକ ସ୍ଥାନରେ ବର୍ଜ୍ୟବସ୍ତୁ ଗୁଡିକରେ ଅଗ୍ନି ସଂଯୋଗ କରାଯାଇ ଥାଏ ଫଳରେ ବାୟୁ ପ୍ରଦୂଷିତ ହୁଏ। ଯଦି ବର୍ଜ୍ୟ ବସ୍ତୁକୁ ଓଦା ଏବଂ ଶୁଖିଲା ଅଲଗା କରି ରଖାଯାଇ ଓଦା ବର୍ଜ୍ୟବସ୍ତୁ ରୁ ଜୈବିକ ସାର /କମ୍ପୋଷ୍ଟ କରି ଶୁଖିଲା ବର୍ଜ୍ୟ ବସ୍ତୁକୁ ପୁନଃ ବିନିଯୋଗ କରାଯାଇ ପାରନ୍ତା ତେବେ ହୁଏତ ଆମେ ବାୟୁ ପ୍ରଦୂଷଣକୁ କିଛି ମାତ୍ରାରେ ନିୟନ୍ତ୍ରଣ କରିବାରେ ସକ୍ଷମ ହୁଅନ୍ତୁ। ହରିୟାଣା ଏବଂ ପଞ୍ଜାବ ପ୍ରଦେଶର ଚାଷୀ ଭାଇ ମାନେ ଫସଲ କଟାଯାଇ ସରିଲା ପରେ କୃଷି କ୍ଷେତ୍ରରେ ଅଗ୍ନି ସଂଯୋଗ କରି କ୍ଷେତରେ ରହିଥିବା ମୂଳ ଗୁଡିକୁ ପୋଡି ଦିଅନ୍ତି ଫଳରେ ଦିଲ୍ଲୀ ତଥା ପାର୍ଶ୍ୱ ବର୍ତ୍ତୀ ସ୍ଥାନ ମାନଙ୍କରେ ଧୂଆଁର ଆସ୍ତରଣ ଜମିଯାଏ ଏହା ଏକ ବିଷମ ସମସ୍ୟା ସୃଷ୍ଟି କରେ। ବୈଜ୍ଞାନିକ ଉପାୟରେ ଉକ୍ତ ମୂଳ ଗୁଡିକୁ ଯଦି ଅଗ୍ନି ସଂଯୋଗ ପରିବର୍ତ୍ତେ ଟ୍ରାକ୍ଟର ଦ୍ୱାରା ଖୋଳି ମାଟି ସହିତ ମିଶାଇ ଦିଆ ଯାଇ ପାରନ୍ତା ତେବେ ଏହା ମାଟିକୁ ଉର୍ବର କରିବାରେ ସହାୟତା ହୁଅନ୍ତା ଏବଂ ଦିଲ୍ଲୀ ତଥା ପାର୍ଶ୍ୱ ବର୍ତ୍ତୀ ସ୍ଥାନ ଗୁଡିକ ଏହି ସମସ୍ୟାରୁ ମୁକ୍ତି ପାଆନ୍ତା।

୫. ତାପଜ ବିଦ୍ୟୁତ କେନ୍ଦ୍ର ବା ଥର୍ମାଲ ପାୱାର ପ୍ଲାଣ୍ଟ – ଭାରତରେ ପ୍ରାୟ ୮୬ ପ୍ରତିଶତ ବିଦ୍ୟୁତ ଶକ୍ତି ଅକ୍ଷୟ ଉତ୍ସ ବିନା ଉତ୍ପାଦିତ ହୋଇ ଆସୁଛି, ଏକ ଉଦାହରଣ ଦ୍ୱାରା କହିହେବ ଯେ ୧୩୦ ବିଲିଅନ ୟୁନିଟ ବିଦ୍ୟୁତ ଶକ୍ତି ରୁ ୧୦୮ ୟୁନିଟ ବିଦ୍ୟୁତ ଶକ୍ତି ତାପଜ ବିଦ୍ୟୁତ କେନ୍ଦ୍ରରୁ ଉତ୍ପାଦିତ ହୋଇଛି। ଅତ୍ୟଧିକ କୋଇଲା ଜାଳିବା ଦ୍ୱାରା ପ୍ରଦୂଷଣ ବଢୁଛି ତେଣୁ ଭାରତ ସରକାର ତାପଜ ବିଦ୍ୟୁତ କେନ୍ଦ୍ର ମାନଙ୍କୁ ନିର୍ଦ୍ଦେଶ ଦ୍ୱାରା କହିଛନ୍ତି ଯେ ସେମାନେ ନିଜେ ନିଜର ନିର୍ଗମନ ଉପରେ ନଜର ଦେବେ ନିର୍ଗମନ ଧୂଆଁରୁ ସଲଫର ଡ଼ାଇ ଅକ୍ସାଇଡ ଏବଂ ନାଇଟ୍ରୋଜେନ୍ ଅକ୍ସାଇଡ୍ ଜ୍ଞାନିକ ପ୍ରଣାଳୀରେ ନିୟନ୍ତ୍ରଣ କରିବେ ଅନ୍ୟଥା ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ, ତେବେ ଏହା କେତେଦୂର କାର୍ଯ୍ୟକାରୀ ହୋଇଛି କୁହନ୍ତୁ ? ରିପୋର୍ଟ ରୁ ବୁଝା ପଡ଼େ ୭୦ ପ୍ରତିଶତ ତାପଜ ବିଦ୍ୟୁତ କେନ୍ଦ୍ର ଏହାକୁ ରୀତିମତ ଅଣ ଦେଖା କରି ବାୟୁ ପ୍ରଦୂଷଣ ବଢାଉଛନ୍ତି। ତାପଜ ବିଦ୍ୟୁତ କେନ୍ଦ୍ର ବଦଳରେ ଯଦି ଅଧିକ ନଦୀ ଜଳରୁ ଜଳବିଦ୍ୟୁତ ଉତ୍ପାଦନ, ପବନ ଚାଳିତ ଟରବାଇନ୍ ରୁ ବା ଆଣବିକ ଶକ୍ତିରୁ ବିଦ୍ୟୁତ ଉତ୍ପାଦନ ହୋଇ ପାରନ୍ତା ତେବେ ଅନେକାଂଶ ରେ ଆମେ ବାୟୁ ପ୍ରଦୂଷଣକୁ ଏଡାଇ ଯାଇ ପାରନ୍ତୁ।

ସରକାର ନିୟମ ଉପରେ ନିୟମ କରୁଛନ୍ତି ଏବଂ ନିୟମ ପାଳନକାରୀ ନିୟମକୁ ଭୃକ୍ଷେପ କରି ଜନତାଙ୍କ ମୃତ୍ୟୁ ର କାରଣ ହୋଇଛନ୍ତି, ଏଠାରେ ଦୋଷୀ କିଏ ? ସରକାର ନା ଦାୟିତ୍ୱରେ ଥିବା ଅଧିକାରୀଗଣ ? ଆମ ଉଦାସିନତା ଆମ ସମସ୍ତଙ୍କ ପାଇଁ ଶୀତଳ ମୃତ୍ୟୁ କୁ ଆମନ୍ତ୍ରଣ ଜଣାଉଛି। ସର୍ବଶେଷରେ ପ୍ରଚୁର ବୃକ୍ଷ ରୋପଣ କରାଯିବା ଉପରେ ସବୁ ସ୍ତରରେ ଗୁରୁତ୍ୱ ଦେବାର ସମୟ ଉପସ୍ଥିତ ଅନ୍ୟଥା ଆମକୁ କେହି ପ୍ରଦୂଷଣ ଜନିତ କଷ୍ଟରୁ ମୁକ୍ତି ଦେଇ ପାରିବେ ନାହିଁ। ଜାଗ ଜନତା ଜାଗ ସମସ୍ତଙ୍କ ସ୍ୱର ଉତ୍ତୋଳନ ତଥା ଆମେ ସମସ୍ତେ ନିଜ ଦାୟିତ୍ୱ ପ୍ରତି ସଚେତନ ହେବା, ସରକାରଙ୍କ ସହିତ ସହଯୋଗର ହାତ ବଢ଼ାଇଲେ ଆମେ ନିଶ୍ଚିତ ଆସନ୍ନ ମୃତ୍ୟୁକୁ ଏଡାଇ ଯାଇ ପରିବା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy    E-mail : sambadkalikanews@gmail.com    City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଶ୍ରୀରାମ



### କବି ବିଦ୍ୟାଧର ବାରିକ

ରାମ ଆସିଲେ ଅଯୋଧ୍ୟା ପୁରୀ
ବଜାଇଲେ ଭେରି ତୁରି ।୧।
ଲକ୍ଷ ଲକ୍ଷ ଭକ୍ତ ଚାହିଁ ରହିଥିଲେ
କୋଟି କୋଟି ପାପ ନାଶ ହୋଇଗଲା

ମୁଖେ ରାମ ନାମ ଧରି
ମାନବ ଜନମ ସାର୍ଥକ ହୋଇଲା
ଦେଖିଲେ ଦିବ୍ୟ ନଗରି ।୨।

ଜଗତରେ ରାମ ହୃଦୟରେ ରାମ
ସେ ପ୍ରଭୁ ଆତ୍ମା ବିହାରୀ
ଚଉଦ ବ୍ରହ୍ମାଣ୍ଡେ ତାଙ୍କ ପରି କିଏ
ହୋଇପାରିବେଟି ସରି ।୩।

ସତ୍ୟ ଶାନ୍ତି ଦୟା କ୍ଷମା ଗୁଣ ଧରି
ଆସିଥିଲେ ମର୍ତ୍ତ୍ୟ ପୁରି
ରଘୁବଂଶ ପ୍ରଭୁ ଉଜ୍ଜ୍ୱଳ କରିଲେ
ବରଷିଣ ଧର୍ମ ବାରି ।୪।

ଭକ୍ତଙ୍କୁ ଠାକୁର ଯୁଗେ ଯୁଗେ ପରା
ଦିଅନ୍ତି ଅମର କରି
ମୁହିଁଟି ଅଧର୍ମ ପିଣ୍ଡେ ନାହିଁ ଜ୍ଞାନ
ନାମ ଧରି ଯିବି ତରି ।୫।

# ହେ ମଣିଷ

### ଦେବ୍ରାଜ ରଣା

ମାଟି ପିଣ୍ଡ ଦିନେ ମାଟିରେ ମିଶିବ
ମରଣ ନିଆଁରେ ପୋଡ଼ି,
ଯୁଇର ଧୂଆଁଟା ଆକାଶେ ଉଡ଼ିବ
ଶ୍ମଶାନ ଘାଟକୁ ଛାଡ଼ି

କରମ ଯେବେ ଧରମେ ଯୋଡ଼ିବ
କଙ୍କାଳ ବେଶକୁ ଧରି,
ରକ୍ତ ମାଂସ ହାଡ଼ ସବୁ ଜଳିଯିବ
ପାଉଁଶ ଚିତାରେ ହାରି

ଛ ଖଣ୍ଡ କାଠକୁ ପାଲିଙ୍କି ସଜା
ଫୁଲ ଚନ୍ଦନ ବାସେ,
ବାସ ତ ଚହଟିବ ବାସ ଦୁଆରେ
ଆପଣା ରହିଲେ ପାଶେ

ଧଳା ଚଦରକୁ ଅନ୍ଧାର ଦୁନିଆଁ
ଅନ୍ଧାର ଜାଲରେ ପଶି,
ଆତ୍ମା ବାହୁନିବ ଶରୀର ଯାତନା
ଉଡ଼ା ଆକାଶେ ଭାସି

ମରଣ ଯନ୍ତାରେ ଦେହ ଛାଡ଼ିଯିବ
ରଖି କେତେ ଅବସୋସ,
ଅମୃତ ବଚନ ଅମର ରହିବ
କଟୁ ବାକ୍ୟ ସବୁ ବିଷ
ହେ ମଣିଷ ହେ ମଣିଷ ।



ଚଉଳଡ଼ିଆ, ଲାଠୋର, ବଲାଙ୍ଗୀର
ମୋ -୯୭୭୭୩୭୩୨୩୭



# ଝରକା ସେପାଖେ

### ଶରତ ଦାଶ

ଝରକା ସେପାଖେ ଚନ୍ଦ ଯେବେ ଦିଶେ
ମନେପଡେ ତୁମ ମୁହଁ
କାହିଁ କେତେ ଦୂରେ ଶୁଭେ କଣ୍ଠସ୍ୱର
କେଜାଣି କେମିତି କୁହ

ପୂର୍ଣ୍ଣିମା ଚନ୍ଦ୍ରକୁ ନିନ୍ଦା କରେ ତୁମ
ମୁଖର ଅନିନ୍ଦ୍ୟ ରୂପ
ପବନରେ ଖେଳେ ତନୁର ସୁଗନ୍ଧ
ବାସୁଥାଏ ଯେହ୍ନେ ଧୂପ

କେତେଦୂରେ ସତେ ରହିଗଲା ସେଇ
ଅତୀତର ରଙ୍ଗ ରସ
ଅସ୍ପଷ୍ଟ ତା ଛାପ ଅସ୍ପଷ୍ଟ ତା ରୂପ
କରେ ଆଜି ପରିହାସ

କୈଶୋର-ସପନ ଥିଲେ ବି ଗୋପନ
ଆଣୁଥିଲା ଶିହରଣ
ଉନ୍ମତ୍ତ ପ୍ରେମର ନିଶାରେ ଆତୁର
କରିଥିଲା ଯଉବନ

ସାଗର ବାଲିରେ କଳ୍ପନା ସଉଧ
ଗଢୁଥିଲା କେତେ ମନ
ଭାଙ୍ଗି ଦେଉଥିଲା ନିମିଷେ ତାହାକୁ
ଉନ୍ମତ୍ତ ଢେଉ ପବନ

ସୁନୀଳ ଆକାଶ ହାତଠାରି ଡାକି
କରୁଥିଲା ଆନମନା
ସବୁ ହଜିଗଲା ଉଦାସ ସଞ୍ଜରେ
ଚୂନା ହେଲା କଳପନା

ଭବିଷ୍ୟର ସୀମା ହେଲାଣି ସୀମିତ
ସ୍ତିମିତ ଜୀବନ ଦୀପ
ଲିଭିବା ଇଶାରା ଦିଶିଲାଣି ପରା
ଧରି ଅନ୍ଧକାର ରୂପ

ଛାଇ ଆଲୁଅର ଖେଳ ଏ ଜୀବନ
ବିଚିତ୍ର ଚିତ୍ର ସମ୍ଭାର
ବାତ୍ୟା ବତାସ ବର୍ଷା ବନ୍ୟାରୁ
ନାହିଁ ନିସ୍ତାର କା'ର

ଭୟ ହେବ ଦୂର ଅଭୟ ପୟର
ଧାୟିଲେ ଦିବସ ନିଶି
ହେ ମୋର ଜୀବନ ନହୋଇ ଉଚ୍ଛନ୍ନ
ଚିନ୍ତାକର ବ୍ରହ୍ମରାଶି ।

ଭୁବନେଶ୍ୱର

# ଶୀତୁଆ ତିଥି

### ସିଦ୍ଧେଶ୍ୱର ତ୍ରିପାଠୀ

ଏଇମିତି ଗୋଟେ ଶୀତୁଆ ତିଥିରେ
ଆମେ ହୋଇଥିଲେ ଦେଖା
ସେଦିନର ସ୍ମୃତି ମିଠା ଅନୁଭୂତି
ଜୀବନ ଖାତାରେ ଲେଖା

ତା'ପରେ ବସନ୍ତ ଫଗୁଣର ହସ
ମୋ ଆଖିର ଲୁହ ଧାର
ଯେବେ ଜାଣିଥିଲି ମୋ ଫୁଲେଇ ଫୁଲ
ଆଉକା ଗଳାର ହାର

ସେବେଠୁ ଫଗୁଣ ଆସୁଛି ଯାଉଛି
ଏମନଟା କିନ୍ତୁ ଫିକା
ଏଇମିତି ଗୋଟେ ଶୀତୁଆ ତିଥିରେ
ଆମେ ହୋଇଥିଲେ ଦେଖା

କୋଉଠି କେମିତି ଅଛ ଗୋ ସଜନୀ
ସେବେଠୁ ଖବର ନାହିଁ
ଅବେଳ ତିଥିରେ ଯେବେ ମନେପଡ଼
ଗୀତ ଲେଖେ ତୁମ ପାଇଁ

ସଭିଏଁ ଅଛନ୍ତି ତୁମେ ନାହଁ ବୋଲି
ଲାଗେ ଭାରି ଏକା ଏକା
ଏଇମିତି ଗୋଟେ ଶୀତୁଆ ତିଥିରେ
ଆମେ ହୋଇଥିଲେ ଦେଖା ।

କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା

# ପ୍ରେମ ଭଅଁର

### ଝରଣା ବାରିକ

ମୁଁ ସିନା ଗାଇନି ପ୍ରେମ ଗୀତଟିଏ
ବେସୁରା ହୋଇବ ବୋଲି,
ତୁମେ ଥିଲ ପରା ପ୍ରେମ ଗୀତିକାର
କେମିତି ପାରିଲ ଭୁଲି

ଝରା ପତ୍ର ହୋଇ ମୁଁ ସିନା ଝରିଲି
ତୁମେ ତ ଗଛର ଛାଇ
କେମିତି ରହିଲା ଦୂରେଇ ଦୂରେଇ
ଗଛଠୁ ଅଲଗା ହୋଇ

ଶିଖି ନାହିଁ ବୋଲି ଏକା ବାଟ ଚାଲି
ହାତ ଧରି ଚାଲୁ ଥିଲି,
କେମିତି ରହିଲ ଅଧା ବାଟେ ଲୁଚି
ଠିକଣା ଗଲଣି ଭୁଲି

ପ୍ରେମ ଫୁଲ ପରି ପାଖୁଡ଼ାକୁ ମେଲି
ବଗିଚାରେ ହସୁଥିଲି,
ମହକରେ ମୋର ଭମର ସାଜିଲ
ସବୁ ମଧୁ ଦେଇ ଦେଲି

ମହୁର ମିଠାରେ ପାଗଳ ସାଜିଲ
ମୁଁ ତୁମ ପାଗଳି ହେଲି,
ମହୁ ଲୁଟି ନେଇ ଲୁଚି ଗଲ ଦୂରେ
ଏବେ ମୁଁ ଝୁରୁଛି ଖାଲି ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ-୯୫୫୬୮୪୬୯୩୨

# କିଛି ସ୍ୱପ୍ନ ଅଛି ବାକି

### ପୀୟୂଷ ପଟ୍ଟନାୟକ

ରାତ୍ରି ତ ପାହିନି ଏବେ ଆଉ କିଛି ସ୍ୱପ୍ନ ଅଛି ବାକି
ସ୍ୱପନ ଦୁଆର ଡେଇଁ ତୁମେ କିବା ଆସି ପାରୁନ କି ?
କାହିଁକି ବରିନେଲ ନିଶବ୍ଦିତ ଶୀତଳ କବର
ଫେରିବନି କି ଗୋ କେବେ ଏଇ ମୋର ନିସଙ୍ଗ ସହର ?

ସ୍ମୃତିର କାନ୍ଥରେ ଆଜି ଶିଉଳିର ଘନ ଆସ୍ତରଣ
ପୋଛି ମୁଁ ଚାଲିଛି, ରହୁ ତୁମ ସ୍ମୃତି ସଦା ଅମଳିନ
କ୍ଷତାକ୍ତ ହେଉମୋ ହାତ, ଚୁମିଯାଉ ତାକୁ ରକ୍ତ ଧାରେ
ସ୍ମୃତି ତୁମ ମିଶିଯାଉ ସେ ରକ୍ତର ପ୍ରତିଟି ବିନ୍ଦୁରେ

ଆଜି ଏ ସହରେ ରାତ୍ରି ନିର୍ବାସିତ ନୀରବ ମୂର୍ଚ୍ଛିତ
କିଏ ଚାହିଁବ କାହିଁ ସେ ଉତ୍ତର, ମୁଁ କିଆଁ ଜାଗ୍ରତ !
ଦେଖେନି ସହର କାରେ ରାତ୍ରି ଯାଏ ନିଜ ବାଟେ ଫେରି
ତୁମେ ସିନା ପାଶେନାହଁ ଲାଗେ ସଦା ପାଶେ ଥିଲାପରି

ଚାଲ, ମୁଁ ଶୋଉଛି ଟିକେ ଆଖେ ମୋର ଭରି ଦିଅ ନିଦ
ସ୍ମୃତିର ଚାଦର ଯେତେ ମୋ ଉପରେ ଘୋଡାଇ ଦିଅତ ।
ମୋ- ୭୫୦୬୧୮୯୦୩୦

# ସମ୍ପର୍କ ନୁହେଁ ବାଲିଘର (୨)



ଅଧ୍ୟାପିକା ବସନ୍ତ ମଞ୍ଜରୀ ମିଶ୍ର



ରାଜନୀତିର ଗରମା ଗରମ ଆଲୋଚନା ଶୁଣି ଶୁଣି କେତେବେଳେ ଆଖି ଲାଗିଯାଇଛି ଉମେଶଙ୍କର । ଘର କାମ ସାରି ପଣତ କାନିରେ ହାତ ପୋଛି ପୋଛି ଶୋଇବା ଘରକୁ ପଶି ଆସୁ ଆସୁ ଉର୍ମି ଦେଖିଲା ଟିଭି ଚାଲିଛି ଆଉ ପୁଅ ଓ ସ୍ୱାମୀ ଗାଢ଼ ନିଦରେ ଶୋଇଯାଇଛନ୍ତି । ଟିଭି ବନ୍ଦ କରି ଉମେଶଙ୍କ ଉପରେ ଚାଦରଟା ଘୋଡେଇ ଦେଇ ପଙ୍ଖାଟାକୁ ଟିକେ କମେଇଦେଇ ପୁଅକୁ କୋଳକୁ ଟାଣି ନେଇ ଆଖି ବୁଜିବାକୁ ଚେଷ୍ଟା କରୁଥିଲା ସେ ।

କାହାର ସୁଁ ସୁଁ ଶବ୍ଦରେ ନିଦ ଭାଙ୍ଗି ଗଲା ଉମେଶଙ୍କର । ଲାଇଟ୍ ସୁଇଚ୍ ଲଗେଇ ଦେଲେ । ଉର୍ମିର ଆଖି ଲୁହରେ ଭିଜି ଯାଇଛି । ପୁରା ତକିଆ ଓଦା ହୋଇଯାଇଛି ଲୁହରେ ।

ଆଶ୍ଚର୍ଯ୍ୟ ଓ ବିସ୍ମୟର ଫେଣ୍ଟା ଫେଣ୍ଟି ସ୍ୱରରେ କହିଲେ- କଣ ହୋଇଛି ଉର୍ମି ! କାନ୍ଦୁଛ କାହିଁକି ?

ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ଉର୍ମି ସ୍ୱାମୀଙ୍କର ଅଭୟବାଣୀ ଶୁଣି ଉତ୍ତର ଦେଲା- ମୋ ମମିଙ୍କର ଦେହ ବହୁତ ଖରାପ । ମୋ ଫୋନ୍ ଧରୁ ଧରୁ ବହୁତ ବ୍ୟସ୍ତ ହୋଇପଡିଲେ ମୋ ପାପା । ମମିଙ୍କୁ ଭୀଷଣ ଜ୍ୱର । ଆଖି ଖୋଲି ଚାହୁଁନି । ବୋଉଙ୍କୁ କହିଲି ଟିକେ କାଲି ଯାଇ ଦେଖି ଆସିବାକୁ । କିନ୍ତୁ ସେ ମନା କଲେ । ମୋତେ ବିଲକୁଲ ଭଲ ଲାଗୁନି । ମୋ ଦେହ ଟିକେ ଖରାପ ହେଲେ ରାତି ଅନିଦ୍ରା ହୋଇ ମୋର କେତେ ଯତ୍ନ ନିଏ ସେ । ଅଥଚ ଆଜି ତାକୁ ଟିକେ ଦେଖିବାକୁ ଯାଇପାରୁନି ମୁଁ ।

ଆଶ୍ୱାସନା ଦେବା ଆଳରେ ଛାତି ଉପରକୁ ଭିଡିନେଇ ଲୁହ ପୋଛି ଦେଲେ ଉମେଶ । ମଥାରେ ଚୁମ୍ବନ ଦେଇ କହିଲେ- ଏଇ କଥା ପାଇଁ ଏତେ ଅଧୈର୍ଯ୍ୟ । କାଲି ସକାଳେ ମୁଁ ବୋଉକୁ କହିବି । ଆମେ ଯାଇ ମମିଙ୍କୁ ଦେଖି ଆସିବା ।

ସକାଳୁ ସମସ୍ତେ ଜଳଖିଆ ଖାଇ ସାରିବା ପରେ ଉମେଶ ଧୀର ଗଳାରେ କହିଲେ- ବୋଉ, ଉର୍ମିର ମମିଙ୍କ ଦେହ ଭୀଷଣ ଖରାପ । ବହୁତ ମନଦୁଃଖ କରୁଛି ଉର୍ମି । ଆମେ ଟିକେ ଯାଇ ବୁଲି ଆସିବୁ ବୋଲି ଭାବୁଛି ।

ଚିହିଁକି ପଡିଲା ସ୍ୱରରେ କହିଲେ ମାଳତୀ ଦେବୀ- ଏବେ ପରା ବାଲି ହରଚଣ୍ଡୀ ଯାଇ ବୁଲାବୁଲି କରି ଆସିଥିଲ । ପୁଣି କଣ ହେଲା । ଆଜି ପରା ଝିଅ ଜ୍ୱାଇଁ ଆସୁଛନ୍ତି ଆମ ଘରକୁ । କେହି କୁଆଡେ ଯାଇ ପାରିବେନି ।

..... ଥରେ ବୁଝିବାକୁ ଚେଷ୍ଟା କର ବୋଉ । ତାଙ୍କୁ ଭିଷଣ ଜ୍ୱର । ଉର୍ମି କାଲି ରାତି ସାରା କାନ୍ଦୁଛି ବ୍ୟସ୍ତରେ ବୁଝେଇବାକୁ ଯାଇ କହିଲେ ଉମେଶ ।

ଚଢ଼ା ଗଳାରେ ଉତ୍ତର ଦେଲେ ମାଳତୀ ଦେବୀ- ଆଚ୍ଛା ଏଥର ଉର୍ମି ଉର୍ମି ଜପିଲୁଣି ତାହାଲେ । ତା ମମିର ଦେହ ଖରାପ କଥାଟା ଦିଶୁଛି । ଆଉ ତୋ ବୋଉ ଏଠି କେତେ ହନ୍ତସନ୍ତ ହେଉଛି ସେଇଟା ତୋତେ କି ଉର୍ମି କାହାକୁ ଦିଶୁନି ।

ଏକ ଆସନ୍ନ ଝଡ଼ର ପୂର୍ବାନୁମାନ କରି ଉର୍ମି କହିଲା- ଠିକ୍ ଅଛି ବୋଉ ମୁଁ କୁଆଡେ ବି ଯିବିନି । ଆପଣ ଅଯଥାରେ ରାଗନ୍ତୁନି ।

ମନର କୋହ ଆଉ ଆଖିର ଲୁହକୁ ଅନାୟାସରେ ପିଇ ଦେଲା ଉର୍ମି । ମନେପଡିଲା ତା ମମିଙ୍କର ସେଇ କଥା ପଦକ.... ସେଇମାନେ ହିଁ ତୋର ବାପା ମା' ଭାଇ ଭଉଣୀ ।

ରୋଷେଇ ଘରେ ପ୍ରେସର କୁକରରେ ସିଟି ପରେ ସିଟି ବାଜି ଚାଲିଥିଲା । ଆଉ ଉର୍ମିର ଅବୁଝା ମନ କିନ୍ତୁ ତା ମମି ପାଖରେ ଅଟକି ଯାଇଥିଲା । ସବୁ କଷ୍ଟକୁ ଚାପି ଧରି ଫୋନ୍ ରିଂ କଲା ଉର୍ମି ।

ଫୋନ୍‌ରେ ସେପଟେ ଥାଇ ତା ମମି ଡାକ ଶୁଣୁ ଶୁଣୁ ସୁମତି ଦେବୀ ଶେଯରୁ ଉଠି ବସିଲେ । ନିର୍ଜୀବ ଫୋନ୍‌ରେ ଭାବ ବିନିମୟ କରୁ କରୁ ପଢି ପକେଇଲେ ତାଙ୍କ ଝିଅର ଅକୁହା କଥା, ହୃଦୟର ଭାଷା । ଆଉ ସ୍ୱାମୀଙ୍କୁ କହି ଓଲା ନେଇ ସାଙ୍ଗେ ସାଙ୍ଗେ ବାହାରି ପଡିଲେ ଉର୍ମି ପାଖକୁ ।

ଉର୍ମି ଘରେ ପହଞ୍ଚି ତାକୁ ଛାତିରେ ଜାବୁଡି ଧରି ତା ଛାତିର ସ୍ପନ୍ଦନ ରୁ ହିଁ ପଢି ପାରୁଥିଲେ ତା ମନର କୋହ । ସେଥିପାଇଁ ପରା ଟିକେ କଷ୍ଟ ହେଲେ ଓଠରୁ ସ୍ୱତଃସ୍ଫୁର୍ତ୍ତ ଭାବେ ବାହାରି ପଡେ... ମା' ଲୋ...

ତଥାପି ସୁମତି ଦେବୀ ଥିଲେ ନିରୁପାୟ । ମନକୁ ଦୃଢ କରି କହିଲେ- ମୁଁ ପୁରା ଭଲ ହୋଇଗଲିଣି ଉର୍ମି । ତୁ ଆଦୌ ମନ କଷ୍ଟ କରନା । ନାରୀର ପୂର୍ଣ୍ଣତା ଆସେ ସେବା, ତ୍ୟାଗ, କର୍ତ୍ତବ୍ୟ ପରାୟଣତା ଆଉ ଭଲ ପାଇବାରେ । ଆଉ ମୁଁ ଜାଣେ ମୋ ଉର୍ମି କେବେହେଲେ ତା ମମିର ଆଦର୍ଶରୁ ବାହାରି ପାରିବନି ।

ମମିଙ୍କର ପ୍ରତିଟି କଥା ତା ହୃଦୟରେ ଝଙ୍କାର ସୃଷ୍ଟି କରୁଥିଲା, ଆଉ ସେ ଭାବୁଥିଲା ପଡିଶା ଘର ସୁରୁଚି ମାଉସୀଙ୍କ ପଦିଏ କଥା ।

ସେଦିନ ସୁରୁଚି ମାଉସୀଙ୍କ ପୁଅ ପ୍ରଣବ ପାଇଁ ଆସିଥିବା ପ୍ରସ୍ତାବ ବିଷୟରେ କଥା ହେଉ ହେଉ ମାଉସୀ ଉର୍ମିକୁ କହୁଥିଲେ- ଜାଣିଛୁ ଉର୍ମି ତୋ ମଉସା କହୁଛନ୍ତି, ପ୍ରଣବ ପାଇଁ ଝିଅ ଦେଖିଗଲେ ସେ ପ୍ରଥମେ ଝିଅର ମା'ଙ୍କ ଇଣ୍ଟରଭିଉ ନେବେ ।

ସୁମତି ଦେବୀ ଫେରିଗଲା ପରେ ତାଙ୍କ କର୍ଣ୍ଣ ମନ୍ତ୍ରକୁ ପାଥେୟ କରି ଘର କାମରେ ବୁଡି ରହିଲା ଉର୍ମି ।

ସେଦିନ ଥାଏ ଶନିବାର ଅଫିସ ରୁ ଫେରି ଉମେଶ ସିଧା ବୋଉ ପାଖକୁ ଯାଇ କହିଲେ- ବୋଉ କାଲି ଆମ ଅଫିସର ସବୁ କର୍ମଚାରୀ ତାଙ୍କ ପରିବାର ସହ ଗୋଟିଏ ବଣଭୋଜିର ଆୟୋଜନ କରୁଛନ୍ତି । ମୋତେ ବହୁତ ଅନୁରୋଧ କରିଛନ୍ତି ଉର୍ମି ଓ ପୁଅକୁ ନେଇ ଯିବାକୁ । କଣ କହୁଛୁ ? ପ୍ରତ୍ୟୁତ୍ତର ଆଶାରେ ଚାହିଁ ରହିଲେ ଉମେଶ ।

ମାଳତୀ ଦେବୀ କିଛି କହିବା ଆଗରୁ ଘର ଭିତରକୁ ପଶି ଆସୁ ଆସୁ ଝିଅ ଉଷା କହିଲା- ନିଶ୍ଚୟ ଯିବ ଭାଇ । ଏଭଳି ସୁଯୋଗ କଣ କିଏ ହାତଛଡା କରେ । ଶୁଣ ଭାଉଜ ଭୋଜି ବେଳର ସବୁ ଫୋଟୋ ଅପ୍‌ଲୋଡ଼ କରି ପୋଷ୍ଟ କରିବ ଆମେ ଦେଖିକି ଲାଇକ୍ ଆଉ କମେଣ୍ଟ କରିବୁ ବୁଝିଲ ।

ଖିଆ ପିଆ ସାରି ମାଳତୀ ଦେବୀଙ୍କ ପାଖରେ ଶୋଇ ଗପ କରୁ କରୁ କହୁଥାଏ ଉଷା- ଆଦୌ ମନା କରିବୁନି ବୋଉ ଭାଇ ଭାଉଜ ଯଦି କୁଆଡେ ବୁଲି ଯିବାକୁ ଚାହୁଁଛନ୍ତି । ଯାଆନ୍ତୁ ସବୁବେଳେ ଘର କାମରେ ବ୍ୟସ୍ତ ରହି ଭାଉଜ ବିରକ୍ତ ହୋଇଯାଉଥିବେ । ଟିକେ ବୁଲାବୁଲି କରି ଆସିଲେ ମନ ପରିବର୍ତ୍ତନ ହେବାସହ କର୍ମ ତତ୍ପରତା ମଧ୍ୟ ବଢିବ ।

ଟିକେ ରହି ପୁଣି କହିଲା ଉଷା- ଦେଖ ବୋଉ, ତୁ କେବେବି ଭାବିବୁନି ଭାଉଜ ତୋର ବୋହୂ ବୋଲି । ବରଂ ସେ ତୋର ଝିଅ । ଥରେ ତାଙ୍କୁ ସ୍ନେହ ବନ୍ଧନରେ ବାନ୍ଧିକି ଦେଖ, ତାଙ୍କ ଭିତରେ ତୁ ମୋତେ ହିଁ ପାଇବୁ । ମୁଁ ତ ସବୁବେଳେ ତୋ ପାଖରେ ରହି ତୋ ସେବା କରିପାରିବିନି, ସେଥିପାଇଁ ପରା ଭଗବାନ ଉର୍ମି ଭାଉଜଙ୍କ ଭଳି ଝିଅଟିଏ ତୋ ପାଖକୁ ପଠେଇଛନ୍ତି ।

ତା ପାଟିରୁ କଥା ଛଡେଇ ନେଇ ମାଳତୀ ଦେବୀ କହିଲେ- ମୁଁ କଣ ଉର୍ମିକୁ କେବେ ଅବହେଳା କରିଛି କି ?

ଜଣେ ଅଭିଜ୍ଞ ବକ୍ତା ଭଳି କହିଲା ଉଷା- ନା ବୋଉ ମୁଁ ସେକଥା କହୁନି । ଥରେ ଭାବିଲୁ ଦେଖି ତୋର ପ୍ରତିଟି ସୁବିଧା ଅସୁବିଧାରେ ଯେଉଁ ହାତଟି ତୋତେ ସୁରକ୍ଷା ଯୋଗେଇବ ସେ ହାତଟି କାହାର ?

- ଭାଉଜଙ୍କର...

ତୋ ଦେହ ଖରାପ ହେଲେ ତୋ ପାଖେ ପାଖେ ରହି ତୋତେ ଠିକ୍ ସମୟରେ ଖାଇବା ଆଉ ଔଷଧ ଦେବ କିଏ ?

- ଭାଉଜ ।

ରୋଷେଇ ଘରେ ଥାଇ ବିରି ଚାଉଳ ଧୋଉ ଧୋଉ ସବୁ ଶୁଣୁ ଥିଲା ଉର୍ମି । ମନେ ମନେ ଭାବୁଥିଲା, ଏ ଦୁନିଆର ସବୁ ନଣନ୍ଦ ଯଦି ଉଷାଙ୍କ ଭଳି ହୋଇଯାନ୍ତେ ତାହାଲେ ଘରେ ଘରେ ଥିବା ଶାଶୁ ବୋହୂ ମତାନ୍ତର କେତେ ମାତ୍ରାରେ କମିଯାନ୍ତା ସତରେ !

ସେଦିନ ଡାକ୍ତରଖାନା ବେଡ଼ରେ ଶୋଇଥାନ୍ତି ମାଳତୀ ଦେବୀ । ହଠାତ୍ ମୁଣ୍ଡ ଘୁରେଇବାରୁ ଗାଧୁଆ ଘରେ ମୂର୍ଚ୍ଛା ହୋଇ ପଡିଗଲେ ସେ । ଶବ୍ଦ ଶୁଣି ରୋଷେଇ ଘରୁ ଦୌଡି ଆସିଲା ଉର୍ମି । ଶାଶୁଙ୍କୁ ଉଠେଇ ଚେତା କରି ବେଡ଼ରେ ଶୁଏଇ ଆମ୍ବୁଲାନ୍ସ ଡକାଇ ଡାକ୍ତରଖାନାରେ ଭର୍ତ୍ତି କରି ସ୍ୱାମୀ ଉମେଶ ଓ ନଣନ୍ଦ ଉଷାଙ୍କୁ ଫୋନ୍ କଲା ସେ ।

ଖୁବ୍ କମ୍ ସମୟ ଭିତରେ ଡାକ୍ତରଖାନାରେ ପହଞ୍ଚି ଡାକ୍ତରଙ୍କ ସହ ପରାମର୍ଶ କରୁଥାନ୍ତି ଉମେଶ ।

ମାଳତୀ ଦେବୀଙ୍କ ଆଖି ଖୋଲିବା କ୍ଷଣି ସେ ଦେଖିଲେ ପାଖ ଚୌକିରେ ବସିଛି ଉର୍ମି ।

ପାଖକୁ ଚାଲି ଆସି ପଚାରିଲା- ଏବେ କେମିତି ଲାଗୁଛି ଆପଣଙ୍କୁ ବୋଉ ?

ମୋ ପାଖକୁ ଆ ମା', କହି ଉର୍ମିକୁ ଛାତିରେ ଜାବୁଡି ଧରି ପିଲାଙ୍କ ଭଳି କାନ୍ଦିବାକୁ ଲାଗିଲେ ମାଳତୀ ଦେବୀ ।

ଶାଶୂ ବୋହୂଙ୍କର ଏ ମହା ମିଳନ ଦୃଶ୍ୟକୁ ଦେଖି ଆଖିରୁ ଝରି ପଡୁଥିବା ଲୁହକୁ ଦୁଇ ପାପୁଲିରେ ପୋଛି ନେଉ ନେଉ ମାଳତୀ ଦେବୀଙ୍କ ପାଦ ପାଖରେ ମୁଣ୍ଡ ରଖି ଉଷା କହୁଥିଲେ- ମୋ ବୋଉ ମହାନ ।

ତାଳଚେର ଥର୍ମାଲ
ମୋ- ୯୮୬୧୧୯୨୪୪୫

# କେଜାଣି କାହିଁକି ଆଜି

### ପ୍ରଭୁକଲ୍ୟାଣ ମହାପାତ୍ର

କାହିଁକି କେଜାଣି ଆଜି
ନିଦ ମୋର ଯାଉଛି ଭାଜି
ଦୂର ଅତୀତର କଥା ଭାରି ମନେ ପଡୁଚି । ୧

ଆମ ଗାଁ ରଜ ଦୋଳି
ପୁଚି ଖେଳ, ଲୁଚକାଳି
ପିଠା ପଣାର ମହକ ମନକୁ ଅଧୀର କରୁଚି । ୨

କାହା ସ୍ୱର କାନେ ବାଜି
ମନ ମୋ ଯାଉଛି ହଜି
ପୁରୁଣା ଦିନର ଛବି ସ୍ମୃତିରେ ସତେଜ ହେଉଚି । ୩

ବିସ୍ମୃତି ପରଳ ତେଜି
ପ୍ରତିଭାତ ସ୍ମୃତିରାଜି
ପିଲାଦିନ ଧୂଳି ଖେଳେ ମନ ଭିଜିଯାଉଚି । ୪

ଗାଁ ମନ୍ଦିର ଘଣ୍ଟ ଧ୍ୱନି
ଭଜନ, କୀର୍ତ୍ତନ ରାଗିଣୀ
ଅସ୍ଥିର ହୃଦୟେ ଶାନ୍ତି ଭରିଦେଉଚି । ୫

ପାଦଚଲା ରାସ୍ତାଘାଟ
ନିଛାଟିଆ ବିଲପାଟ
ଗାଁ ଧାନକ୍ଷେତ ମୋତେ ହାତଠାରି ଡାକୁଚି । ୬

ଗାଁଆ କୋଳକୁ ଖାଲିକରି
ଆମେ ହୋଇଛୁ ସହରୀ
ହାହୁତାଶ ଜୀବନ ଆମର ଏଇଠି ବିତୁଚି । ୭

କେଜାଣି କାହିଁକି ଆଜି
ସ୍ମୃତିର ସ୍ୱପ୍ନରେ ମଜ୍ଜି
ଗାଁ କଥା ଏତେ ବେଶୀ ମନକୁ ଘାରୁଚି । ୮
ମୋବାଇଲ- ୯୯୩୭୭୧୧୩୮୯

# ଇଂଲଣ୍ଡ ବିପକ୍ଷ ଶେଷ ୩ ଟେଷ୍ଟ ଖେଳିବେନି ଶ୍ରେୟସ ଆୟର !



**ନୂଆଦିଲ୍ଲୀ**

ରାଜକୋଟ ଟେଷ୍ଟ ପୂର୍ବରୁ ଟିମ୍ ଇଣ୍ଡିଆକୁ ବଡ଼ ଝଟ୍‌କା ଲାଗିଛି । ଆହତ କାରଣରୁ ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟର ଶ୍ରେୟସ ଆୟର ଇଂଲଣ୍ଡ ବିପକ୍ଷ ଶେଷ ୩ ଟେଷ୍ଟ ମ୍ୟାଚ୍ ଖେଳି ନ ପାରନ୍ତି । ଇଣ୍ଡିଆନ ଏକ୍ସପ୍ରେସରେ ପ୍ରକାଶିତ ରିପୋର୍ଟରେ ଦାବି କରାଯାଇଛି ଯେ ଶ୍ରେୟସ ଆୟର ତାଙ୍କ ପିଠିରେ ଯନ୍ତ୍ରଣା ଅନୁଭବ କରୁଛନ୍ତି । ସେହିପରି ବ୍ୟାଟିଂ କରିବା ବେଳେ ସେ ଜଙ୍ଘ ଅଞ୍ଚଳରେ ସମସ୍ୟା ଅନୁଭବ କରିଥିଲେ । ତେଣୁ ସେ ଇଂଲଣ୍ଡ ବପିକ୍ଷ ଶେଷ ୩ ଟେଷ୍ଟ ଖେଳି ନ ପାରନ୍ତି । ରିପୋର୍ଟରେ କୁହାଯାଇଛି ଖେଳାଳିଙ୍କ କିଟ୍ ବ୍ୟାଗ୍ ମଧ୍ୟ ବିଶାଖାପଟନମରୁ ରୋଜକୋଟକୁ ପଠାଇ ଦିଆଯାଇଛି ।

କିନ୍ତୁ ଆୟରଙ୍କ କିଟ୍ ବ୍ୟାଗ୍ ତାଙ୍କ ମୁମ୍ବାଇ ସ୍ଥିତ ତାଙ୍କ ଘରକୁ ଯାଇଛି । ତେଣୁ ଆୟର ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଆଉ ନଜର ଆସିବେ ନାହିଁ । ସମ୍ଭବତଃ ସେ ରିହ୍ୟାବ ପାଇଁ ବେଙ୍ଗାଲୁରୁରେ ଥିବା ଏନସିଏ ଯିବେ ।

୨୦୨୩ରେ ଆୟର ଅଣ୍ଟା ଅପରେସନ କରିଥିଲେ । ଏଥିପାଇଁ ତାଙ୍କୁ ଆଇପିଏଲର ୨୦୨୩ ସଂସ୍କରଣରେ ଦେଖିବାକୁ ମିଳି ନଥିଲା । ଏଥର ମଧ୍ୟ ଠିକ୍ ଆଇପିଏଲ ପୂର୍ବରୁ ଶ୍ରେୟସ ଆୟର ଆହତ ହୋଇଛନ୍ତି । ତେଣୁ ସେ ଆଇପିଏଲ ଖେଳୁଛନ୍ତି କି ନାହିଁ, ତା ଉପା ସମସ୍ତଙ୍କ ନଜର ରହିଛି । ଏହାପୂର୍ବରୁ ବ୍ୟକ୍ତିଗତ କାରଣ ପାଇଁ ବିରାଟ କୋହଲି ଇଂଲଣ୍ଡ ବିପକ୍ଷ ସିରିଜରେ ଉଲବ୍ଧ ହେବେ ନାହିଁ ବୋଲି ଖବର ପ୍ରକାଶ ପାଇଥିଲା । ସେହିପରି ଆହତ ସମସ୍ୟା ଯୋଗୁ ରବୀନ୍ଦ୍ର ଜାଡ଼େଜା ମଧ୍ୟ ୩ୟ ଓ ୪ର୍ଥ ଟେଷ୍ଟରେ ନଜର ଆସିବେ ନାହିଁ । ଭାରତ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ ଆସନ୍ତା ୧୫ ତାରିଖରୁ ରାଜକୋଟରେ ଆରମ୍ଭ ହେବ ।

# ସାଫ୍ ଅଣ୍ଡର ୧୯ ଚାମ୍ପିୟନସିପ୍ : ଭାରତକୁ ବିଜେତା ଘୋଷଣା କରାଯିବାରୁ ପଡ଼ିଆରେ ହଙ୍ଗାମା

**ନୂଆଦିଲ୍ଲୀ**

ସାଫ ୧୯ ମହିଳା ଚାମ୍ପିୟନସିପ ଫାଇନାଲରେ ହାଇଡ୍ରାମା ଦେଖିବାକୁ ମିଳିଛି । ପେନାଲ୍ଟି ଶୁଟ୍ ଆଉଟରେ ଭାରତ ଓ ବାଂଲାଦେଶର ସ୍ଥିତି ୧୧-୧୧ ରହିଥିଲା । ଏହାପରେ ଟସ୍ ଦ୍ୱାରା ଭାରତକୁ ବିଜେତା ଘୋଷଣା କରାଯାଇଥିଲା । ବାସ୍ ଏହାକୁ ନେଇ ଆରମ୍ଭ ହୋଇଯାଇଥିବା ହଙ୍ଗାମା ଷ୍ଟାଡିୟମରେ ଉପସ୍ଥିତ ଥିବା ବାଂଲାଦେଶର ସମର୍ଥକ ଓ ଖେଳାଳିମାନେ ଏହାକୁ ବିରୋଧ କରିଥିଲେ । ବାଂଲାଦେଶର ଖେଳାଳିମାନେ ପଡ଼ିଆରେ ଏହାକୁ ବିରୋଧ କରୁଥିବା ବେଳେ ଦଳର ସମର୍ଥକମାନେ ବୋତଲ ମାଡ଼ କରିଥିଲେ । ବେଶ୍ କିଛି ସମୟ ଧରି ଏପରି ହଙ୍ଗାମା ଚାଲିଥିଲା । ଶେଷରେ ମ୍ୟାନେଜମେଣ୍ଟ ଉଭୟ ଦଳକୁ ସାଫ ଅଣ୍ଡର ୧୯ ମହିଳା ଚାମ୍ପିୟନସିପର ବିଜେତା ଘୋଷଣା କରିଥିଲା ।



ନିୟମିତ ସମୟ ପରେ ସ୍ଥିତି ୧-୧ରେ ରହିଥିଲା । ଏହାପରେ ପେନାଲ୍ଟି ଶୁଟ ଆଉଟ ହୋଇଥିଲା । ୧୧ଟି ଲେଖାଏଁ ଶଟ ପରେ ସ୍ଥିତି ପୁଣି ୧୧-୧୧ ହୋଇ ଯାଇଥିଲା । ତେଣୁ ରେଫରୀ ଟସ୍ ଦ୍ୱାରା ମ୍ୟାଚ୍‌ର ନିର୍ଣ୍ଣୟ ନେଇଥିଲେ । ଭାରତ ଟସ୍ ଜିତିବାରୁ ଦଳକୁ ବିଜୟୀ ଘୋଷଣା କରାଯାଇଥିଲା । କିନ୍ତୁ ଏହାକୁ ଦର୍ଶକମାନେ ସହଜରେ ଗ୍ରହଣ କରି ପାରି ନଥିଲେ । ସେମାନେ ପଡ଼ିଆ ଭିତରକୁ ବୋତଲ ଓ ଅନ୍ୟ ଜିନିଷ ସବୁ ଫିଙ୍ଗିବା ଆରମ୍ଭ କରିଥିଲେ । ସ୍ଥିତି ବିଗିଡ଼ିବାରୁ ସୁରକ୍ଷାକର୍ମୀମାନେ ଭାରତୀୟ ଖେଳାଳିଙ୍କୁ ତୁରନ୍ତ ପଡ଼ିଆରୁ ନେଇ ଯାଇଥିଲେ ।

ଏହାପରେ ଦୀର୍ଘ ୨ ଘଣ୍ଟା ଧରି ମ୍ୟାଚ୍‌ର ଫଳାଫଳ କ'ଣ ହେବ, ତାକୁ ନେଇ ବିତର୍କ ଚାଲିଥିଲା । ଶେଷରେ ଉଭୟ ଭାରତ ଓ ବାଂଲାଦେଶକୁ ଯୁଗ୍ମ ଭାବେ ବିଜେତା ଘୋଷଣା କରାଯାଇଥିଲା । ଏଆଇଏଫଏଫ ଆକ୍ଟିଂ ମହାସଚିବ ଏମ୍ ସତ୍ୟନାରାୟଣ କହିଛନ୍ତି, କଏନ ଟସ୍ ଦ୍ୱାରା ଭାରତ ବିଜେତା ଘୋଷଣା ହୋଇଥିଲେ ମଧ୍ୟ ଦଳ ଅଧିକାରୀମାନଙ୍କ ଅନୁରୋଧକୁ ରକ୍ଷା କରି ବାଂଲାଦେଶ ସହ ଟ୍ରଫି ଶେୟାର କରିଛି । ସ୍ଥିତି ବିଗିଡ଼ିବା ସହ ଘରୋଇ ଫ୍ୟାନ୍ସ ବିଶୃଙ୍ଖଳା ସୃଷ୍ଟି କରିଥିଲେ । ଖେଳାଳି ଓ ଅନ୍ୟ ଅଧିକାରୀଙ୍କ ସୁରକ୍ଷା ସର୍ବୋପରି ହୋଇଥିବାରୁ ଏଆଇଏଫଏଫ ଆୟୋଜକମାନଙ୍କ ଅନୁରୋଧକୁ ରକ୍ଷା କରି ଦୁଇ ଦଳକୁ ବିଜେତା କରାଇଛି ।

# ପୃଥ୍ୱୀ ଶଙ୍କ ଦମ୍‌ଦାର କମବ୍ୟାକ୍ : ଆହତରୁ ଫେରି ଖେଳିଲେ ଶତକୀୟ ଇନିଂସ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ଓପନର ପୃଥ୍ୱୀ ଶ ଦୀର୍ଘଦିନ ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଆଘାତ ହେତୁ ୬ ମାସ କ୍ରିକେଟ ଠାରୁ ଦୂରରେ ରହିଥିବା ଏହି ଡାହାଣହାତୀ ଓପନିଂ ବ୍ୟାଟ୍ସମ୍ୟାନ ରଣଜୀ ଟ୍ରଫି ମାଧ୍ୟମରେ କ୍ରିକେଟକୁ ଫେରିଛନ୍ତି ପୃଥ୍ୱୀ । ରଣଜୀ ଟ୍ରଫି ୨୦୨୪ରେ ମୁମ୍ବାଇ ପାଇଁ ଖେଳୁଛନ୍ତି । ଅବଶ୍ୟ ପ୍ରୀତି ବେଙ୍ଗଲ ବିପକ୍ଷରେ ୩୫ ରନ ସ୍କୋର କରିଥିଲେ । କିନ୍ତୁ ଛତିଶଗଡ଼ ବିପକ୍ଷରେ ସେ ଏକ ଚମତ୍କାର ଶତକ ହାସଲ କରିଛନ୍ତି । ପୃଥ୍ୱୀଙ୍କ ଶତକ ବଳରେ ମୁମ୍ବାଇ ଛତିଶଗଡ଼ ବିପକ୍ଷରେ ଭଲ ଆରମ୍ଭ କରିଛି । ୨୪ ବର୍ଷୀୟ ପୃଥ୍ୱୀ ଶାହିଦ ଭୀର ନାରାୟଣ ସିଂ ଷ୍ଟାଡିୟମରେ ରଣଜୀ ଟ୍ରଫି ୨୦୨୪ ଅଧୀନରେ ଖେଳାଯାଉଥିବା ମୁମ୍ବାଇ ବନାମ ଛତିଶଗଡ଼ ମ୍ୟାଚ୍‌ରେ ୧୦୨ ବଲରେ ଶତକ ପୂରଣ କରିଥିଲେ । ସେ ୧୩ ଚୌକା ଓ ୨ ଛକା ମାରିଥିଲେ ୮୦ ଇନିଂସରେ ଏହା ପୃଥ୍ୱୀ ତାଙ୍କର ୧୩ତମ ପ୍ରଥମ ଶ୍ରେଣୀ ଶତକ ସେ ୪୩ ଟି ବଲରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ । ଗତ ବର୍ଷ ଅଗଷ୍ଟରେ ଇଂଲଣ୍ଡରେ କାଉଣ୍ଟି କ୍ରିକେଟ ଖେଳିବା ବେଳେ ପୃଥ୍ୱୀ ଶ ଆହତ ହୋଇଥିଲେ । ନର୍ଥମ୍ପଟାୟଶାୟାର ବିପକ୍ଷରେ ରୟାଲ ଲଣ୍ଡନ ୱାନ ଡେ କପ୍‌ରେ ସେ ଏହି ଆଘାତ ପାଇଥିଲେ । ଏହା ପରେ ତାଙ୍କୁ ଅସ୍ତ୍ରୋପଚାର କରିବାକୁ ପଡ଼ିଥିଲା ।

# ଉଦ୍‌ଘାଟିତ ହେଲା ପ୍ୟାରିସ୍ ଅଲିମ୍ପିକ ପଦକ

**ପ୍ୟାରିସ୍**



ଅଲିମ୍ପିକ୍‌ରେ ପଦକ ବିଜେତା ଖେଳାଳି ଏଥର ସାଙ୍ଗରେ ଏଫିଲ ଟାୱାର ଟୁକୁରା ସାଙ୍ଗରେ ନେଇ ଘରକୁ ଫେରିବେ । ପ୍ୟାରିସ୍ ଅଲିମ୍ପିକ ଆୟୋଜକ ପଦକ ଅନାବରଣ କରିଛନ୍ତି । ଅଲିମ୍ପିକ ଆୟୋଜକ ପଦକର ଏକ ଭିଡିଓ ମଧ୍ୟ ଜାରି କରିଛନ୍ତି । ପଦକର ଗୋଟିଏ ଅଂଶ ଏଫିଲ ଟାୱାର ଲୁହାରେ ତିଆରି ହୋଇଛି । ଅଲିମ୍ପିକ ଖେଳ ୨୬ ଜୁଲାଇରୁ ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହା ପଛକୁ ପାରାଲମ୍ପିକ ୨୮ ଅଗଷ୍ଟରୁ ସେପ୍ଟେମ୍ବର ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

ବର୍ଷର ସବୁଠୁ ବଡ଼ କ୍ରୀଡ଼ା ଆୟୋଜନ ନିମନ୍ତେ ମୋଟ୍ ୫୦୮୪ଟି ପଦକ ତିଆରି ହୋଇଛି । ପଦକ ଏକ ୧୮ ଗ୍ରାମ ଷଡ଼ଭୁଜ (ହେକ୍ସାଗନ) ଟୋକନ୍ । ଏହାକୁ ଅତୀତରେ ସ୍ମାରକର ନବୀକରଣ କାଳରେ ଏଫିଲ ଟାୱାରରୁ ବାହାରିଥିବା ଲୁହାରେ ତିଆରି କରାଯାଇଛି । ଏହି ପଦକକୁ ଚୌମେଣ୍ଟ ଜ୍ୱେଲର ଡିଜାଇନ କରିଛନ୍ତି ।

ମାର୍ଟିନ ଫୋରକେଡ୍‌ଙ୍କ ଅଧ୍ୟକ୍ଷତାରେ ପ୍ୟାରିସ୍-୨୦୨୪ ଆଥ୍‌ଲେଟ୍ ଆୟୋଗ ଅଲିମ୍ପିକ ଖେଳ ନିମନ୍ତେ ପଦକକୁ ନେଇ ବିଚାର କରିବାକୁ ଏକ ଟିମ୍‌ର ନେତୃତ୍ୱ ନେଇଛନ୍ତି । ଏକ ବୟାନରେ କୁହାଯାଇଛି ଯେ ଫ୍ରାନ୍ସ ଓ ପ୍ୟାରିସ୍‌ର ପ୍ରତିଷ୍ଠିତ ସ୍ମାରକ, ଏଫିଲ ଟାୱାରକୁ ଖେଳର ସବୁଠୁ ପ୍ରତିଷ୍ଠିତ ବସ୍ତୁକୁ ପଦକ ସହ ଯୋଡ଼ିବା ଆମ ଲାଗି ଏକ ସ୍ୱଷ୍ଟ ବିକଳ୍ପ ଥିଲା । ପାରାଲମ୍ପିକ ପଦକରେ ତଳୁ ଏଫିଲ ଟାରର ଦୃଶ୍ୟ ଦେଖାଯାଉଛି ଓ ଏହା ଉପରେ ବ୍ରେଲ ଲିପିରେ ପ୍ୟାରିସ୍-୨୦୨୪ ଅଙ୍କିତ ହୋଇଛି । ଏଥିରେ ଫରାସୀ ଲେଖକ ଲୁଇ ବ୍ରେଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ମଧ୍ୟ ହୋଇଛି ।

ଅଲିମ୍ପିକ ପଦକର ଅପର ପାର୍ଶ୍ୱଟି ଗ୍ରୀସ୍‌ରେ ଖେଳର ପୁନର୍ଜନ୍ମର କାହାଣୀ କହୁଛି । ୨୦୦୪ରୁ ପଦକର ଏକ ପାରମ୍ପରିକ ବିଶେଷତା ରହୁଛି । ବିଜୟର ଦେବୀ ଏଥେନା ନାଇକଙ୍କୁ ଅଗ୍ରରେ ଦର୍ଶାଯାଇଛି, ଯାହା ୧୮୯୬ରେ ଅଲିମ୍ପିକ କ୍ରୀଡ଼ାର ପୁନରୁଦ୍ଧାରର ସାକ୍ଷୀ ଥିବା ପ୍ୟାନାଥେନିକ ଷ୍ଟାଡିୟମରୁ ବାହାରୁଛି । ଅଲିମ୍ପିକ ପଦକର ଦ୍ୱିତୀୟ ପାର୍ଶ୍ୱର ଏକ ଅନିବାର୍ଯ୍ୟ ବିଶେଷତା ହେଉଛି ଏକ୍ରୋପଲିସ ଡିଜାଇନ । ପ୍ରଥମ ଥର ଏଫିଲ ଟାୱାର ସହିତ ସଂଯୁକ୍ତ ହୋଇଛି । ଏପରିକି ପ୍ୟାରିସ ଅଲିମ୍ପିକ୍ ଓ ପାରାଲିମ୍ପିକ ପଦକର ରିବନକୁ ମଧ୍ୟ ଏଫିଲ ଟାୱାର ସହିତ ସଂଯୁକ୍ତ ହୋଇଛି । ଏହି ରିବନକୁ ଏଫିଲ ଟାୱାରର ଜାଲିରେ ସଜାଯିବ ।

# ଆଜିକା ସମୟରେ ବିରାଟ ହିଁ ବିଶ୍ୱର ଶ୍ରେଷ୍ଠ ବ୍ୟାଟର : ସାମି

**ମୁମ୍ବାଇ**

ମଡର୍ଣ୍ଣ ଏରାରେ କେଉଁ ବ୍ୟାଟସମ୍ୟାନ୍ ସବୁଠୁ ବେଷ୍ଟ, ଯାହାଙ୍କ ଟେକ୍‌ନିକ ଜଣେ ଦକ୍ଷ ବ୍ୟାଟରଙ୍କ ସଦୃଶ । ଏ ସମସ୍ତ ପ୍ରଶ୍ନର ଉତ୍ତର ଦେଇଛନ୍ତି ଭାରତୀୟ ଟିମ୍‌ର ଦ୍ରୁତ ବୋଲର ମହମ୍ମଦ ସାମି । ଏକ ଜାତୀୟ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତ୍‌କାରରେ ଏହି ବୟାନ ଦେଇଛନ୍ତି ସାମି ।



ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇଛନ୍ତି ମହମ୍ମଦ ସାମି । ଏହି ସାକ୍ଷାତ୍‌କାରରେ ଉପସ୍ଥାପକ ଜଣଙ୍କ ସାମିଙ୍କୁ ଭାରତର ସବୁଠୁ ବେଷ୍ଟ ବ୍ୟାଟର କିଏ ବୋଲି ପ୍ରଶ୍ନ ପଚାରିଥିଲେ । ଏହାର ଜବାବରେ ବିରାଟଙ୍କ ନାମ ନେଇଥିଲେ ସାମି । ଭାରତ ନୁହେଁ ପୂରା ବିଶ୍ୱର ଶ୍ରେଷ୍ଠ ବ୍ୟାଟର କିଏ ବୋଲି ଉପସ୍ଥାପକ ପ୍ରଶ୍ନ ପଚାରିଥିଲେ, ଯାହାର ଜବାବରେ ବିରାଟ କୋହଲି ବୋଲି କହିଥିଲେ ସାମି । ତାଙ୍କ ମତରେ ଆଜିକା ସମୟରେ ବିରାଟ ହିଁ ବିଶ୍ୱର ଶ୍ରେଷ୍ଠ ବ୍ୟାଟର ତାଙ୍କ ପରି ବ୍ୟାଟର ଆଜିକା ଦିନରେ କେହି ନାହାନ୍ତି । ବିଗତ ଦିନମାନଙ୍କ ବିରାଟ ଯେଉଁ ଉପଲବ୍ଧି ହାସଲ କରିଛନ୍ତି । ତାହା ଅନ୍ୟ ଖେଳାଳିଙ୍କ ପକ୍ଷେ ଅସମ୍ଭବ । ଟିମ୍ ପାଇଁ ସବୁବେଳେ ଛିଡ଼ା ହୋଇଥାନ୍ତି ବିରାଟ । ସେ ଫିଲ୍ଡ ହେଉ କି ବ୍ୟାଟିଂ । ଆଉ ରନ୍ ଚେସ୍‌ରେ ତ ବିରାଟ ମାଷ୍ଟର ।

ସେହିପରି ଟିମ୍ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମାଙ୍କୁ ନେଇ ବି ବଡ଼ କଥା କହିଛନ୍ତି ସାମି । ବିଶ୍ୱର ସବୁଠୁ ଖତରନାକ ବ୍ୟାଟର କିଏ ବୋଲି ପଚରା ଯାଇଥିଲା ପ୍ରଶ୍ନ, ଯାହାର ଉତ୍ତରରେ ସାମି କହିଥିଲେ ଯେ, ଆଉ କେହି ନୁହେଁ, ତାହା ରୋହିତ ଶର୍ମା । ଆଜିକା ସମୟରେ କ୍ରିକେଟ୍ ଦୁନିଆରେ ଯଦି କିଏ ସବୁଠୁ ଖତରନାକ ବ୍ୟାଟର ରହିଥାନ୍ତି ତେବେ ସେ ରୋହିତ ଶର୍ମା । ମ୍ୟାଚ୍‌ର ପ୍ରାରମ୍ଭରୁ ରୋହିତ ଶର୍ମାଙ୍କ ୱିକେଟ୍ ନେବା ବୋଲରଙ୍କ ପାଇଁ ଭଲ ହୋଇଥାଏ । ଆଉ ଯଦି ମ୍ୟାଚ୍‌ର ଶେଷ ଓଭର ଯାଏଁ ରୋହିତ କ୍ରିଜ୍‌ରେ ରହିଯାଆନ୍ତି । ତେବେ ତାଙ୍କୁ ଅଟକାଇବା ଅସମ୍ଭବ । ଯେତେବଡ଼ ସ୍କୋର ହେଇଥାଉ ନା କାହିଁକି ରୋହିତ ଏହାକୁ ହାସଲ କରିବାରେ ମାହିର । ଗତ ଆଫଗାନିସ୍ତାନ ବିପକ୍ଷ ଟି-୨୦ ମ୍ୟାଚ୍‌ରେ ଦେଖିଥିବେ ସମସ୍ତେ । ରୋହିତ ଶର୍ମା ପୂରା ୨୦ ଓଭର କ୍ରିଜ୍‌ରେ ଛିଡ଼ା ହୋଇଥିଲେ, ଯାହାର ପରିଣାମ ପ୍ରାରମ୍ଭିକ ଝଟ୍‌କା ପରେ ଟିମ୍ ୨୦୦ ରନ୍ କରିବାରେ ସକ୍ଷମ ହୋଇଥିଲା । ଆଉ ରୋହିତ ଶର୍ମା ନିଜର ୫ମ ଟି-୨୦ ଶତକ ହାସଲ କରିଥିଲେ ।

# ଟି-୨୦ ବିଶ୍ୱକପ୍ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବେ ଅଷ୍ଟ୍ରେଲୀୟ ଓପନର ଡେଭିଡ୍ ୱାର୍ଣ୍ଣର

**ନୂଆଦିଲ୍ଲୀ**



ଟି-୨୦ କ୍ରିକେଟରୁ ଅବସର ନେବେ ଅଷ୍ଟ୍ରେଲିଆ ଷ୍ଟାର କ୍ରିକେଟର ଡେଭିଡ ୱାର୍ଣ୍ଣର । ଟି-୨୦ ବିଶ୍ୱକପ୍ ୨୦୨୪ ପରେ ସେ ଅବସର ନେବେ ବୋଲି ୱାର୍ଣ୍ଣର ସୂଚନା ଦେଇଛନ୍ତି । ୱେଷ୍ଟଇଣ୍ଡିଜ ବିପକ୍ଷରେ ନିଜ କ୍ୟାରିୟରର ୧୦୦ତମ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ପରେ ଏହି ଖୁଲାସା କରିଛନ୍ତି ୱାର୍ଣ୍ଣର ।

କ୍ରିକେଟର ସବୁ ଫର୍ମାଟ୍‌ରେ ଜବରଦସ୍ତ ପ୍ରଦର୍ଶନ କରିଥିବା ଏହି ଅଷ୍ଟ୍ରେଲୀୟ ଷ୍ଟାର କ୍ରିକେଟର ପୂର୍ବରୁ ଟେଷ୍ଟ ଓ ଦିନିକିଆ ଫର୍ମାମଟ୍‌ରୁ ଅବସର ନେଇସାରିଛନ୍ତି । ଭାରତ ବିପକ୍ଷରେ ଦିନିକିଆ ବିଶ୍ୱକପ୍ ୨୦୨୩ ଫାଇନାଲ୍ ଜିତିବା ପରେ ଦିନିକିଆରୁ ଫର୍ମାଟ୍‌ରୁ ଅବସର ଘୋଷଣା କରିଥିଲେ ୱାର୍ଣ୍ଣର ।

ସେହିପରି ଅଷ୍ଟ୍ରେଲିଆରେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ସିରିଜ ଖେଳି ଗୋଟିଏ ଶତକ ଓ ଅର୍ଦ୍ଧଶତକ ହାସଲ କରିବା ପରେ ସେ ତାଙ୍କ ଟେଷ୍ଟ କ୍ୟାରିୟରକୁ ସମାପ୍ତ କରିଥିଲେ । ଟି-୨୦ରୁ ଅବସର ବିଷୟରେ ସୂଚନା ଦେଇ ୱାର୍ଣ୍ଣର କହିଛନ୍ତି ମୁଁ ଟି-୨୦ ବିଶ୍ୱକପ ଖେଳି ଯାତ୍ରା ଶେଷ କରିବାକୁ ଚାହୁଁଛି । ଆସନ୍ତା ୬ ମାସ ମୋ ପାଇଁ ଏକ ଭଲ ଯାତ୍ରା ହେବ । ବିଶ୍ୱକପ ଜିତିଥିବା ଟିମ୍ ନ୍ୟୁଜିଲାଣ୍ଡ ଗସ୍ତ କରୁଛି । ତେଣୁ ଆମ ଜିତିବା ମହତ୍ୱପୂର୍ଣ୍ଣ ।

# ଅନ୍ତର୍ଜାତୀୟ କ୍ରିକେଟରେ କୋହଲିଙ୍କୁ ଟପିଲେ ବାବର




**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର ବିରାଟ କୋହଲିଙ୍କ ସହ କେହି ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ । କିନ୍ତୁ ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ବାବର ଆଜାମ୍‌ଙ୍କୁ ବିରାଟ କୋହଲିଙ୍କ ସହ ତୁଳନା କରାଯାଏ । ବାବର ଆଜାମ୍‌ଙ୍କୁ କ୍ରିକେଟ ବିଶ୍ୱର ପରବର୍ତ୍ତୀ ବଡ଼ ବ୍ୟାଟର୍ କୁହାଯାଏ । ଅନ୍ତର୍ଜାତୀୟ କ୍ରିକେଟରେ ଗତ ଦୁଇ ବର୍ଷ ମଧ୍ୟରେ ବାବର କୋହଲିଙ୍କୁ ଶତକ ହାସଲ କରିବା ମାମଲାରେ ପଛରେ ପକାଇ ଦେଇଛନ୍ତି । ଗତ ଦୁଇ ବର୍ଷ ମଧ୍ୟରେ ବାବର ୧୧ଟି ଅନ୍ତର୍ଜାତୀୟ ଶତକ ହାସଲ କରିଥିବାବେଳେ ବିରାଟ କୋହଲି ୧୦ଟି ଆନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି । କୋହଲି ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଏଥିସହ ଶୁବମନ ଗିଲ୍ ମଧ୍ୟ ୧୦ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି ।

ଏହି ତାଲିକାର ତୃତୀୟ ନମ୍ବର ହେଉଛି ନ୍ୟୁଜିଲ୍ୟାଣ୍ଡର ଡେରିଲ ମିଚେଲ । ମିଚେଲ ଗତ ଦୁଇ ବର୍ଷ ମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟରେ ମୋଟ ୯ ଶତକ ହାସଲ କରିଛନ୍ତି । ତେବେ ଗତ ଦୁଇ ବର୍ଷ ମଧ୍ୟରେ ବାବର ସର୍ବାଧିକ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି ।

# ଖୋର୍ଦ୍ଧା ରୋଡ଼୍ ରେଲୱେ ସ୍କୁଲ ଦ୍ୱାରା ବାର୍ଷିକ କ୍ରୀଡ଼ା ସମ୍ମେଳନ ୨୦୨୩-୨୪ ଆୟୋଜିତ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବ ତଟ ରେଳ ମିଶ୍ରିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖୋର୍ଦ୍ଧା ରୋଡ଼୍ ଦ୍ୱାରା ବାର୍ଷିକ କ୍ରୀଡ଼ା ସମ୍ମିଳନୀ ୨୦୨୩-୨୪ ଆୟୋଜିତ ହେଇଯାଇଛି । ୦୭.୦୨.୨୦୨୪ ରୁ ୦୯.୦୨.୨୦୨୪ ପର୍ଯ୍ୟନ୍ତ ତିନି ଦିନ ପାଇଁ ରେଳ ବିଦ୍ୟାଳୟର ପ୍ରାଥମିକ ଏବଂ ମାଧ୍ୟମିକ ବିଭାଗର ପିଲାମାନଙ୍କ ପାଇଁ ବିଭିନ୍ନ କ୍ରୀଡ଼ା ଆୟୋଜନ କରାଯାଇଥିଲା । କ୍ରୀଡ଼ା ସମ୍ମିଳନୀର ସମାପ୍ତି ସମାରୋହରେ ଅଂଶଗ୍ରହଣ କରି, ଆର.ଏନ୍.ଏ. ପରିଡ଼ା, ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ସମସ୍ତ ଶିଶୁମାନଙ୍କୁ ସେମାନଙ୍କର ସୁସ୍ଥ ଅଂଶଗ୍ରହଣ ପାଇଁ ଅଭିନନ୍ଦନ ଜଣାଇଛନ୍ତି । କ୍ରୀଡ଼ା ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କ ମଧ୍ୟରେ ଦଳୀୟ ମନୋଭାବ ସୃଷ୍ଟି କରିବା ଏବଂ ସେମାନଙ୍କୁ ଜୀବନରେ ନୂତନ ଆହ୍ୱାନର ସମ୍ମୁଖୀନ ହେବାକୁ ସକ୍ଷମ କରିବା ବୋଲି ସେ କହିଛନ୍ତି ଆର.ଏନ୍.ଏ. ପରିଡ଼ା, ସମସ୍ତ ବିଜେତାଙ୍କୁ ପୁରସ୍କାର ବିତରଣ କରିଛନ୍ତି ।

ବିଭିନ୍ନ ବୟସ ବର୍ଗର ପିଲାମାନଙ୍କ ପାଇଁ ଆୟୋଜିତ ବିଭିନ୍ନ କ୍ରୀଡ଼ାରେ ମୋଟ୍ ୪୭୫ ଜଣ ପିଲା ଅଂଶଗ୍ରହଣ କରିଥିଲେ । ରନିଂ ରେସ୍, ଚକୋଲେଟ ରେସ୍, ସ୍ଲୋ ସାଇକ୍ଲିଂ, ଲଂଗ୍ ଜମ୍ପ ଏବଂ ହାଇ ଜମ୍ପ ଇତ୍ୟାଦି କ୍ରୀଡ଼ାଗୁଡ଼ିକ ଆୟୋଜନ କରାଯାଇଥିଲା । ୧୦ ଜଣ ଛାତ୍ର ବିଭିନ୍ନ ଖେଳରେ ଚାମ୍ପିଅନ ଘୋଷିତ ହୋଇଥିଲେ ଏବଂ ବ୍ଲୁ ହାଉସ୍, ଚାମ୍ପିଅନ ହୋଇଥିଲେ ।

ପୂର୍ବତଟ ରେଳ ମିଶ୍ରିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମିସ୍ ସବିତା କୁମାରୀ, କ୍ରୀଡ଼ା ସଚିବ ଏସ୍.ସି. ବେହେରା ଏବଂ ଶାରୀରିକ ଶିକ୍ଷା ଶିକ୍ଷକ (ପିଇଟି) ଅମ୍ଲାନ ଜ୍ୟୋତି ମହାନ୍ତିଙ୍କ ନେତୃତ୍ୱରେ ବାର୍ଷିକ କ୍ରୀଡ଼ା ସମ୍ମିଳନୀ ଆୟୋଜିତ କରାଯାଇଥିଲା ।

# ପୁଅ ରବିନ୍ଦ୍ର ଜାଡ଼େଜା ଓ ବୋହୂ ରିଭାବାଙ୍କ ଉପରେ ଅଭିଯୋଗ ଆଣିଲେ ବାପା

**ନୂଆଦିଲ୍ଲୀ**

ପୁଣିଥରେ ପାରିବାରିକ କଳହକୁ ନେଇ ଚର୍ଚ୍ଚାରେ କ୍ରିକେଟର ରବିନ୍ଦ୍ରସିଂହ ଜାଡ଼େଜା । ତାଙ୍କ ବାପା ଅନିରୁଦ୍ଧସିଂହ ଜାଡ଼େଜା ପୁଅ ରବିନ୍ଦ୍ର ଉପରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି । ଏକ ଖବର କାଗଜକୁ ସାକ୍ଷାତ୍‌କାର ଦେଇ ଅନିରୁଦ୍ଧସିଂହ ତାଙ୍କ ବୋହୂ ରିଭାବା ଜାଡ଼େଜାଙ୍କ ଉପରେ ବି ଦୋଷ ଲଦିଛନ୍ତି । ରିଭାବା ତାଙ୍କ ପୁଅ ରବିନ୍ଦ୍ରଙ୍କୁ ଗୁଣି କରିଛନ୍ତି । ୨୦୧୬ରେ ରବିନ୍ଦ୍ରଙ୍କୁ ରିଭାବାଙ୍କ ସହ ବିବାହ କରାଇବା ପରେ ଆମ ବାପା-ପୁଅଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା ବୋଲି ରବିନ୍ଦ୍ର ଜାଡ଼େଜାଙ୍କ ବାପା ଅନିରୁଦ୍ଧ ସିଂହ ଜାଡ଼େଜା କହିଛନ୍ତି । ବର୍ତ୍ତମାନ ପୁଅ ରବିନ୍ଦ୍ରଙ୍କ ସହ ତାଙ୍କର କୌଣସି ସମ୍ପର୍କ ନାହିଁ ବୋଲି ଅନିରୁଦ୍ଧ କହିଛନ୍ତି ।

ଅନ୍ୟପଟେ ବାପାଙ୍କର ଏଭଳି ବୟାନ ଉପରେ ପ୍ରତିକ୍ରିୟା ଦେଇଛନ୍ତି କ୍ରିକେଟର ରବିନ୍ଦ୍ର ଜାଡ଼େଜା । ଏସବୁ ତାଙ୍କର ତାଙ୍କ ପତ୍ନୀଙ୍କ ଛବି ଖରାପ କରିବାକୁ କରାଯାଇଛି । ଏହି ଇଣ୍ଟରଭ୍ୟୁ ପୂର୍ବରୁ ଯୋଜନାବଦ୍ଧ ଭାବେ କରାଯାଇଛି । ତେଣୁ ଏଥିରେ ବିଶ୍ୱାସନ କରିବାକୁ ଏକ୍ସରେ ପୋଷ୍ଟ କରି ଫ୍ୟାନ୍‌ଙ୍କୁ ଅନୁରୋଧ କରିଛନ୍ତି ରବିନ୍ଦ୍ର ଜାଡ଼େଜା । ସୂଚନା ଥାଉକି ଜାମନଗର ନିର୍ବାଚନ



ମଣ୍ଡଳୀରୁ ରବିନ୍ଦ୍ର ଜାଡ଼େଜାଙ୍କ ପତ୍ନୀ ରିଭାବା ଜାଡ଼େଜା ବିଜେପି ବିଧାୟକ ଅଛନ୍ତି ।

ଦିବ୍ୟା ଭାସ୍କରକୁ ବାପା ଅନିରୁଦ୍ଧ ଦେଇଥିବା ଇଣ୍ଟରଭ୍ୟୁକୁ ନେଇ ରବିନ୍ଦ୍ର ଜାଡ଼େଜା କହିଛନ୍ତ । ଦିବ୍ୟ ଭାସ୍କରକୁ ଦିଆଯାଇଥିବା ସନ୍ଦେହଜନକ ସାକ୍ଷାତ୍‌କାରରେ କୁହାଯାଇଥିବା ବିଷୟଗୁଡ଼ିକ ଅର୍ଥହୀନ ଏବଂ ମିଥ୍ୟା ଏସବୁ ଏକପାଆ ମନ୍ତବ୍ୟ ମୁଁ ଏହାକୁ ଅସ୍ୱୀକାର କରେ ମୋ ପତ୍ନୀଙ୍କର ଛବି ଖରାପ କରିବାକୁ ହୋଇଥିବା ଉଦ୍ୟମ ଅନୁଚିତ ଓ ନିନ୍ଦନୀୟ ମୋର ବି ଅନେକ କଥା କହିବାର ଅଛି । ହେଲେ ଏମିତି ସମସ୍ତଙ୍କ ସାମ୍ନାରେ ସବୁ ନ ଖୋଲିବା ଭଲ ।

# ବାଲେଶ୍ୱର ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ଦାବି

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାର ସମସ୍ତ ସ୍କୁଲ କଲେଜରେ ଆବଶ୍ୟକୀୟ ଶିକ୍ଷକ, ଅଧ୍ୟାପକ, ପ୍ରଫେସର ନିଯୁକ୍ତି ଦିଅ ଓ କର୍ମଚାରୀ ପଦବୀରେ ସ୍ଥାୟୀ ନିଯୁକ୍ତି ଆଶ୍ୟକୀୟ ଶ୍ରେଣୀ ଗୃହ, ପାଠାଗାର, ବିଜ୍ଞାନାଗାର, ସଭା ଗୃହ, ଷ୍ଟୁଡେଣ୍ଟ୍ କମନ ରୁମ୍, ଇନଡୋର ଗେମ୍‌ସର ପାଇଁ ଇନ୍‌ଡୋର ଷ୍ଟାଡିୟମ, ଖେଳ ପଡ଼ିଆ ଇତ୍ୟାଦି ଭିତ୍ତିଭୂମି ପ୍ରତିଷ୍ଠା ସହ ଏହି ସବୁ ପାଇଁ ଆବଶ୍ୟକୀୟ ଲାବୋରେଟୋରୀ ଆସିଷ୍ଟାଣ୍ଟ, ଡେମୋନଷ୍ଟ୍ରେଟର ଓ ପିଅନ ନାହାନ୍ତି । ଉଚ୍ଚ ବିଦ୍ୟାଳୟ ମାନଙ୍କରେ ଏନସିସି ଥିବାବେଳେ ଫକୀରମୋହନ ଜୁନିୟର କଲେଜରେ ନାହିଁ । ମାତ୍ର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏନ୍‌ସିସି ଥିଲେବି ଏନ୍‌ଏସ୍‌ଏସ୍ କ୍ୟାମ୍ପ ସଂଗଠିତ କରାଯାଉ ନାହିଁ । ଏହା ଅବିଳମ୍ବେ ପୂରଣ କରି ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନରେ ଉତ୍ତମ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାକୁ ଦାବି କରି ଏଆଇଏସ୍‌ଏଫ୍ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ବିକ୍ଷୋଭ ସମାବେଶରେ ଏଆଇଏସ୍‌ଏଫ୍‌ର




ରାଜ୍ୟ ସଭାପତି ସଂଘମିତ୍ରା ଜେନା ଉଦ୍‌ବୋଧନ ଦେଇ କହିଲେ ଯେ ନିକଟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କରାଯାଇଛି, ମାତ୍ର କଲେଜରେ ଓଡ଼ିଆ ଅଧ୍ୟାପକ ପଦବୀ ଖାଲି ପଡିଛି । ହକି ୱାର୍ଲଡ୍ କପ୍‌କୁ ଆତିଥ୍ୟ ଦିଆଯାଉଛି, ସ୍କୁଲ କଲେଜରେ ପିଟି-କ୍ରୀଡା ଶିକ୍ଷକ ପଦବୀ ଖାଲି ପଡିଛି । ବିଜ୍ଞାନ କଂଗ୍ରେସକୁ ଆତିଥ୍ୟ ଦିଆଯାଉଛି ମାତ୍ର ବିଜ୍ଞାନ ଅନ୍ତର୍ଗତ ପଦାର୍ଥ ବିଜ୍ଞାନ,ଗଣିତ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ, ପ୍ରାଣୀ ବିଜ୍ଞାନରେ ନା ଅଧ୍ୟାପକ ନା ଲବୋରେଟୋରୀ ଆସିଷ୍ଟାଣ୍ଟ ନା ଡେମୋନଷ୍ଟ୍ରେଟର ଅଛନ୍ତି । ମୋବାଇଲ ଭିଡ଼ିଓର ରିଲ କରି ପଠାଇଲେ ଉପହାର ମିଳିବ କହି ଶିକ୍ଷା ପ୍ରତି ସରକାରୀ ଅବହେଳାକୁ ଘଣ୍ଟ ଘୋଡ଼ା ଯାଉଛି । ଏଆଇଏସ୍‌ଏଫ୍ ରାଜ୍ୟ ସମ୍ପାଦକ କାହ୍ନୁଚରଣ ପରିଡା ସମଗ୍ର ବାଲେଶ୍ୱର ଜିଲ୍ଲାର ଛାତ୍ର ଛାତ୍ରୀ ନିଜ ହକ୍ ପାଇଁ ସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସଭାପତି ସର୍ବେଶ୍ୱର ବିନ୍ଧାଣୀ କହିଥିଲେ କି ଆମେ ଅଧ୍ୟୟନ ପାଇଁ ଆସିଛୁ, ଶିକ୍ଷକ ପଦବୀ ଖାଲି ପଡିଛି- ଆମକୁ ଶିକ୍ଷାରୁ ବଞ୍ଚିତ କରିବାର ହୀନମନ୍ୟତ ବନ୍ଦ କର । ଜିଲ୍ଲା ସମ୍ପାଦକ ସଞ୍ଜୟ ବେହେରା କହିଥିଲେ ଯେ କ୍ରୀଡ଼ାରେ ଜିଲ୍ଲାରେ ୧ ନମ୍ବର ହୋଇଥିବା ଖେଳାଳି ଛାତ୍ର ଛାତ୍ରୀଙ୍କୁ ରାଜ୍ୟସ୍ତରୀୟ କ୍ରୀଡ଼ାରେ ଅଂଶଗ୍ରହଣରୁ ବଞ୍ଚିତ କରାଯାଉଛି । ଆମକୁ ପାଠ ପଢିବା ପାଇଁ ଉତ୍ତମ ଶୈକ୍ଷିକ ବାତାବରଣ ଦିଅ ବୋଲି ଆସ୍ମିନ ଖାତୁନ ଦାବି କରିଥିଲେ । ଏହି ବିକ୍ଷୋଭରେ ଏଆଇଏସ୍‌ଏଫ୍ ନେତା ବିକ୍ରମ ମହାନ୍ତି, ଦେବବ୍ରତ ବେହେରା ଓ ଏଆଇୱାଇଏଫ୍ ର ତପନ କୁମାର ସିଟ୍ ଉଦ୍‌ବୋଧନ ଦେଇ ଜିଲ୍ଲା ପ୍ରଶାସନ ଆମ ଦାବି ପୂରଣ ନକଲେ ସମୂହ ଛାତ୍ରଛାତ୍ରୀ ଏହି ସମସ୍ୟା ନେଇ ରାଜ୍ୟ ଶିକ୍ଷା ବିଭାଗ ଓ ୫-ଟି ବିଭାଗରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି । ଏହି ବିକ୍ଷୋଭକାରୀଙ୍କୁ ଏଆଇଏସ୍‌ଏଫ୍‌ର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ଉଦ୍‌ବୋଧନ ଦେଇ ସମସ୍ତଙ୍କୁ ବିଜ୍ଞାନ ସମ୍ମତ ଶିକ୍ଷା ପାଇଁ ଲଢିବା, ପୁଣି ଲଢିବା ପାଇଁ ପଢ଼ିବା – ନୂଆ ଦୁନିଆଁ ଗଢ଼ିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ । ସୂଚନାଯୋଗ୍ୟ ଯେ ବାଲେଶ୍ୱର ସମସ୍ତ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ପାଇଁ ଆବଶ୍ୟକୀୟ ଶିକ୍ଷକ, ଅଧ୍ୟାପକ, ପ୍ରଫେସର ଓ ଆବଶ୍ୟକୀୟ କର୍ମଚାରୀ ନାହାନ୍ତି, ୬୦%ରୁ ଅଧିକ ପଦବୀ ଖାଲି ପଡ଼ିଛି । ଏପରିକି କେତେକ ବିଭାଗରେ ଆଦୌ ଶିକ୍ଷକ ଓ ଅଧ୍ୟାପକ ନାହାନ୍ତି । ଆଜି ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, କନିଷ୍ଠ ମହାବିଦ୍ୟାଳୟ, ବଳାଙ୍ଗି ମହା-ବିଦ୍ୟାଳୟ, କନିଷ୍ଠ ମହାବିଦ୍ୟାଳୟ, ଡ଼ାଃ ଯଦୁନାଥ ମହାବିଦ୍ୟାଳୟ, କନିଷ୍ଠ ମହାବିଦ୍ୟାଳୟ, ବାଲେଶ୍ୱର ମହିଳା ମହାବିଦ୍ୟାଳୟ, କନିଷ୍ଠ ମହାବିଦ୍ୟାଳୟ ଇତ୍ୟାଦିର ଖାଲି ପଡିଥିବା ପଦବୀ ପୂରଣ ପାଇଁ ଦାବିପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କ ଠାରେ ଉପସ୍ଥାପନ କରାଯାଇଛି । ଏହି ଆନ୍ଦୋଳନରେ ଆନ୍ଦୋଳନରେ ଜ୍ୟୋସ୍ନା ରାଣୀ ମହାରଣା, ପ୍ରିତମ କୁମାର ଦାସ, ଆଦିତ୍ୟ ମାଝୀ, ମିତା ବେହେରା, ଆସ୍ମିନ ଖାତୁନ, ରାମ ଚନ୍ଦ୍ର ସିଂ, ଦୀପଶିଖା ଘଡ଼େଇ, ପୂର୍ଣ୍ଣିମା ହାଁସଦା, ଆଫ୍ରିନ୍ ନିଶା, ୟାସ୍ମିନ କ୍ୱାଦ୍ରୀ, ଜୀତ ପ୍ରକାଶ ବେହେରା, ଅଭିଜିତ ପ୍ରଧାନ, ରୂପାଲି ସୋରେନ, ରାମେଶ୍ୱର କମିଳା, ସତ୍ୟଜିତ ମାଝୀ, ଯୋଗେଶ୍ୱର ମାଝୀ, ସ୍ୱାତୀ ସ୍ୱର୍ଣ୍ଣ ପ୍ରଭା ମଲ୍ଲିକ, ଦିବ୍ୟ ରଞ୍ଜନ ସାହୁ ଓ ଦୀପ୍ତି ରାଣୀ ମୟିଶାଳ ପ୍ରମୁଖଙ୍କ ନେତୃତ୍ୱରେ ଛାତ୍ର ଛାତ୍ରୀମାନେ ଗାନ୍ଧୀ ସ୍ମୃତି ଭବନ ଠାରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଆସି କଲେକ୍ଟୋରେଟରେ ପହଞ୍ଚିଥିଲେ ।

# ଇତିହାସ ରଚିଲେ ଶ୍ରୀଲଙ୍କା କ୍ରିକେଟର ପାଥୁମ ନିଶଙ୍କା

**ପାଲେକେଲେ**

ଇତିହାସ ରଚିଲେ ଶ୍ରୀଲଙ୍କା ଷ୍ଟାର କ୍ରିକେଟର ପାଥୁମ ନିଶଙ୍କା । ଦିନିକିଆ କ୍ରିକେଟ୍‌ରେ ପ୍ରଥମ ଶ୍ରୀଲଙ୍କା କ୍ରିକେଟର ଭାବେ ହାସଲ କଲେ ଦ୍ୱିଶତକ ଶୁକ୍ରବାର ପାଲେକେଲେରେ ଆଫଗାନିସ୍ତାନ ବିପକ୍ଷରେ ଦିନିକିଆ ମ୍ୟାଚ୍ ଖେଳି ନିଶଙ୍କା ଜବରଦସ୍ତ ବ୍ୟାଟିଂ କରି ମାତ୍ର ୧୩୯ ବଲ୍‌ରେ ୨୧୦ କରିଛନ୍ତି । ବିଶାଳ ସ୍କୋର କରିବା ପରେ ସେ ନଟ୍ ଆଉଟ ରହିଛନ୍ତି ।



ଡବଲ ସେଞ୍ଚୁରି କରି ୨୫ ବର୍ଷୀୟ ଶ୍ରୀଲଙ୍କା ଷ୍ଟାର ଓପନର ନିଶଙ୍କା ଶ୍ରୀଲଙ୍କାର ସମସ୍ତ ବଡ଼ ବଡ଼ କ୍ରିକେଟରଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି । ଦିନିକିଆ ଫର୍ମାଟ୍‌ରେ ଶ୍ରୀଲଙ୍କା ପାଇଁ ପୂର୍ବତନ କ୍ରିକେଟ ସନଥ ଜୟସୁରିଆଙ୍କ ସର୍ବକାଳୀନ ରେକର୍ଡ ୧୮୯ ରେକର୍ଡ ଭାଙ୍ଗିଯାଇଛି । ଜୟସୁରିଆ ଏହି ରେକର୍ଡ ୨୦୦୦ ମସିହା ଶରଜାହ କ୍ରିକେଟ ଷ୍ଟାଡିୟମ୍‌ରେ ଭାରତ ବିରୋଧରେ କରିଥିଲେ ।

୩ ୱିକେଟ ହରାଇ ୩୮୧ ରନ୍ କରିଥିଲା, ଯାହା ଦିନିକିଆ ଫର୍ମାଟ୍‌ରେ ଆଫଗାନିସ୍ତାନ ବିପକ୍ଷରେ ଶ୍ରୀଲଙ୍କା ବଡ଼ ସ୍କୋର ପାଲେକେସ କ୍ରିକେଟ ଷ୍ଟାଡିୟମ୍‌ରେ ମଧ୍ୟ ପ୍ରଥମ ଇନିଂସରେ କରାଯାଇଥିବା ଏକ ବଡ଼ ସ୍କୋର ।

ଭାରତ, ଅଷ୍ଟ୍ରେଲିଆ ସମେତ ଅନ୍ୟ ଦେଶର ଖେଳାଳିମାନେ ଦ୍ୱିଶତକ ହାସଲ କରିଥିଲେ ବି ଶ୍ରୀଲଙ୍କା ଭଳି ଏକ ଟିମ୍‌ରେ କୌଣସି ବ୍ୟାଟର ଦିନିକିଆରେ ଦ୍ୱିଶତକ ହାସଲ କରିପାରି ନଥିଲେ । ହେଲେ ଫେବୃୟାରୀ ୯ ତାରିଖରେ ନିଶଙ୍କା ଶ୍ରୀଲଙ୍କାର ଏହି ଅପେକ୍ଷାର ଅନ୍ତ ଘଟାଇଛନ୍ତି । ଫରୀଦ ଅହମଦଙ୍କ ବଲ୍‌ରେ ଚୌକା ମାରି ସେ ଦ୍ୱିଶତକ ପୂରା କରିଥିଲେ । ତାଙ୍କର ଡବଲ ସେଞ୍ଚୁରିର ପାଳିରେ ସେ ୨୦ଟି ଚୌକା ୮ ଚକ୍କା ମାରିଥିଲେ । ନିଶଙ୍କା ୨୧୦ ରନ କରି ସଚିନ ତେନ୍ଦୁଲକର, ଶୁଭମନ ଗିଲ୍ ଓ ଗ୍ଲେନ ମାକ୍ସୱେଲ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି ।



# ରାଜ୍ୟ ବାହାରକୁ ଚାଲାଣ ହେଉଥିବା ବିପୁଳ ଚାଉଳ ଓ ଧାନ ଜବତ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ଯୋଗାଣ ବିଭାଗ ତରଫରୁ ଅଚାନକ ନିଶ୍ଚିନ୍ତକୋଇଲି ବ୍ଲକ ବଡ଼କ୍ଷୀର ଗ୍ରାମପଞ୍ଚାୟତ ଗୋପପୁର (ପଣସପଡିଆ)ଠାରେ କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଖୋଲାମେଲାରେ ଓ ପ୍ରଶାସନର ଜ୍ଞାତସାରରେ ଦୀର୍ଘ ଦିନ ହେଲା ରାଜ୍ୟ ବାହାରକୁ ପଠାଯାଉଥିବା ଗୋଦାମ ଉପରେ ଚଢ଼ଉ କରାଯାଇ ବିପୁଳ ପରିମାଣର ଧାନ ଓ ଚାଉଳ ଜବତ କରାଯାଇଛି । ଏପରିକି ସମ୍ପୃକ୍ତ ଗୋଦାମରୁ ବହୁ ବେଆଇନ ଜାଲିଆତି କାଗଜପତ୍ର ଜବତ କରାଯିବା ଘଟଣାଟି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଦୀର୍ଘ ଦିନ ହେଲା କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଖୋଲାମେଲାରେ ଏକ ଧାନ ଗୋଦାମ ଖୋଲାଯାଇଥିଲା । ସମ୍ପୃକ୍ତ ବ୍ୟବସାୟୀ ସ୍ଥାନୀୟ ଅଞ୍ଚଳରୁ ବିପୁଳ ପରିମାଣର ଚାଉଳ ଓ ଧାନ ସଂଗ୍ରହ କରି ଜାଲ୍ କାଗଜପତ୍ର ମାଧ୍ୟମରେ ରାଜ୍ୟ ବାହାରକୁ ପଠାଉଥିଲେ । ଏପରିକି ଏହି ବ୍ୟବସାୟୀଙ୍କ ସହ ଏକ ନିୟନ୍ତ୍ରିତ ବଜାର କମିଟିର କେତେକ



କର୍ମଚାରୀଙ୍କର ଭିତିରି ସମ୍ପର୍କ ରହିଥିଲା । ନିୟନ୍ତ୍ରିତ ବଜାର କମିଟି ତନଖି ଫାଟକ ଦେଇ ପ୍ରତ୍ୟହ ଏକାଧିକ ଧାନ ଓ ଚାଉଳ ଟ୍ରକ୍ ରାଜ୍ୟ ବାହାରକୁ ଯାଉଥିଲା । ନିୟନ୍ତ୍ରିତ ବଜାର କମିଟିର କେତେକ ଅସାଧୁ କର୍ମଚାରୀ ତାଙ୍କ ଠାରୁ ମାସିକିଆ ମୋଟା ଅଙ୍କର ବଟିଦେଇ କୁଆଡ଼େ ସୁରକ୍ଷା ଦେଇ ଆସୁଥିଲେ । ଏହି ଗୋଦାମ ମାଲିକଙ୍କର କୌଣସି ସରକାରୀ ସ୍ୱୀକୃତି ନଥିଲା ବେଳେ ସେ ନକଲି ଜିଏସ୍‌ଟି ଦେଖାଇ ଧାନ ଓ ଚାଉଳ ପଠାଇ ଆସୁଥିଲେ । ଏପରିକି ସ୍ପଷ୍ଟ ଦିବାଲୋକରେ ଚାଉଳ ଓ ଧାନ ଟ୍ରକ୍‌ରେ ଲୋଡ୍ କରାଯାଇ ପଠାଯାଉଥିଲେ ମଧ୍ୟ ଏଥିପ୍ରତି କେହିହେଲେ ପ୍ରତିବାଦ କରୁନଥିଲେ । ଏସମ୍ପର୍କରେ ଲୋକେ ପ୍ରଶାସନକୁ ଅବଗତ କରାଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଜାଣି ମଧ୍ୟ ନଜାଣିଲା ଭଳି ଅଭିନୟ କରି ଆସୁଥିଲେ । ଗୁରୁବାର ଅପରାହ୍ଣରେ ଏହି ଗୋଦାମରୁ ବିପୁଳ ପରିମାଣର ଧାନ ଓ ଚାଉଳ ଲୋଡ୍ ହୋଇ ରାଜ୍ୟ ବାହାରକୁ ଚାଲାଣ ହେଉଥିବାର ଖବର ପାଇ କଟକ ଜିଲ୍ଲା ଯୋଗାଣ ବିଭାଗର ଅତିରିକ୍ତ ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି, ଉପେନ୍ଦ୍ର କୁମାର ଭୋଇ, ସାଗରିକା ରାଉତରାୟ, ରାଜଲକ୍ଷ୍ମୀ ପାତ୍ର, ନିଶ୍ଚିନ୍ତକୋଇଲି ବ୍ଲକ ଯୋଗାଣ ବିଭାଗ ଅଧିକାରୀ କେଦାର ପ୍ରଧାନଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା । ଯୋଗାଣ ବିଭାଗ ତରଫରୁ ଏକାଧିକ ଧାନ ଓ ଚାଉଳ ବୋଝେଇ ଟ୍ରକ୍ ଜବତ କରାଯାଇଥିଲା ବେଳେ ବହୁ ଆପତ୍ତିଜନକ ଜାଲ୍ କାଗଜପତ୍ର ଜବତ କରାଯାଇଥିଲା । ଏଠାରେ ସୂଚନା ଯୋଗ୍ୟ ଯେ ଏହି ବ୍ୟବସାୟୀ ଜଣକ ଏତେ ପରିମାଣର ଧାନ ଓ ଚାଉଳ କେଉଁଠୁ ଓ କିପରି ଭାବେ ଆଣୁଥିଲେ ଏବଂ ତାଙ୍କର ଏହି ବେଆଇନ ବ୍ୟବସାୟ ପଛରେ କାହାର ହାତ ରହିଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଦାବି ହୋଇଛି । ଅପରପକ୍ଷରେ ନିୟନ୍ତ୍ରିତ ବଜାର କମିଟିର କେଉଁ କେଉଁ ବିଭାଗୀୟ ଅଧିକାର ଓ କର୍ମଚାରୀ ତାଙ୍କଠାରୁ ମାସିକିଆ ବଟିନେଇ ସୁରକ୍ଷା ଦେଇ ଆସୁଥିଲେ ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକ୍କାୟିତ ଦୁର୍ନୀତିର ପର୍ଦ୍ଦାଫାସ୍ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଭିନ୍ନକ୍ଷମ ସ୍କୁଲ୍‌କୁ ଭ୍ୟାନ୍ ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଷ୍ଟେଟ ବ୍ୟାଙ୍କ ସାମାଜିକ ଦାୟିତ୍ୱପାଳନ ଅନ୍ତର୍ଗତ ସହିଦ ନଗର, ଭୁବନେଶ୍ୱର ସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଫର ହେଲ୍ପିଙ୍ଗ ଡିଜାବଲ୍ଡ ନାମକ ଏକ ଭିନ୍ନକ୍ଷମ ବିଦ୍ୟାଳୟକୁ ସ୍କୁଲ ଭ୍ୟାନର ସହାୟତା ପ୍ରଦାନ କରାଯାଇଛି । ଏହି ସ୍କୁଲରେ ୭୫ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ ସ୍ୱତନ୍ତ୍ର ଶିକ୍ଷା ଓ ଚିକିତ୍ସା ଲାଭ କରୁଛନ୍ତି । ଭୁବନେଶ୍ୱର ସ୍ଥିତ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ପ୍ରାଙ୍ଗଣରେ ମୁଖ୍ୟ




ମହାପ୍ରବନ୍ଧକ ଦିନେଶ ପୃଥୀ ସ୍କୁଲର ସଭାପତି ଡଃ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କୁ ଉକ୍ତ ଗାଡ଼ିଟିର ଚାବି ହସ୍ତାନ୍ତର କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ମହାପ୍ରବନ୍ଧକ (ନେଟୱର୍କ -୧) ପୋଉମବଲମ ମୁରୁଗନ, ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଅନୁଷ୍ଠାନର ସମ୍ପାଦକ ଭାଗୀରଥୀ ପଣ୍ଡା ଷ୍ଟେଟ ବ୍ୟାଙ୍କର ଏହି ବଦାନ୍ୟତା ପାଇଁ ଧନ୍ୟବାଦ ଜଣାଇବା ସହ ସ୍କୁଲ ବସ୍ ସେମାନଙ୍କ ସେବାରେ ଗୁଣବତ୍ତା ଯୋଗାଇବ ବୋଲି ଆଶ୍ୱାସନା ଦେଇଛନ୍ତି ।

# ସହରର ପାର୍କ ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ ଉପରେ ସିଏମ୍‌ସିର ଗୁରୁତ୍ୱ



**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ସହରରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟ ସହ ସମପରିମାଣରେ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ବିଶେଷକରି ସହରରେ ଥିବା ମୋଟ ୪୭ଟି ପାର୍କର ସୌନ୍ଦର୍ଯ୍ୟକୁ ଯେଭଳି ଦ୍ୱିଗୁଣିତ କରାଯାଇ ପାରିବ ସେଥିପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୂର୍ବାହ୍ଣରେ ସ୍ଥାନୀୟ ବିଜୁ ଭବନରେ ସିଏମ୍‌ସି କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ସହରର ସମସ୍ତ ପାର୍କଗୁଡିକର ସ୍ଥିତି, ରକ୍ଷଣାବେକ୍ଷଣ ଓ ଆଲୋକୀକରଣ ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ଆଗାମୀ ୭ ଦିନ ମଧ୍ୟରେ ପ୍ରତ୍ୟେକ ପାର୍କର ସ୍ଥିତି ସଂପର୍କରେ ଏକ ଅନୁଧ୍ୟାନ ରିପୋର୍ଟ ପ୍ରସ୍ତୁତକରି ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ପାର୍କଗୁଡିକର ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ପଦକ୍ଷେପ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯିବା ସହ ସାଧାରଣ ଜନତା ସେମାନଙ୍କର ମତାମତ ସିଏମ୍‌ସି ଦ୍ୱାରା ପ୍ରସ୍ତୁତ ହେବାକୁ ଥିବା ଆପ୍ ଜରିଆରେ ଦାଖଲ କରିପାରିବେ ଏବଂ ତଦନୁସାରେ ଅଭିଯୋଗଗୁଡିକର ସମାଧାନ କରାଯିବ । ଯୁଗ୍ମକମିଶନର ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହିସବୁ କାର୍ଯ୍ୟ ସମାଧାନ କରାଯିବ ।

ଅନୁଷ୍ଠିତ ବୈଠକରେ କମିଶନର ଶ୍ରୀ ସ୍ୱାଇଁଙ୍କ ସମେତ ଅତିରିକ୍ତ କମିଶନର ଅନାମ ପାତ୍ର, ସୋନା ଟୁଡ୍ଡୁ, ଡେପୁଟି କମିଶନର ସୁକାନ୍ତ ବେଉରା, ପାର୍କ ଓ ପ୍ଲାଣ୍ଟେସନ ଷ୍ଟାଣ୍ଡିଂ କମିଟି ସଦସ୍ୟମାନଙ୍କ ସହ ଅଧକ୍ଷା ମୋନାଲିସା ଦାସ, ସିଟି ଇଂଜିନିୟର ଅତନୁ ସାମନ୍ତ, ନିର୍ବାହୀ ଯନ୍ତ୍ରୀ ନନ୍ଦ କିଶୋର ପାଲ, ଇଲେକ୍ଟ୍ରିକାଲ କନିଷ୍ଠ ଯନ୍ତ୍ରୀ ପ୍ରଭାତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା : ୪ ଗୁରୁତର

**ମହାକାଳପଡ଼ା, ନ୍ୟୁଜ୍‌ବ୍ୟୁରୋ**

ମହାକାଳପଡ଼ା ଥାନା ଅଧୀନ ଜମ୍ବୁ-ମାର୍ଶାଘାଇ ରାସ୍ତା ଗମ୍ଭାଗଡ଼ା ଠାରେ ଗୁରୁବାର ପୂର୍ବାହ୍ଣରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୪ ଜଣ ଗୁରୁତର ହୋଇଛନ୍ତି । ଏମାନଙ୍କ ମଧ୍ୟରେ ୨ ଜଣ ଶିଶୁ ମଧ୍ୟ ଅଛନ୍ତି । ଘଟଣାରୁ ପ୍ରକାଶ ଦିନ ପ୍ରାୟ ୧୨ଟା ସମୟରେ ଦଧିପୁର ଗ୍ରାମର ଲାଲୁ ସ୍ୱାଇଁ (୩୦), ତାଙ୍କର ଝିଅ ରାଣୀ ସ୍ୱାଇଁ (୮) ଓ ପୁଅ ରାଜା ସ୍ୱାଇଁ (୨)କୁ ସାଥିରେ ନେଇ ବାଇକ୍ ଯୋଗେ ଯାଉଥିବା ବେଳେ କରଞ୍ଜ ଗ୍ରାମର ପଞ୍ଚାନନ ବେହେରା (୪୮) ବିପରୀତ ଦିଗରୁ ବାଇକ୍ ଯୋଗେ ଜମ୍ବୁ ଆଡ଼କୁ ଆସୁଥିବା ବେଳେ ଗମ୍ଭା ଗ୍ରାମର ଗଡ଼ା ଠାରେ ଉଭୟଙ୍କ ମଧ୍ୟରେ ଧକ୍କା ହୋଇଥିଲା । ଲାଲୁ, ପଞ୍ଚାନନ, ଦୁଇ ଶିଶୁ ରାଜା ଓ ରାଣୀଙ୍କୁ ଦୁର୍ଘଟଣା ସ୍ଥଳରୁ ଆଣି ପ୍ରଥମେ ମହାକାଳପଡ଼ା ଓ ପରେ କଟକ ଏବଂ ଭୁବନେଶ୍ୱରର ଡାକ୍ତରଖାନାରେ ଚିକିତ୍ସିତ ହେବା ପାଇଁ ପଠାଯାଇଛି । ସେମାନଙ୍କୁ ମୁମୂର୍ଷୁ ଅବସ୍ଥାରେ ଚିକିତ୍ସା କରାଯାଉଛି । ଶିଶୁଙ୍କର ମଧ୍ୟ ମୁହଁରେ ଗୁରୁତର ଆଘାତ ଲାଗିଛି । ଖବର ପାଇ ମହାକାଳପଡ଼ା ଆଇଆଇସି ବିମଳ କୁମାର ମଲିକ ସଦଳବଳେ ଦୁର୍ଘଟଣା ସ୍ଥଳରେ ପହଞ୍ଚିଥିଲେ । ଦୁଇ ବାଇକକୁ ପୋଲିସ୍ ଥାନାକୁ ଆଣିଛି ।

# ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ମିଳିତ ମଞ୍ଚ ପକ୍ଷରୁ ବିଶାଳ ରାଲି

## ଦାବିକୁ ସମର୍ଥନ ଜଣାଇଲେ ବିଧାୟକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ଶିକ୍ଷା ଓ ସ୍ୱାଭିମାନର ବିକାଶ ନିମନ୍ତେ ସର୍ବଦା ଚେଷ୍ଟିତ ଓଏସଇଏଫଡ଼ି ଓ ଓଏସଏସଇଟିଏ ସଂଘର ମିଳିତ ଆନୁକୂଲ୍ୟରେ ଗଠିତ ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ମିଳିତ ମଞ୍ଚ ପକ୍ଷରୁ ଓଡ଼ିଶାର ସମସ୍ତ ସାଧାରଣ ବିଦ୍ୟାଳୟରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦାବିରେ ଭୁବନେଶ୍ୱରର ଲୋୟର ପିଏମ୍‌ଜି ଠାରେ ବିଶାଳ ମହାସମାବେଶ ଅନୁଷ୍ଠିତ ହୋଇଛି । ଆମେ ଦୀର୍ଘ ବର୍ଷ ଧରି ବିଭିନ୍ନ ମାଧ୍ୟମରେ ରାଜ୍ୟ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିଆସୁଥିଲେ ମଧ୍ୟ ସରକାର ଆଦୌ କର୍ଣ୍ଣପାତ କରୁନାହାନ୍ତି । ପ୍ରତି ପ୍ରାଥମିକ ବିଦ୍ୟାଳୟରେ ୧୦ ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ଶିକ୍ଷା ପାଇଁ ୧ ଜଣ ସ୍ୱତନ୍ତ୍ର ଶିକ୍ଷକ, ପ୍ରତି ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୫ ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ଶିକ୍ଷା ପାଇଁ ୧ ଜଣ ସ୍ୱତନ୍ତ୍ର ଶିକ୍ଷକ ଏବଂ ଯେଉଁ ବିଦ୍ୟାଳୟରେ ଜଣେ ବି ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଶିକ୍ଷା ଗ୍ରହଣ କରୁଥିବ, ସେହି ବିଦ୍ୟାଳୟରେ ଜଣେ ସ୍ୱତନ୍ତ୍ର ଶିକ୍ଷକ




ନିଯୁକ୍ତି କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ତତ୍‌ସହିତ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ୨୦୧୬, ୨୦୦୯ ଅନୁସାରେ ନିୟମ ଓ ପ୍ରବନ୍ଧ ରହିଛି ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଦୁଇବର୍ଷରୁ ଅଧିକ ସମୟ ବିତିଯାଇ ଥିଲେ ମଧ୍ୟ ରାଜ୍ୟ ସରକାର ଅଣଦେଖା କରୁଛନ୍ତି, ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ଓ ଆଶ୍ଚର୍ଯ୍ୟଜନକ ଅନୁସାରେ ୨୧ ପ୍ରକାର ଭିନ୍ନକ୍ଷମ ଥିବା ବେଳେ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ୯ ପ୍ରକାର ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷକଙ୍କ ଆବଶ୍ୟକତା ଅଛି ବୋଲି ସତ୍ୟପାଠ ଦାଖଲ କରିଛନ୍ତି ଏବଂ ଓଡ଼ିଶାରେ ୧ ଲକ୍ଷ ୪୬ ହଜାର ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନେ ସାଧାରଣ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଥିବା ସ୍ଥଳେ ରାଜ୍ୟ ସରକାର ସୁପ୍ରିମ-କୋର୍ଟରେ ୯୬ ହଜାର ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଶିକ୍ଷା ଗ୍ରହଣ କରୁଛନ୍ତି ବୋଲି ଉଲ୍ଲେଖ କରିଛନ୍ତି । ଓଡ଼ିଶାରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ଓଡ଼ିଶା ସ୍ପେଶିଆଲ ଏଜୁକେଟର ଫର ଦିବ୍ୟାଙ୍ଗ ସଂଘ ସୁପ୍ରିମକୋର୍ଟରେ କେସ ଫାଇଲ କରିଛି, ଏହି କେସ କୁ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ସ୍ତୁଷ୍ଟି ଅଗ୍ନିହୋତ୍ରୀ ପରିଚାଳନା କରୁଛନ୍ତି ।

ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦାବିରେ ଅଭିନବ ପ୍ରତିବାଦ ସ୍ୱରୂପ ଶୁକ୍ରବାର ପ୍ରତ୍ୟେକ ଜିଲ୍ଲାରୁ ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଭୁବନେଶ୍ୱରର ଲୋୟର ପିଏମଜି ଠାରେ ବେକାରୀ ହଟାଅ ଅଭିଯାନ କରାଯାଇଥିଲା । ତା' ସହ କଳାହାଣ୍ଡି ଜିଲ୍ଲାର ବଜାସାଲ ଓ ଅନ୍ୟ ଜିଲ୍ଲା ମାନଙ୍କର ପାରମ୍ପରିକ ପ୍ରଣାଳୀରେ ରାଜ୍ୟ ସରକାରଙ୍କୁ ଦାବି ଉପସ୍ଥାପନ କରିଥିଲେ । ଆମେ ଯାହାଙ୍କୁ ପଢ଼ାଇବା ପାଇଁ ପ୍ରଶିକ୍ଷଣ ନେଇଛୁ, ସେହିମାନଙ୍କୁ ପଢ଼ାଇବାରୁ ଆମକୁ ବଞ୍ଚିତ ରାଜ୍ୟ ସରକାର କାହିଁକି କରୁଛନ୍ତି ଓ ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ଶିକ୍ଷାକୁ ସରକାର କାହିଁକି ଗୁରୁତ୍ୱ ଦେଉନାହାନ୍ତି ବୋଲି ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ମିଳିତ ମଞ୍ଚ ପ୍ରଶ୍ନ କରିଛି । ଓଡ଼ିଶାର ସମସ୍ତ ସାଧାରଣ ବିଦ୍ୟାଳୟରେ ୧ ଲକ୍ଷ ୪୬ ହଜାର ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଶିକ୍ଷା ଗ୍ରହଣ କରୁଥିବା ବେଳେ ୭ ହଜାରରୁ ଊର୍ଦ୍ଧ୍ୱ ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ଓ ଶିକ୍ଷୟିତ୍ରୀ ଗଣ ଭାରତୀୟ ପୁନର୍ବାସ ପରିଷଦରେ ନାମ ପଞ୍ଜିକରଣ କରି ବେକାରୀ ହୋଇ ବସିଛନ୍ତି । ରାଜ୍ୟ ସରକାର ଯେ ପର୍ଯ୍ୟନ୍ତ ସାଧାରଣ ବିଦ୍ୟାଳୟରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତିର ବିଜ୍ଞାପନ ବାହାର କରିନାହାନ୍ତି, ସେହି ପର୍ଯ୍ୟନ୍ତ ଭୁବନେଶ୍ୱରର ଲୋୟର ପିଏମଜି ଠାରେ ଧାରଣା ଜାରି ରହିବ ବୋଲି ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ମିଳିତ ମଞ୍ଚ ପକ୍ଷରୁ ଆବାହକ ଆୟୁଷ୍ମାନ ଚୋଧୁରୀ ଓ ବୀରବର ସାମନ୍ତସିଂହାର କହିଛନ୍ତି ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ବ୍ଲକ୍ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ନୂତନ ଜିଲ୍ଲାପାଳ ଜେ. ସୋନାଲଙ୍କ ଏହା ପ୍ରଥମ ଜନଶୁଣାଣୀ କାର୍ଯ୍ୟକ୍ରମ ହୋଇଥିବାବେଳେ ଜିଲ୍ଲାପାଳଙ୍କ ସହ ସହକାରୀ ଆରକ୍ଷୀ ଅଧୀକ୍ଷକ ମାନୁସୁଆଲ୍ ମିଂଜ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରବି ନାରାୟଣ ତ୍ରିପାଠୀ, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ବୌଦ୍ଧ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୁଗ୍ମ ଜନଶୁଣାଣୀ ଶିବିରରେ ଉପସ୍ଥିତ ଥିଲେ । ବୌଦ୍ଧ ବିଡିଓ ଅକ୍ଷୟ ପାଣି ଉଦ୍ଗୁ ଓ ତହସିଲଦାର ଅନୀତା ସାହୁ ଶିବିରକୁ



ସଂଯୋଜନା କରିଥିବା ବେଳେ ସମସ୍ତ ବ୍ଲକ୍ କର୍ମଚାରୀ ମାନେ ସହଯୋଗ କରିଥିଲେ । ମୋଟ ୯୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ୮୦ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୧୩ ଟି ଅଭିଯୋଗ ସାମୁହିକ ଥିଲା । ୨ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା ।

# ପୁନର୍ବାସ ତରଫରୁ ଭିନ୍ନକ୍ଷମ କ୍ଷୁଦ୍ର ମହିଳା ଉଦ୍ୟୋଗୀଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ସମାଜରେ ଉଭୟ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଅବହେଳିତ ହୋଇ ରହିଥିବା ଭିନ୍ନକ୍ଷମ ମହିଳା ମାନଙ୍କୁ ଆତ୍ମସମ୍ମାନର ସହ ଜୀବିକା ନିର୍ବାହର ସୁଯୋଗ ଦେବାପାଇଁ ପୁନର୍ବାସ ପକ୍ଷରୁ ଜିଲ୍ଲାରେ ଭିନ୍ନକ୍ଷମ କ୍ଷୁଦ୍ର ମହିଳା ଉଦ୍ୟୋଗୀମାନଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଭିନ୍ନକ୍ଷମ କମିଶନର ବ୍ରତତୀ ହରିଚନ୍ଦନ କେନ୍ଦ୍ରାପଡ଼ା ଗସ୍ତରେ ଆସି ପୁନର୍ବାସ ଦ୍ୱାରା ପରିଚାଳିତ ଥେରାପି କେନ୍ଦ୍ର ପରିଦର୍ଶନ କରିଥିଲେ । ସେଠାରେ ସେ ଭିନ୍ନକ୍ଷମ ଶିଶୁଙ୍କ ଥେରାପି ସେବାର ଅଗ୍ରଗତିର ସମୀକ୍ଷା କରିବା ସହିତ ଉପସ୍ଥିତ ଥିବା ଅଭିଭାବକ ମାନଙ୍କୁ ସେମାନଙ୍କ ଧୈର୍ଯ୍ୟ ଓ ଉଦ୍ୟମକୁ ପ୍ରଶଂସା କରିଥିଲେ । ଏହାପରେ ଜିଲ୍ଲାର ୫ଜଣ ଭିନ୍ନକ୍ଷମ ମହିଳା କ୍ଷୁଦ୍ର



ଉଦ୍ୟୋଗୀ ଯଥା ମାର୍ଶାଘାଇର ତୃଷ୍ଣାମୟୀ ଦାସ, ଖମାଙ୍ଗର ସୁନିତା ଚାନ୍ଦ, ସଂଗ୍ରାମପୁର ଶାସନର ସଂଯୁକ୍ତା ଦାସ, ଡାଙ୍ଗମାଳର ସୁମତୀ ବିଶ୍ୱାଳ ଓ କରିଲୋପାଟଣା ର ଅନ୍ନପୂର୍ଣ୍ଣ ସାମଲ ଆଦିଙ୍କୁ ୧୨ ହଜାର ଟଙ୍କା ଲେଖାଏଁ ସହାୟତା ରାଶିର ଚେକ୍ ପ୍ରଦାନ କରିଥିଲେ । ପୁନର୍ବାସର ମୁଖ୍ୟ ଉପଦେଷ୍ଟା ଡ଼ଃ ବିରଜା ରାଉତରାୟ ଯୋଗ ଦେଇ ଭିନ୍ନକ୍ଷମ କ୍ଷୁଦ୍ର ମହିଳା ଉଦ୍ୟୋଗୀଙ୍କୁ ଏହି ସହାୟତାର ଉଦ୍ୟମ ଅନ୍ୟ ବେସରକାରୀ ତଥା କର୍ପୋରେଟ୍ ସ୍ତରରେ ଏହି ଦୁର୍ବଳ ଓ ପଛୁଆ ବର୍ଗଙ୍କୁ ସହଯୋଗର ଏକ ମାର୍ଗ ଉନ୍ମୁକ୍ତ କରିବ ବୋଲି ମତ ପ୍ରକାଶ କରିଥିଲେ । ଆୟୋଜିତ ଏହିକାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ (ସାଧାରଣ), ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଅନୁଷ୍ଠାନର ସଭ୍ୟ ବଂଶୀଧର ମହାନ୍ତି, ମହମ୍ମଦ ଜାହିଦ ଖାନ, ଶେଷଦେବ ଦାସ, ନିରଞ୍ଜନ ମଙ୍ଗରାଜ, କ୍ଷିରୋଦ କୁମାର କର, ସ୍ୱପ୍ନାଂଶୁ କୁମାର ଦାସ, ଇଂ ଅକ୍ଷୟ କୁମାର ପାଣି, ମନୋଜ ମହାନ୍ତି, ଥେରାପିଷ୍ଟ ରଂଜିତା ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ଆୟୁକ୍ତ କ୍ୟାମ୍ପସ କୋର୍ଟ ମାଧ୍ୟମରେ ୧୨ ଗୋଟି ଅଭିଯୋଗର ଶୁଣାଣି କରି ୨ ଗୋଟି ଭତ୍ତା ପ୍ରଦାନ ନିମନ୍ତେ ତ୍ୱରିତ ଆଦେଶ ଦେଇଥିଲେ ।

# ପୁଣି ରାଜ୍ୟକୁ ଫେରିବ ବର୍ଷା, ୧୧ ଓ ୧୨ରେ ବିକ୍ଷିପ୍ତ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୁଣି ରାଜ୍ୟକୁ ଫେରିବ ବର୍ଷା ଆସନ୍ତା ୧୧ ଓ ୧୨ ତାରିଖରେ ରାଜ୍ୟରେ ବିକ୍ଷିପ୍ତ ବର୍ଷା ହେବାର ସମ୍ଭାବନା ରହିଛି । ଏଥିସହ କିଛି ଜିଲ୍ଲାରେ ଘନକୁହୁଡ଼ି ହେବା ନେଇ ମଧ୍ୟ ପାଣିପାଗ କେନ୍ଦ୍ର ଆକଳନ କରିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ ଅନୁସାରେ, ୧୧ ତାରିଖରେ ନୂଆପଡ଼ା, ବଲାଙ୍ଗିର, ସୋନପୁର, ବୌଦ୍ଧ, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହୋଇପାରେ । ସେହିପରି ୧୨ ତାରିଖରେ ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼ ଓ ବୌଦ୍ଧ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଏଥିସହିତ ଆଗାମୀ ଦୁଇ ରାତିର ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ କମିବାର ସମ୍ଭାବନା ରହିଛି । ଏହାର ୩ ଦିନ ପରେ ପୁଣି ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବାର ଆଶଙ୍କା ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ କେବଳ ଗଜପତି ଜିଲ୍ଲାର କିଛି ଅଞ୍ଚଳରେ ସାମାନ୍ୟ ବର୍ଷା ହୋଇଥିଲା ବେଳେ ବାକି ଜିଲ୍ଲାରେ ପାଗ ସାଧାରଣତଃ ଶୁଖିଲା ରହିଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୦୨୪ ନିର୍ବାଚନରେ...

ଭାରତୀୟ ନିର୍ବାଚନ ଆୟୋଗ ଦେଶର ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ୨୦୨୪ ଜାନୁଆରୀ ପହିଲାକୁ ଯୋଗ୍ୟତା ତାରିଖ ଭାବେ ଭୋଟର ତାଲିକା ପ୍ରକାଶ କରିଛନ୍ତି । ଏଥିରେ ଜମ୍ମୁ-କଶ୍ମୀର ଏବଂ ଆସାମରେ ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ ପରେ ଭୋଟର ତାଲିକା ସଂଶୋଧନ ସଫଳ ଭାବେ ଶେଷ ହୋଇଛି । ରାଜନୈତିକ ଦଳଗୁଡ଼ିକର ସୁଚିନ୍ତିତ ଯୋଜନା, ସମନ୍ୱୟ ଏବଂ ଭାଗିଦାରୀରେ କରାଯାଇଥିବା ଏହି ପ୍ରୟାସ ଭୋଟର ତାଲିକାର ଅନ୍ତର୍ଭୁକ୍ତିକରଣ, ସ୍ୱାସ୍ଥ୍ୟ ଏବଂ ଶୁଦ୍ଧତା ଦୃଷ୍ଟିରୁ ଉଲ୍ଲେଖନୀୟ ସଫଳତା ହାସଲ କରିଛି ବୋଲି ନିର୍ବାଚନ କମିଶନ କହିଛନ୍ତି । ଅନ୍ୟପକ୍ଷରେ ଲିଙ୍ଗ ଅନୁପାତ ୨୦୨୩ରେ ୯୪୦ ଥିବା ବେଳେ ୨୦୨୪ରେ ଏହା ୯୪୮କୁ ବୃଦ୍ଧି ପାଇଛି । ଭୋଟର ତାଲିକା ସଂଶୋଧନ ସହିତ ଭୋଟର ତାଲିକାର ଶୁଦ୍ଧତା ଉପରେ ଆୟୋଗ ଗୁରୁତ୍ୱାରୋପ କରିଛନ୍ତି ।

ନୂଆ ତାଲିକା ଅନୁଯାୟୀ, ମହିଳା ଭୋଟର ପଞ୍ଜୀକରଣରେ ବୃଦ୍ଧି ଘଟିଛି, ଯାହା ନିର୍ବାଚନ ଢାଞ୍ଚା ମଧ୍ୟରେ ଲିଙ୍ଗଗତ ସମାନତା ଏବଂ ଅନ୍ତର୍ଭୁକ୍ତୀକରଣ ଦିଗରେ ମିଳିତ ପ୍ରୟାସକୁ ଦର୍ଶାଉଛି । ଭୋଟର ତାଲିକା ଲିଙ୍ଗ ଅନୁପାତ ସକାରାତ୍ମକ ଭାବେ ବୃଦ୍ଧି ପାଇଛି, ଯାହା ଦେଶର ଗଣତାନ୍ତ୍ରିକ ଢାଞ୍ଚା ଗଠନରେ ମହିଳାଙ୍କ ବଢୁଥିବା ଭୂମିକାକୁ ସୂଚାଉଛି । ମତଦାତା ତାଲିକାରେ ୨.୬୩ କୋଟିରୁ ଅଧିକ ନୂଆ ଭୋଟରଙ୍କୁ ସାମିଲ କରାଯାଇଛି, ସେମାନଙ୍କ ମଧ୍ୟରୁ ପ୍ରାୟ ୧.୪୧ କୋଟି ମହିଳା ଭୋଟର ଅଛନ୍ତି, ଯେଉଁମାନେ ନୂତନ ଭାବେ ପଞ୍ଜୀକୃତ ହୋଇଥିବା ପୁରୁଷ ଭୋଟରଙ୍କ ଠାରୁ ୧୫%ରୁ ଅଧିକ । ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ଘର ଘର ଯାଞ୍ଚ ପରେ ୧ କୋଟି ୬୫ ଲକ୍ଷ ୭୬ ହଜାର ୬୫୪ ମୃତକଙ୍କ ନାମ ତାଲିକାରୁ ହଟାଇ ଦିଆଯାଇଥିବା ବେଳେ ନକଲି ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯାଇଛି । ଏଥିରେ ୬୭ ଲକ୍ଷ ୮୨ ହଜାର ୬୪୨ ମୃତ ଭୋଟର, ୭୫ ଲକ୍ଷ ୧୧ ହଜାର ୧୨୮ ସ୍ଥାୟୀ ସ୍ଥାନାନ୍ତରିତ/ଅନୁପସ୍ଥିତ ଭୋଟର ଏବଂ ୨୨ ଲକ୍ଷ ୫ ହଜାର ୬୮୫ ନକଲି ଭୋଟର ରହିଛନ୍ତି ।

## ସ୍କଟଲ୍ୟାଣ୍ଡରୁ ମିଳିଲା ...

ସେମାନେ ଏକ କିଓଅପଟେରୋର କଙ୍କାଳ ଆବିଷ୍କାର କରିଛନ୍ତି, ଯାହା କିଓଅପଟେରୋ ଇଭାସେ ନାମରେ ଜଣା । ଏହି ଡାଇନୋସର ୧୬୬ରୁ ୧୬୮ ନିୟୁତ ବର୍ଷ ପୂର୍ବେ ମଧ୍ୟ ଜୁରାସିକ ଯୁଗ ସମୟରେ ଦେଖାଯାଉଥିଲେ ।

ଏହି ଗବେଷଣାରେ ୟୁନିଭର୍ସିଟି ଅଫ ବ୍ରିଷ୍ଟୋଲ, ୟୁନିଭର୍ସିଟି ଅଫ ଲେସେଷ୍ଟର, ନ୍ୟାଚୁରାଲ ହିଷ୍ଟ୍ରି ମ୍ୟୁଜିୟମ ଏବଂ ୟୁନିଭର୍ସିଟି ଅଫ ଲିଭରପୁଲର ବୈଜ୍ଞାନିକମାନେ ସାମିଲ ଥିଲେ । ଗବେଷଣା ଅନୁଯାୟୀ, ୨୦୦୬ରେ ସ୍କଟଲ୍ୟାଣ୍ଡର ଆଇସଜ ସ୍କାଇର ଲୋକ ସ୍କାଭିଗର ଉପକୂଳରେ ଥିବା ଏକ ଛୋଟ ବିଚ୍‌ରୁ ପ୍ରଥମ ଥର ଏହି କିଓଅପଟେରୋ ଇଭାନ୍ସିର ଅବଶେଷ ଆବିଷ୍କାର ହୋଇଥିଲା । ସେବେଠାରୁ ହିଁ ଗବେଷକମାନେ ମିଳିଥିବା ଅବଶେଷ ଉପରେ ରିସର୍ଚ୍ଚ କରିଆସୁଥିଲେ । ରିପୋର୍ଟ ଅନୁଯାୟୀ, କିଓପଟେରୋ ଇଭାନସିଜର କଙ୍କାଳ ହେଉଛି ପ୍ରଥମ ପିଟେରୋସର ପ୍ରଜାତି ଯାହାକୁ ସଂପୂର୍ଣ୍ଣ ଭାବରେ ଡିଜିଟାଲ ଭାବରେ ପ୍ରସ୍ତୁତ କରାଯାଇଛି ।

ତେବେ ଗବେଷକ କହିଛନ୍ତି କିଓଅପଟେରୋ ଇଭାନସି, ଡାରୱିନୋପଟେରୋ ଟେରୋସଜ ବଂଶର କୁହାଯାଏ । ଡାରୱିନୋପଟେରୋ ମୁଳତଃ ଚୀନରେ ଦେଖାଯାଉଥିଲେ । ଆଉ ସେଠାରେ ହିଁ ଅଧିକ ପରିମାଣରେ କିଓଅପଟେରୋଙ୍କ ଅବଶେଷ ମିଳିଥିଲା । ନାଚୁରାଲ ହିଷ୍ଟ୍ରି ମ୍ୟୁଜିୟମ ପ୍ରଫେସର ପଲ ବାରେଟ କହିଛନ୍ତି । ୟୁକେରେ ଏହି ଡାଇନୋସୌର ପ୍ରଜାତିର ଅବଶେଷ ମିଳିବା ଆଶ୍ଚର୍ଯ୍ୟକର ।

## ଶେଷ ହେଲା...

ଚେୟାରମ୍ୟାନଙ୍କୁ ଧନ୍ୟବାଦ ଜଣାଇଥିଲେ । ସେହିପରି ବିରୋଧୀ ଦଳ ନେତା, ଅନ୍ୟ ଦଳର ନେତା ଓ ସଚେତକ ମାନଙ୍କୁ ଗୃହର କାର୍ଯ୍ୟ ପାଇଁ ସହଯୋଗ କରିଥିବାରୁ ଧନ୍ୟବାଦ ଜଣାଇଥିଲେ । ବିଧାୟକମାନଙ୍କ ଯୋଗଦାନ ଆଲୋଚନାର ଗୁଣାତ୍ମକ ମାନ ବୃଦ୍ଧି କରିଥିବା କହିଥିଲେ । ସେହିପରି ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ ମିଡ଼ିଆର ପ୍ରତିନିଧିମାନଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇବା ସହ ଓଏସଡି ତଥା ସଚିବ ଓ ବିଧାନସଭା ଅଫିସିଆଲ ଏବଂ ସୁରକ୍ଷା କର୍ମଚାରୀଙ୍କୁ ମଧ୍ୟ ଧନ୍ୟବାଦ ଦେଇଥିଲେ ।

# ପ୍ରସ୍ତାବନାରୁ ଧର୍ମନିରପେକ୍ଷ ଓ ସମାଜବାଦୀ ଶବ୍ଦକୁ ହଟାଇବା ପାଇଁ ଶୁଣାଣି କରିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ**

ଭାରତୀୟ ସମ୍ବିଧାନର ପ୍ରସ୍ତାବନାରୁ ଧର୍ମନିରପେକ୍ଷ ଓ ସମାଜବାଦୀ ଶବ୍ଦକୁ ହଟାଇବା ପାଇଁ ବିଜେପି ନେତା ସୁବ୍ରମଣ୍ୟମ ସ୍ୱାମୀ ଦାଖଲ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ସ୍ଥଗିତ ରଖିଛନ୍ତି । ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପ୍ରିଲ ୨୯ରୁ ଆରମ୍ଭ ହେବାକୁ ଥିବା ସପ୍ତାହରେ ଏହି ମାମଲାର ଶୁଣାଣି ପାଇଁ ସମୟ ସ୍ଥିର କରିଛନ୍ତି ।

ଶ୍ରୀ ସ୍ୱାମୀ ତାଙ୍କ ପିଟିସନରେ କହିଥିଲେ ଯେ ଜରୁରୀକାଳୀନ ପରିସ୍ଥିତି ସମୟରେ ୧୯୭୬ର ୪୨ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ପ୍ରସ୍ତାବନାରେ ଅନ୍ତର୍ଭୁକ୍ତ ହୋଇଥିବା ଏହି ଦୁଇଟି ଶବ୍ଦ ୧୯୭୩ ମସିହାରେ ୧୩ ଜଣିଆ ଖଣ୍ଡପୀଠଙ୍କ



ଦ୍ୱାରା ପ୍ରସିଦ୍ଧ କେଶବାନନ୍ଦ ଭାରତୀ ରାୟରେ ଦର୍ଶାଯାଇଥିବା ମୌଳିକ ଢାଞ୍ଚା ନୀତିର ଉଲ୍ଲଂଘନ କରିଛି, ଯାହା ଦ୍ୱାରା ସମ୍ବିଧାନ ସଂଶୋଧନ ପାଇଁ ସଂସଦର କ୍ଷମତାକୁ ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ ସହିତ ପରିବର୍ତ୍ତନ କରିବାକୁ ବାରଣ କରାଯାଇଥିଲା । ସମ୍ବିଧାନ ନିର୍ମାତାମାନେ ସମ୍ବିଧାନରେ ଏହି ଦୁଇଟି ଶବ୍ଦକୁ ଅନ୍ତର୍ଭୁକ୍ତ କରିବାକୁ ବିଶେଷ ଭାବେ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ଅଭିଯୋଗ କରିଥିଲେ ଯେ ଗଣତାନ୍ତ୍ରିକ ଶାସନରେ ସମାଜବାଦୀ ଏବଂ ଧର୍ମନିରପେକ୍ଷ ଧାରଣା ପ୍ରଚଳନ କରିବାକୁ ନିର୍ମାତାମାନେ କେବେ ବି ଉଦ୍ଦେଶ୍ୟ ରନଥିବା ବେଳେ ଏହି ଦୁଇଟି ଶବ୍ଦ ନାଗରିକଙ୍କ ଉପରେ ଚାପି ଦିଆଯାଇଥିଲା ବୋଲି ସ୍ୱାମୀ ଯୁକ୍ତି ବାଢ଼ିଥିଲେ ।

ଧାରା ୩୬୮ ଅନୁଯାୟୀ ସଂସଦର ସଂଶୋଧନ କ୍ଷମତା ବାହାରେ ଏଭଳି କରାଯାଇଛି ବୋଲି ଯୁକ୍ତି କରାଯାଉଛି ।

ଏହା ମଧ୍ୟ କୁହାଯାଇଛି ଯେ ଡକ୍ଟର ବିଆର ଆମ୍ବେଦକର ଏହି ଶବ୍ଦଗୁଡ଼ିକର ଅନ୍ତର୍ଭୁକ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲେ କାରଣ ସମ୍ବିଧାନ ନାଗରିକମାନଙ୍କୁ ଚୟନ କରିବାର ଅଧିକାର ଛଡ଼ାଇ ନେଇ କେତେକ ରାଜନୈତିକ ବିଚାରଧାରା ଉପରେ ଚାପ ପକାଇପାରିବ ନାହିଁ । ଧର୍ମନିରପେକ୍ଷତା ଓ ସମାଜବାଦ ସମ୍ବିଧାନର ଅନ୍ତର୍ନିହିତ ଏବଂ ମୌଳିକ ବୈଶିଷ୍ଟ୍ୟ ବୋଲି ଦର୍ଶାଇ ସ୍ୱାମୀଙ୍କ ଆବେଦନକୁ ବିରୋଧ କରି ରାଜ୍ୟସଭା ସାଂସଦ ତଥା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନେତା ବିନୟ ବିଶ୍ୱମ ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଧର୍ମ ନିରପେକ୍ଷତା ଓ ସମାଜବାଦକୁ ପଛରେ ପକାଇ ଭାରତୀୟ ରାଜନୀତି ଉପରେ ମୁକ୍ତ ନିୟନ୍ତ୍ରଣ ଆଣିବା ପାଇଁ ସ୍ୱାମୀ ଦାଖଲ କରିଥିବା ଆବେଦନର ଉଦ୍ଦେଶ୍ୟ ବୋଲି ବିଶ୍ୱମ କହିଛନ୍ତି । ବିଶ୍ୱମଙ୍କ ଆବେଦନରେ ଦର୍ଶାଯାଇଛି ଯେ, ସ୍ୱାମୀଙ୍କ ଆବେଦନ ଆଇନ ପ୍ରକ୍ରିୟାର ସମ୍ପୂର୍ଣ୍ଣ ଅପବ୍ୟବହାର ଏବଂ ଯୋଗ୍ୟତା ବିହୀନ ଓ ଏହାକୁ ଖାରଜ କରାଯିବା ଉଚିତ । କାରଣ ଏହା ଭାରତୀୟ ସମ୍ବିଧାନର ୪୨ତମ ସଂଶୋଧନକୁ ଚ୍ୟାଲେଞ୍ଜ କରୁଛି ।

ଉତ୍କଳ ଦୀପିକା
ଶେଷ ପୃଷ୍ଠା
ଭୁବନେଶ୍ୱର
୧୦ ଫେବୃୟାରୀ
ଶନିବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

## ।। ଛୁଞ୍ଚି ଗିଳିଦେଇଥିଲା ୯ ବର୍ଷର ବାଳକ ।।

# ବିନା ଅସ୍ତ୍ରୋପଚାରରେ ଜୀବନ ବଞ୍ଚାଇଲେ ଏମ୍ସ ଭୁବନେଶ୍ୱର ଶିଶୁ ବିଭାଗ ଚିକିତ୍ସକ

**ଭୁବନେଶ୍ୱର,୯।୨ :ନ୍ୟୁଜ୍‌ବ୍ୟୁରୋ**

ଏକ ଉଲ୍ଲେଖନୀୟ ତଥା ଅଭିନବ ପ୍ରୟାସ ସ୍ୱରୂପ ଏମ୍ସ ଭୁବନେଶ୍ୱରର ଶିଶୁ ବିଭାଗ ସଫଳତାର ସହିତ ୯ ବର୍ଷୀୟ ବାଳକର ଜୀବନ ରକ୍ଷା କରିବାରେ ସଫଳ ହୋଇଛି। ଅସାବଧାନତାବଶତଃ ଗିଳିଦେଇଥିବା ଏକ ସିଲେଇ ଛୁଞ୍ଚିଟି ନାବାଳକଙ୍କର ବାମପାର୍ଶ୍ୱ ଫୁସ୍‌ଫୁସ୍‌ର ନିମ୍ନଭାଗରେ ଲାଗିଯାଇଥିଲା। ଏପରି ପରିସ୍ଥିତିରେ ଉକ୍ତ ତୀକ୍ଷ୍ଣ ସାମଗ୍ରୀକୁ ବାହାରି କରିବାକୁ ଜଟିଳ ଅସ୍ତ୍ରୋପଚାରର ଆବଶ୍ୟକତା ଜରୁରୀ ଥିଲା। ମାତ୍ର ଏମ୍ସ ଶିଶୁ ବିଭାଗର ଏକ ଚିକିତ୍ସକ ଦଳ ରାଜ୍ୟରେ ପ୍ରଥମ କରି ବିନା




ଅସ୍ତ୍ରୋପଚାରରେ ବ୍ରୋଙ୍କୋସ୍କୋପିକ ପଦ୍ଧତିରେ ଫୁସଫୁସରୁ ଉକ୍ତ ଛୁଞ୍ଚି ବାହାର କରି ରେକର୍ଡ କରିଛନ୍ତି।

ପଶ୍ଚିମବଙ୍ଗରୁ ଆସିଥିବା ଏହି ନାବାଳକଜଣଙ୍କ ଅନ୍ୟମନସ୍କ ଭାବେ ପ୍ରାୟ ୪ସେମି ଲମ୍ବର ଉକ୍ତ ସିଲେଇ ଛୁଞ୍ଚିକୁ ଗିଳିଦେଇଥିଲେ, ଯାହାକି ଫୁସ୍‌ଫସ୍‌ରେ ଲାଗିଥିଲା। ତେବେ ଗିଳିବାର ଦୁଇ ଦିନ ପରେ ଉକ୍ତ ନାବାଳକଙ୍କୁ ଏମ୍ସ ଭୁବନେଶ୍ୱରକୁ ଅଣାଯାଇଥିଲା। ଶିଶୁ ବିଭାଗକୁ ଆସିବା ପରେ ନାବାଳକଙ୍କ ଏପରି ଗୁରୁତର ସ୍ଥିତି ଦେଖି ଏହାକୁ ବିନା ଅସ୍ତ୍ରୋପଚାରରେ ବାହାର କରିବାକୁ ଡାକ୍ତରୀ ଦଳ ନିଷ୍ପତ୍ତି ନେଇଥିଲେ। କାରଣ ଫୁସ୍‌ଫୁସ୍‌ରେ ଛୁଞ୍ଚିର ଅବସ୍ଥିତି ଯେପରି ଥିଲା, ଏପରି ସ୍ଥଳେ ଜଟିଳ ଅସ୍ତ୍ରୋପଚାର ସାହାଯ୍ୟ ଜରୁରୀ ଥିଲା। ସ୍ଥଳବିଶେଷରେ ଫୁସ୍‌ଫୁସ୍‌ର କିଛି ଅଂଶକୁ ମଧ୍ୟ କାଢ଼ାଯିବା ଆବଶ୍ୟକ ପଡ଼ିବାର ଯଥେଷ୍ଟ ଆଶଙ୍କା ଥିଲା। ତେଣୁ ଶିଶୁ ବିଶେଷଜ୍ଞ ଡ. ରଶ୍ମି ରଂଜନ ଦାସ, ଡ. କ୍ରିଷ୍ଣ ଏମ୍ ଗୁଲ୍ଲା, ଡ. କେତନ ଏବଂ ଡ. ରାମକୃଷ୍ଣଙ୍କୁ ନେଇ ଗଠିତ ଏକ ବିଶେଷଜ୍ଞ ଦଳ ବିନା ନିରାପଦରେ ବ୍ରୋଙ୍କୋସ୍କୋପିକ ପଦ୍ଧତିରେ ଛୁଞ୍ଚିକୁ ବାହାର କରିବାରେ ସଫଳତା ହାସଲ କରିଥିଲେ। ଏହି ପ୍ରକ୍ରିୟା ପ୍ରାୟ ଏକ ଘଣ୍ଟା ସମୟ ନେଇଥିଲା।

କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏମ୍ସର ଚିକିତ୍ସକଙ୍କ ଏପରି ଉତ୍ସର୍ଗୀକୃତ ମନୋଭାବକୁ ଅଭିନନ୍ଦନ ଜଣାଇବା ସହିତ ଏପରି ବିପଦପୂର୍ଣ୍ଣ କାମକୁ ସଫଳତାର ସହିତ ସମ୍ପନ୍ନ କରିଥିବା ଜୀବନ ରକ୍ଷା ପ୍ରକ୍ରିୟାକୁ ପ୍ରଶଂସା କରିଛନ୍ତି। ଏମ୍ସ ସର୍ବଦା ଜନସାଧାରଣଙ୍କ ଜୀବନ ରକ୍ଷା ନିମିତ୍ତ ପ୍ରତିବଦ୍ଧ ବୋଲି ଡ. ବିଶ୍ୱାସ ପ୍ରକାଶ କରିଛନ୍ତି।

# ପୁରୀରେ ପହଞ୍ଚିଲା ପ୍ରଥମ ପର୍ଯ୍ୟାୟ ରଥକାଠ

**ପୁରୀ,୯।୨ :ନ୍ୟୁଜ୍‌ବ୍ୟୁରୋ**



ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପୁରୀରେ ପହଞ୍ଚିଛି ପ୍ରଥମ ପର୍ଯ୍ୟାୟ ରଥକାଠ। ନୟାଗଡ଼ ରେଞ୍ଜରୁ ତିନୋଟି ଟ୍ରକ୍‌ରେ ଆସିଛି ସମୁଦାୟ ୧୦୨ ଖଣ୍ଡ ରଥକାଠ। ଆସନ୍ତା ୧୪ ତାରିଖ ଶ୍ରୀପଞ୍ଚମୀ ଦିନ ବିଧି ଅନୁଯାୟୀ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ରଥ ନିର୍ମାଣ ପାଇଁ ତିନୋଟି ରଥକାଠ ପୂଜା କରାଯିବ।

ସୂଚନାଥାଉକି, ଚଳିତବର୍ଷ ପୁରୀ ଘୋଷଯାତ୍ରାର ରଥ ନିର୍ମାଣ ପାଇଁ ନୟାଗଡ଼ ବନଖଣ୍ଡରୁ କାଠ ଯୋଗାଇ ଦିଆଯାଇଛି। ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ତିନୋଟି ଟ୍ରକ୍‌ରେ ୧୦୨ ଖଣ୍ଡ କାଠ ପଠାଯାଇଛି। ଏଥିରେ ୫୨ ଖଣ୍ଡ ଧଉରା ଏବଂ ୫୦ ଖଣ୍ଡ ଅସନ କାଠ ରହିଛି। ସକାଳେ ଦଶପଲ୍ଲା ମହାବୀର ମନ୍ଦିର ସମ୍ମୁଖରେ ପୂଜାର୍ଚ୍ଚନା କରାଯିବାପରେ ଟ୍ରକ୍ ଦୁଇଟି ଯାତ୍ରା ଆରମ୍ଭ କରିଥିଲା। ତେବେ ନୟାଗଡ଼ ବ୍ୟତୀତ ବୌଦ୍ଧ, ଘୁମୁସର ଏବଂ ରେଢ଼ାଖୋଲ ବନଖଣ୍ଡରୁ କାଠ ସଂଗ୍ରହ କରାଯାଉଛି। ପରମ୍ପରା ଅନୁଯାୟୀ ସରସ୍ୱତୀ ପୂଜା ପୂର୍ବରୁ ପ୍ରଥମ ରଥକାଠ ପୁରୀ ରଥଖଳାରେ ପହଞ୍ଚିବା ପାଇଁ ନିୟମ ରହିଛି।

# ସୋନପୁର-ପୁରୀ ଏକ୍ସପ୍ରେସ୍ ନିୟମିତ ପ୍ରାରମ୍ଭିକ ଚଳାଚଳକୁ ଭବ୍ୟ ସ୍ୱାଗତ

**ଭୁବନେଶ୍ୱର,୯।୨ :ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ସୋନପୁର ରେଳ ଷ୍ଟେସନ ଠାରେ ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସର ପ୍ରାରମ୍ଭିକ ଚଳାଚଳ ଦିବସରେ ସୁବର୍ଣ୍ଣପୁର ଜିଲ୍ଲାର ଲୋକମାନେ ଉଭୟ ଟ୍ରେନ ଓ ଯାତ୍ରୀମାନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଏହି ଟ୍ରେନ ଚାରିଟି ପଶ୍ଚିମ ଓଡ଼ିଶା ଜିଲ୍ଲା ଯଥା ସୋନପୁର, ବଲାଙ୍ଗୀର, ବରଗଡ଼ ଏବଂ ସମ୍ବଲପୁର ସହିତ ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାକୁ ସଂଯୋଗ କରୁଛି। ଏହି ଟ୍ରେନ ଏହି ଅଞ୍ଚଳର ଛାତ୍ର, କୃଷକ, ତୀର୍ଥଯାତ୍ରୀ ଏବଂ ବ୍ୟବସାୟୀ ମାନଙ୍କୁ ଲାଭ ପ୍ରଦାନ




କରିବ। ପୁରୀ-ସୋନପୁର ଏକ୍ସପ୍ରେସ୍ ପୁରୀ ଷ୍ଟେସନ ଠାରୁ ପ୍ରତି ଗୁରୁବାର ଦିନ ଏବଂ ସୋନପୁର ଠାରୁ ପ୍ରତି ଶୁକ୍ରବାର ଦିନ ଯାତ୍ରା କରିବ। ଏହି ଟ୍ରେନ ଗୁରୁବାର ଦିନ ସନ୍ଧ୍ୟା ୭.୩୫ ରେ ପୁରୀ ଛାଡି ସୋନପୁରରେ ଶୁକ୍ରବାର ଦିନ ସକାଳ ୫.୩୦ ରେ ପହଞ୍ଚିବ। ଫେରିବା ମାର୍ଗରେ ଏହି ଟ୍ରେନ ସୋନପୁର ଠାରୁ ଶୁକ୍ରବାର ସନ୍ଧ୍ୟା ୭.୩୦ରେ ଛାଡ଼ି ଶନିବାର ଦିନ ସକାଳ ୬.୫୫ରେ ପୁରୀରେ ପହଞ୍ଚିବ। ଏହି ଟ୍ରେନ ପୁରୀ ଓ ସୋନପୁର ମଧ୍ୟରେ ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ନରାଜ ମାର୍ଥାପୁର, ଢେଙ୍କାନାଳ, ତାଳଚେର, ଅନୁଗୁଳ, ବୋଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର, ବରଗଡ ରୋଡ, ବଲାଙ୍ଗୀର, ବିଚ୍ଛୁପାଲି, ଝାରତରଭା, ନରସିଂହଗଡ ଷ୍ଟେସନ ମାନଙ୍କରେ ରହଣି କରିବ। ୩ ଫେବୃୟାରୀ ୨୦୨୪ ରେ ସମ୍ବଲପୁରରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଟ୍ରେନକୁ ଶୁଭାରମ୍ଭ କରିଥିଲେ। ସମ୍ବଲପୁରର ନାଗରିକ ସମାଜ ସମେତ ସାଧାରଣ ଲୋକମାନେ ସୋନପୁର ରେଳ ଷ୍ଟେସନରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଉଭୟ ଟ୍ରେନ ଓ ଯାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।

## ଭୁବନେଶ୍ୱର ବିମାନବନ୍ଦର କଳେବର ବୃଦ୍ଧି

# ଦୁଇ ଟର୍ମିନାଲକୁ ଯୋଡ଼ିଲା ସଂଯୋଗ କୋଠା

**ଭୁବନେଶ୍ୱର,୯।୨ :ନ୍ୟୁଜ୍‌ବ୍ୟୁରୋ**

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଭିତ୍ତିଭୂମିର କଳେବର ବୃଦ୍ଧି କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ିଛି। ବିମାନବନ୍ଦରର ଟର୍ମିନାଲ-୧ (ଘରୋଇ) ଓ ଟର୍ମିନାଲ-୨ (ଅନ୍ତର୍ଜାତୀୟ) ମଧ୍ୟରେ ସଂଯୋଗ କୋଠାକୁ ଆଭାସୀ ଜରିଆରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଭି.କେ ସିଂହ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ବାଣିଜ୍ୟ, ପରିବହନ ଓ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଉପସ୍ଥିତ ଥିଲେ। ୮୭.୨୧ କୋଟି ଟଙ୍କାରେ



ଆଧୁନିକ ଶୈଳୀରେ ନିର୍ମିତ ଏହି ସଂଯୋଗ କୋଠା ୩୩୬୦ ବର୍ଗମିଟର ଅଞ୍ଚଳ ପରିମିତ। ଏହାକୁ ସ୍ୱତନ୍ତ୍ର ଭାବେ ଆନ୍ତର୍ଜାତିକ ବିମାନ ଯାତ୍ରୀଙ୍କ ଆଗମନ ପାଇଁ ବ୍ୟବହାର କରାଯିବ। କୋଠାରେ ଯାତ୍ରୀଙ୍କ ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ସୁଯୋଗ ରହିଛି। ଏଥିରେ ଦୁଇଟି କନଭେୟର ବେଲ୍ଟ,, ୩ଟି ଏସ୍କାଲେଟର, ୩ଟି ଲିଫ୍ଟ ଓ ୧୨ଟି ଇମିଗ୍ରେସନ କାଉଣ୍ଟର ରହିଛି। ନୂଆ ନିର୍ମାଣ ପରେ ଭୁବନେଶ୍ୱର ବିମାନବନ୍ଦରର ଯାତ୍ରୀ ପରିବହନ କ୍ଷମତା ପୂର୍ବର ୪.୧୫ ନିୟୁତରୁ ବଢ଼ି ୪.୬୫ ନିୟୁତରେ ପହଞ୍ଚିଛି। ଗତ ଡିସେମ୍ବରରେ ୪ ଲକ୍ଷରୁ ଅଧିକ ଯାତ୍ରୀ ପରିଚାଳନା କରିଛି ଭୁବନେଶ୍ୱର ବିମାନ ବନ୍ଦର। ଆଗାମୀ ମାର୍ଚ୍ଚ ସୁଦ୍ଧା ଏହାର ଯାତ୍ରୀ ପରିଚାଳନା କ୍ଷମତାକୁ ୮.୮ ନିୟୁତକୁ ବଢ଼ାଇବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଭାରତ ସରକାରଙ୍କ ସମସ୍ତ ଅଧିକାରୀ, ମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ରବିବାସରୀୟ କଳିକା
ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ଫଳୁଛି ବିଦେଶୀ ଫଳ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-7 • Issue-42 • 7th-13th February 2024 • Bhubaneswar
ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ
ଓଡ଼ିଆ ଶବ୍ଦ ଭଣ୍ଡାରକୁ ସମୃଦ୍ଧ କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ
ସେବା ମନୋବୃତ୍ତି ଓ ସଂକଳ୍ପ ନେଇ ସରକାର କାର୍ଯ୍ୟ କରୁଛନ୍ତି

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ୨ ହାର୍ଡକୋର ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

**ବୌଦ୍ଧ,୯।୨ :ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲା ପୋଲିସ ମୁଖ୍ୟାଳୟ ଠାରେ ଦୁଇ ଜଣ ହାର୍ଡକୋର ମହିଳା ମାଓବାଦୀ ପୋଲିସ ସାଉଥ୍‌ରେ ବ୍ରହ୍ମପୁର ଆଇଜିପି ଜୟନାରାୟଣ ପଙ୍କଜଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ବୌଦ୍ଧ ଜିଲ୍ଲା ପୋଲିସ ମୁଖ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆତ୍ମସମର୍ପଣ କରିଥିବା ଦୁଇ ମହିଳା ହାର୍ଡକୋର ମାଓବାଦୀଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିବା ସହ ସରକାରଙ୍କ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ଆଇଜିପି ପ୍ରତିଶୃତି ଦେଇଥିଲେ। ଦୁଇ ମହିଳା ହାର୍ଡକୋର ମାଓବାଦୀଙ୍କ ଆତ୍ମସମର୍ପଣ ସମୟରେ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ମଧ୍ୟ ଉପସ୍ଥିତ ଥିଲେ। ଆତ୍ମସର୍ମପଣ



କରିଥିବା ଏହି ଦୁଇ ହାର୍ଡକୋର ମାଓବାଦୀ ହେଲେ ମନୀଷା ଥାଟି (୨୧) ଏବଂ ଚମ୍ପା କୋରାମ (୨୨)। ସେମାନେ ଛତିଶଗଡ଼ର ହୋଇଥିବା ବେଳେ କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୟାଗଡ଼ (କେକେବିଏନ୍) ଡିଭିଜନରେ ସାମିଲ ହୋଇ କାର୍ଯ୍ୟ କରୁଥିଲେ। ସେମାନେ ୨୦୧୮ ମସିହାଠାରୁ ସିପିଆଇ (ମାଓବାଦୀ) ସଂଗଠନରେ କାର୍ଯ୍ୟ କରୁଥିବାବେଳେ ଉଭୟ ଛତିଶଗଡ଼ ଏବଂ ଓଡ଼ିଶାରେ ଅନେକ ହିଂସାତ୍ମକ କାର୍ଯ୍ୟକଳାପରେ ଜଡ଼ିତ ଥିଲେ। ମାଓବାଦୀ ସଂଗଠନରେ ମହିଳା କ୍ୟାଡରକୁ ଯୌନ ଉତ୍ପୀଡ଼ନ, ମିଥ୍ୟା ପ୍ରତିଶ୍ରୁତି, ଗଞ୍ଜେଇ ଚାଷରେ ଲିପ୍ତ କରାଇବା, ଭୟଭୀତ କରାଇବା ତଥା ପାଣ୍ଠି ଯୋଗାଇବା ଭଳି ଅନୈତିକ କାର୍ଯ୍ୟକଳାପ କରୁଥିବା ଯୋଗୁଁ ସେମାନେ ଅତିଷ୍ଠ ହୋଇ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିବା ପ୍ରେସ୍‌ମିଟ୍‌ରେ ପ୍ରକାଶ କରିଥିଲେ । ଶେଷରେ ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନଃ ଥଇଥାନ ଯୋଜନାରେ ସାମିଲ ହୋଇ ଏକ ସାଧାରଣ ମଣିଷ ଭାବେ ଜୀବନ ଯାପନ କରିବାକୁ ଚିନ୍ତାକରି ସେମାନେ ଏଭଳି ନିଷ୍ପତ୍ତି ନେଇଥିବା ଏହି ଦୁଇ ମହିଳା ମାଓବାଦୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ ।

# ଭୁବନେଶ୍ୱର ଯାଉଥିଲେ ଟ୍ରାଫିକ ଇନ୍‌ସପେକ୍ଟର କାର୍‌ରୁ ୪.୨୭ ଲକ୍ଷ ଟଙ୍କା ଜବତ କଲା ଭିଜିଲାନ୍ସ

**ଜଗତସିଂହପୁର,୯।୨ :ନ୍ୟୁଜ୍‌ବ୍ୟୁରୋ**



ଜଗତସିଂହପୁର ଆରଟିଓ ଟ୍ରାଫିକ ଇନ୍‌ସପେକ୍ଟର ପ୍ରଶାନ୍ତ ମହାପାତ୍ର ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ ନିଜ ଗାଡ଼ିରେ ନଗଦ ୪ ଲକ୍ଷ୨୭ ହଜାର ଟଙ୍କା ନେଇ ଭୁବନେଶ୍ୱର ଯାଉଥିବା ବେଳେ ଧରାପଡ଼ିଛନ୍ତି। ଶ୍ରୀ ମହାପାତ୍ର ଏକ କାର୍‌ରେ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ବେଳେ ଭିଜିଲାନ୍ସ ବିଭାଗ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ଭିଜିଲାନ୍ସ ଟିମ୍ କଟକ ନିକଟ ବିରିବାଟୀ ତାରିଣୀ ଛକରେ ଛକି ବସିଥିଲା। କାର୍‌ଟି ଘଟଣାସ୍ଥଳରେ ପହଞ୍ଚିଲା ପରେ ଭିଜିଲାନ୍ସ ଟିମ୍ ଅତର୍କିତ ଚଢ଼ଉ କରିଥିଲେ। ଏତେ ଟଙ୍କା କେଉଁଠୁ ଆସିଲା ସେନେଇ ଶ୍ରୀ ମହାପାତ୍ର ଭିଜିଲାନ୍ସକୁ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଭିଜିଲାନ୍ସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

## ଯାଜପୁରରେ ମଲ୍ଟି ସ୍କିଲ୍ ସେଣ୍ଟର ପ୍ରତିଷ୍ଠା ପାଇଁ

# ଟାଟା ଷ୍କିଲ୍ ଫାଉଣ୍ଡେସନ୍ ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ଯାଜପୁର,୯।୨ :ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାରେ ଏକ ମଲ୍ଟି ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର (ଏମ୍‌ଏସ୍‌ଡିସି) ପ୍ରତିଷ୍ଠା ପାଇଁ ଟାଟା ଷ୍କିଲ୍ ଫାଉଣ୍ଡେସନ୍ (ଟିଏସ୍‌ଏଫ୍) ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ଶୁକ୍ରବାର ଏକ ବୁଝାମଣାପତ୍ର ବିଶ୍ୱ ଦକ୍ଷତା କେନ୍ଦ୍ରରେ ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇଙ୍କ ଉପସ୍ଥିତିରେ ଯାଜପୁରର ଦାନଗଦୀ ବ୍ଲକ୍ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ଓ ଟାଟା ଷ୍କିଲ୍ ଫାଉଣ୍ଡେସନ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭ ରାୟ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷା ଅଳକା ମିଶ୍ର, ଟାଟା ଷ୍କିଲ୍ ଫାଉଣ୍ଡେସନର ସିଏସ୍‌ଆର (ଓଡ଼ିଶା) ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ, ଟାଟା ଷ୍କିଲ୍ ଫାଉଣ୍ଡେସନର ଦକ୍ଷତା ବିକାଶ ମୁଖ୍ୟ କ୍ୟାପଟେନ୍ ଅମିତାଭ ପ୍ରମୁଖ ଉପସ୍ଥିତ ଥିଲେ। ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ଶିଳ୍ପ ଭିତ୍ତିକ ପ୍ରଶିକ୍ଷଣ ପାଠ୍ୟକ୍ରମ ପ୍ରଦାନ




କରିବା ଲକ୍ଷ୍ୟରେ ଦାନଗଦୀ ଓ ସୁକିନ୍ଦା ବ୍ଲକର ଅବହେଳିତ ସମାଜର ଯୁବକଯୁବତୀଙ୍କୁ ଏମ୍‌ଏସ୍‌ଡିସି ଉପକୃତ କରିବ। ଏହି ଚୁକ୍ତି ଅନୁଯାୟୀ ଟାଟା ଷ୍କିଲ୍ ଫାଉଣ୍ଡେସନ୍ ଓଡ଼ିଶା ସରକାରଙ୍କ ସହ ମିଶି ଯାଜପୁରର ଦାନଗଦୀ ବ୍ଲକରେ ସ୍ୱଳ୍ପକାଳୀନ ଦକ୍ଷତା ପ୍ରଶିକ୍ଷଣ ପାଠ୍ୟକ୍ରମ ପାଇଁ ଆବଶ୍ୟକ ଭିତ୍ତିଭୂମି ସ୍ଥାପନ କରିବ। ଏହି ଅବସରରେ ଟାଟା ଷ୍କିଲ୍ ଫାଉଣ୍ଡେସନର ସିଇଓ ସୌରଭ ରାୟ କହିଛନ୍ତି ଯେ "ଏମ୍‌ଏସ୍‌ସି ପ୍ରତିଷ୍ଠାର ଉଦ୍ଦେଶ୍ୟ ହେଉଛି ଯୁବକମାନଙ୍କୁ ଯେଉଁଠାରେ ସବୁଠାରୁ ଅଧିକ ଆବଶ୍ୟକ ସେଠାରେ ନିଯୁକ୍ତି ସୁଯୋଗ ଉପଲବ୍ଧ କରାଇବା। ଯୁବବର୍ଗଙ୍କ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବାର ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ ଏହି ସୁବିଧା ରଖାଯାଇଛି। କେନ୍ଦୁଝର ଜିଲ୍ଲା ବଂଶପାଳସ୍ଥିତ ଶିଳ୍ପ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଆଇଟିଆଇ) ଏବଂ ସୁକିନ୍ଦା ଓ ଗୋପାଳପୁରରେ ପ୍ରତିଷ୍ଠା ହୋଇଥିବା ଅନ୍ୟାନ୍ୟ ଦକ୍ଷତା ବିକାଶ ଅନୁଷ୍ଠାନ ଓ ପ୍ରଶିକ୍ଷଣ କେନ୍ଦ୍ର ମାଧ୍ୟମରେ ଏମ୍‌ଏସ୍‌ଡିସି ଯୁବପିଢ଼ିଙ୍କୁ ସେମାନଙ୍କ ପ୍ରତିଭା ସହ ଯୋଡ଼ି ହୋଇଥିବା ନିଯୁକ୍ତି ହାସଲ କରିବାରେ ସହାୟକ ହେବ। ଓଡ଼ିଶା ସରକାର ଓ ଜିଲ୍ଲା ପ୍ରଶାସନ ଆମ ଉପରେ ଯେଉଁ ବିଶ୍ୱାସ ରଖିଛନ୍ତି ସେଥିପାଇଁ ଆମେ ସେମାନଙ୍କୁ କୃତଜ୍ଞତା ଜଣାଉଛୁ ଏବଂ ଏହାକୁ ସମ୍ଭବ କରିବାରେ ସହଯୋଗ କରୁଛୁ। ଏମ୍‌ଏସ୍‌ଡିସି ସ୍ଥାନୀୟ ଯୁବକମାନଙ୍କ ଆବଶ୍ୟକତା ଅନୁଯାୟୀ ଧନ୍ଦାମୂଳକ ପ୍ରଶିକ୍ଷଣ ପ୍ରଦାନ କରିବ, ସମ୍ପୂର୍ଣ୍ଣ ହେବା ପରେ ଶିଳ୍ପ ପ୍ରସ୍ତୁତି ଏବଂ ନିଯୁକ୍ତି ଯୋଗ୍ୟତାକୁ ସୁନିଶ୍ଚିତ କରିବ। ଏହା ବ୍ୟତୀତ ଏନେଇ କାଉନସେଲିଂ ପ୍ରଦାନ କରିବ, ଉଦ୍ୟୋଗକୁ ପ୍ରୋତ୍ସାହିତ କରିବ ଏବଂ ନିଯୁକ୍ତି ସହାୟତା ବୃଦ୍ଧି ପାଇଁ ଇଂରାଜୀ ଦକ୍ଷତା, ସଫ୍ଟ ସ୍କିଲ୍ ଏବଂ ଡିଜିଟାଲ୍ ସାକ୍ଷରତା ଭଳି ମୌଳିକ ଦକ୍ଷତା ବିକାଶ ଉପରେ ଧ୍ୟାନ ଦେବ। ଜାତୀୟ ଶିକ୍ଷା ନୀତି ଅନୁଯାୟୀ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ପ୍ରଶିକ୍ଷଣ ଓ ସଚେତନତା ପ୍ରଦାନ ପାଇଁ ଏହି କେନ୍ଦ୍ରରେ ଏକ ସ୍ୱତନ୍ତ୍ର ପରୀକ୍ଷାଗାର ରହିବ।

# ସିଏମ୍‌ସିର ପଦକ୍ଷେପ : ଖୁବ୍‌ଶୀଘ୍ର ପ୍ରଚଳନ ହେବ ନୂଆ ଆପ୍ 'କଟକ ୱାନ୍'

**କଟକ,୯।୨ :ନ୍ୟୁଜ୍‌ବ୍ୟୁରୋ**

ସର୍ବସାଧାରଣଙ୍କୁ ସୁବିଧାରେ ବିଭିନ୍ନ ସେବା ଯୋଗାଇଦେବା ସକାଶେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଖୁବ୍‌ଶୀଘ୍ର ଏକ 'ଆପ୍' ପ୍ରଚଳନ କରାଯିବ। ଯାହାର ନାମ 'କଟକ ୱାନ୍' । ସାଧାରଣ ଲୋକ ନିଜ ମୋବାଇଲ ମାଧ୍ୟମରେ ଏହି 'ଆପ୍' ଡାଉନ୍‌ଲୋଡ୍ କରି ସିଏମ୍‌ସି ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସେବା କିପରି ସହଜରେ ପାଇପାରିବେ ସେ ସଂକ୍ରାନ୍ତରେ ଅବଗତ ହେବେ। ତା' ଛଡା ବିଭିନ୍ନ ଅଭିଯୋଗ ମଧ୍ୟ ସେମାନେ ଉକ୍ତ ଆପ୍ ଜରିଆରେ ଦାଖଲ କରିପାରିବେ। ଯାହାକି ଉକ୍ତ ପୋର୍ଟାଲରେ ପ୍ରଦର୍ଶିତ ହେବ। ସେହିପରି ଅଭିଯୋଗ ସମାଧାନ ପରେ ସେ ସଂକ୍ରାନ୍ତରେ ମଧ୍ୟ ଉକ୍ତ ପୋର୍ଟାଲରେ ସବିଶେଷ ତଥ୍ୟ ସ୍ଥାନ ପାଇବ। ସାଧାରଣ ଜନତାଙ୍କୁ ଖୁବ୍ କମ୍ ସମୟ ଓ ସହଜରେ ଏହି ସେବା ଯୋଗାଇ ଦେବାକୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସିଏମ୍‌ସି ଡେପୁଟି କମିଶନର ସୁବ୍ରତ ବେହେରା କହିଛନ୍ତି। ସିଏମ୍‌ସିର ଏଭଳି ପଦକ୍ଷେପ ସହରବାସୀଙ୍କୁ ବିଭିନ୍ନ କ୍ଷେତ୍ରରେ ସହାୟତା ପ୍ରଦାନ କରିବ ବୋଲି ଆଶା କରାଯାଉଛି।

# ୮ ଲକ୍ଷ ଟଙ୍କାର ନକଲି ଜର୍ଦ୍ଦା ଜବତ : ଜଣେ ଗିରଫ, ଜଣେ ଫେରାର

**ଭଦ୍ରକ,୯।୨ :ନ୍ୟୁଜ୍‌ବ୍ୟୁରୋ**

ପୁଣି ଜବତ ହେଲା ନକଲି ଜର୍ଦ୍ଦା ଏବଂ ଜର୍ଦ୍ଦା ପାଇଁ ଆବଶ୍ୟକ ସାମଗ୍ରୀ ଓ ଯନ୍ତ୍ରାଂଶ। ଏହି ଘଟଣାରେ ଜଣେ ଗିରଫ ହୋଇଥିବା ବେଳେ ଜଣେ ଫେରାର ହୋଇଥିବା ଜଣାପଡ଼ିଛି। ଭଦ୍ରକ ଜିଲ୍ଲା ପୁରୁଣାବଜାର ପୋଲିସ ଏହି ଜର୍ଦ୍ଦା ଜବତ କରିଛି।

ସୂଚନା ଅନୁଯାୟୀ, ନକଲି ଜର୍ଦ୍ଦା କାରଖାନା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁରୁଣାବଜାର ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ଥାନା ଅଧିକାରୀଙ୍କ ନେତୃତ୍ୱରେ ଗଠିତ ଟିମ୍ ଦାସ ସାହିରେ ଏକ ଘରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ୩୦ କିଲୋ ଓଜନର ନକଲି ଜର୍ଦ୍ଦା ଜବତ ହୋଇଛି। ଏହା ବାଦ୍ ଜର୍ଦ୍ଦା ପାଇଁ ଆବଶ୍ୟକ ପତି, କେମିକାଲ, ସେଣ୍ଟ ମଧ୍ୟ ଜବତ ହୋଇଛି। ଜର୍ଦ୍ଦା ତିଆରି ପାଇଁ ଆବଶ୍ୟକ ଯନ୍ତ୍ରାଂଶ ପୋଲିସ ଜବତ କରିଛ। ତେବେ ଜବତ ସାମଗ୍ରୀର ମୂଲ୍ୟ ୮ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ପୁରୁଣାବଜାର ଥାନାରେ ୨୭ ନମ୍ବର କେସ ରୁଜୁ ହୋଇଥିବା ବେଳେ ଜଣେ ଅଭିଯୁକ୍ତ ଗିରଫ ହୋଇଛି ଓ ଅନ୍ୟ ଜଣେ ଫେରାର ହୋଇଥିବା ସୂଚନା ମିଳିଛି।

# ୨୦୨୪ ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଗାଁକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଇବାକୁ ଲକ୍ଷ୍ୟ ରହିଛି : ମନ୍ତ୍ରୀ

**ଭୁବନେଶ୍ୱର ,୯।୨ :ନ୍ୟୁଜ୍‌ବ୍ୟୁରୋ**

ବିଧାନସଭା ବଜେଟ୍ ଅଧିବେଶନର ଅବସରରେ ଗୃହର ସଦସ୍ୟଙ୍କ ପ୍ରଶ୍ନର ଉତ୍ତରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ରାଜ୍ୟର ସମସ୍ତ ଗାଁକୁ ୨୦୨୪ ଶେଷ ସୁଦ୍ଧା ପାଇପ ଯୋଗେ ପିଇବା ପାଣି ଯୋଗାଇବାକୁ ଲକ୍ଷ୍ୟ ରହିଛି। ତେବେ ଯେଉଁଠି ଉତ୍ସ କି ଜମି ସମସ୍ୟା ରହିଛି, ସେଠି ୨୦୨୫ ସୁଦ୍ଧା ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କାର୍ଯ୍ୟ ସରିବ। ମାର୍ଚ୍ଚ ୨୦୨୩ ସୁଦ୍ଧା, ୫୮% ଗାଁରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଦିଆଯାଇଛି । ଯେଉଁଠି ପାଇପ ନାହିଁ କି କାମ ଜାରି ରହିଛି, ସେଠାରେ ଜିଲ୍ଲାପାଳ, ପିଡି ଡିଆରଡିଏ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ନୂଆ ଟ୍ୟୁବୱେଲ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ନୂଆ ଜନବସତିରେ ଅତିରିକ୍ତ ଟ୍ୟୁବ୍‌ୱେଲ ଲଗାଯିବ। ଯେଉଁଠି ୭୦ ଲୋକଙ୍କ ଜନସଂଖ୍ୟା ଅଛି, ସେଠାରେ ବି ନୂଆ ଟ୍ୟୁବୱେଲ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାପାଳ କି ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଯାଞ୍ଚ ରିପୋର୍ଟ ଆଧାରରେ ନୂଆ ଟ୍ୟୁବ୍‌ୱେଲ ଲଗାଯିବ। ହେଲେ ଯେଉଁଠି ଘରୋଇ ଟ୍ୟୁବ୍‌ୱେଲ କି ପାଇପ ଅଛି, ସେଠାରେ ଟ୍ୟୁବ୍‌ୱେଲ ଲଗାଯିବାର କୌଣସି ଯୋଜନା ନାହିଁ। ପାନୀୟ ଜଳ ସମସ୍ୟା ଥିଲେ, ୧୯୧୬ ହେଲ୍ପଲାଇନ ନମ୍ବର ଯୋଗେ ପ୍ରଶାସନକୁ ଜଣାଇବାର ବ୍ୟବସ୍ଥା ରହିଛି ବୋଲି ବିଭାଗୀୟ ମନ୍ତ୍ରୀ ଗୃହରେ ଉତ୍ତର ରଖିଛନ୍ତି।

# ବେଆଇନ ଲିଙ୍ଗ ନିରୂପଣ ଅଭିଯୋଗ : ୩ ଗିରଫ

**କଟକ ,୯।୨ :ନ୍ୟୁଜ୍‌ବ୍ୟୁରୋ**

ବେଆଇନ ଲିଙ୍ଗ ନିରୁପଣ ଅଭିଯୋଗରେ ଗିରଫ ହେଲେ ସରକାରୀ ଡାକ୍ତର। ଅଭିଯୁକ୍ତ ଡାକ୍ତରଙ୍କ ସହ ତାଙ୍କ ପତ୍ନୀ ଏବଂ ୩ ଜଣ ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କଟକ ମଙ୍ଗଳାବାଗ ଥାନା ପୋଲିସ। କଟକ ଫ୍ରେଣ୍ଡ୍ସ କଲୋନୀରେ ସମ୍ପୃକ୍ତ ଡାକ୍ତରଙ୍କ ଘରେ ଶୁକ୍ରବାର ସକାଳୁ ଚଢ଼ଉ କରି ଲିଙ୍ଗ ନିରୁପଣ ସମୟରେ ଜଣେ ମହିଳାଙ୍କୁ ଅଟକ ରଖିବା ସହ ଲିଙ୍ଗ ନିରୁପଣ ପାଇଁ ବ୍ୟବହୃତ ଅଲଟ୍ରାସାଉଣ୍ଡ ମେସିନ, କିଛି ଆନୁସଙ୍ଗିକ ଯନ୍ତ୍ରପାତି ଓ ଟଙ୍କା ଜବତ କରିଛି ସ୍ୱାସ୍ଥ୍ୟ ବିଭାଗ। ଅଭିଯୁକ୍ତ ଡାକ୍ତରଙ୍କ ବିରୁଦ୍ଧରେ ପୂର୍ବରୁ ମଧ୍ୟ ଅନୁରୂପ ଅଭିଯୋଗରେ ଦୁଇ ଦୁଇ ଥର କାର୍ଯ୍ୟାନୁଷ୍ଠାନ ହୋଇଥିଲା।